


▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-339 ◆BHUBANESWAR ◆SATURDAY ◆7 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୩୯ ◆ଭୁବନେଶ୍ୱର ◆ଶନିବାର ◆୭ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଟ୍ରମ୍ପ-ମସ୍କ ମୁହାଁମୁହିଁ



■ ରାଷ୍ଟ୍ରପତି ପଦରୁ ଟ୍ରମ୍ପଙ୍କୁ ହଟାଯାଉ: ମସ୍କ
■ ମସ୍କ ପାଗଳ ହୋଇଯାଇଛନ୍ତି: ଟ୍ରମ୍ପ

■ **ୱାଶିଂଟନ, ୬।୬ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କୁ ଜିତାଇବାରେ ପ୍ରମୁଖ ଗ୍ରହଣ କରିଥିଲେ ଶିଳ୍ପପତି ଏଲନ ମସ୍କ। ବିଜୟୀ ହେବାପରେ ଟ୍ରମ୍ପ ଓ ମସ୍କ ମଧ୍ୟରେ ସଂପର୍କ ଏତେ ନିବିଡ଼ ହୋଇଯାଇଥିଲା ଯେ ଦୁହେଁ ପରସ୍ପରକୁ ପ୍ରଶଂସାରେ ପୋତି ପକାଉଥିଲେ। କିନ୍ତୁ ଏବେ ହଠାତ ଟ୍ରମ୍ପ ଓ ମସ୍କ ଶତ୍ରୁ ପାଲଟିଯାଇଛନ୍ତି। ଦୁହେଁ ପରସ୍ପର ବିରୋଧରେ ବିଷୋଦଗାର କରିବାରେ ଲାଗି ପଡ଼ିଛନ୍ତି। ସେମାନଙ୍କ ବିଷୋଦଗାର ନିମ୍ନ ସ୍ତରକୁ ଖସିଯାଇଛି। ଟ୍ରମ୍ପ ରାଷ୍ଟ୍ରପତି ହେବାକୁ ଅଯୋଗ୍ୟ ବୋଲି ମସ୍କ କହିଥିବା ବେଳେ ମସ୍କଙ୍କୁ ପାଗଳ ବୋଲି କହିଛନ୍ତି ଟ୍ରମ୍ପ। ଏହି ଘଟଣା କେବଳ ଆମେରିକା ନୁହେଁ, ବିଶ୍ୱ ରାଜନୀତିରେ ମଧ୍ୟ ହଟଚମଟ ସୃଷ୍ଟି କରିଛି। ବିଭିନ୍ନ କାରଣ ନେଇ ଟ୍ରମ୍ପଙ୍କ ଉପରେ କ୍ଷୁବ୍ଧ ଥିବା ମସ୍କ କହିଛନ୍ତି ଯେ ତାଙ୍କ ପାଇଁ ନିର୍ବାଚନ ଜିତିଛନ୍ତି ଟ୍ରମ୍ପ। କିନ୍ତୁ କୃତଜ୍ଞ ହେଉ ନାହାନ୍ତି। ମୁଁ ସାହାଯ୍ୟ କରିନଥିଲେ ଟ୍ରମ୍ପ ରାଷ୍ଟ୍ରପତି ହୋଇପାରି ନଥାଆନ୍ତେ। ମସ୍କଙ୍କ ଏଭଳି ମନ୍ତବ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ସେ କହିଛନ୍ତି ଯେ ମସ୍କ ପାଗଳ ହୋଇଯାଇଛନ୍ତି।

ସୂଚନାଯୋଗ୍ୟ ଯେ ଟ୍ରମ୍ପ ସରକାରରୁ ଓହରିଯିବା ପରେ ହିଁ ଏଲନ ମସ୍କ ଖୋଲାଖୋଲି ଭାବେ ତାଙ୍କର ବିରୋଧ କରିବା ଆରମ୍ଭ କରିଛନ୍ତି। ସେମାନଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ସୃଷ୍ଟି ହୋଇଛି। ଗତକାଲି ଟ୍ରମ୍ପ ଓ ମସ୍କଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କଥା ଏତେବାଟ ବଢ଼ିଯାଇଥିଲା ଯେ, ମସ୍କ ଟ୍ରମ୍ପଙ୍କୁ ରାଷ୍ଟ୍ରପତି ପଦରୁ ହଟାଇବାକୁ ଦାବି କରିଥିଲେ। କହିଥିଲେ ଯେ 'ମୋ ସାହଯ୍ୟ ବିନା ଟ୍ରମ୍ପ କଦାପି ନିର୍ବାଚନ ଜିତିପାରି ନଥାନ୍ତେ। ଟ୍ରମ୍ପ ଏବେ ବେଇମାନି କରିଛନ୍ତି।' ଟ୍ରମ୍ପଙ୍କ ଉଚ୍ଚାଭିଳାଷୀ 'ବିଗ୍ ବିୟୁଟିଫୁଲ ବିଲ୍' ଅର୍ଥାତ ଟ୍ୟାକ୍ସ ଓ ଖର୍ଚ୍ଚ ବିଲ୍‌କୁ ଅଯଥା ଖର୍ଚ୍ଚ କରିବାର ଏକ ପ୍ରକ୍ରିୟା ବୋଲି ମସ୍କ କହିଛନ୍ତି। ତେଣୁ ଯଥାଶୀଘ୍ର ଟ୍ରମ୍ପଙ୍କୁ ହଟାଇ ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ରାଷ୍ଟ୍ରପତି ପଦରେ ଅଧିଷ୍ଠିତ କରିବା ଉଚିତ୍ ବୋଲି ସେ କହିଛନ୍ତି। ମସ୍କ ଆହୁରି ସୂଚନା ଦେଇ କହିଛନ୍ତି ଯେ ସେ ଖୁବଶୀଘ୍ର ଏକ ରାଜନୈତିକ ଦଳ ଗଠନ କରିବେ।

▶ପୃଷ୍ଠା-୭

# ୪ ପ୍ରସ୍ତାବକୁ କ୍ୟାବିନେଟ ମୋହର

**ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଖର୍ଚ୍ଚ ହେବ ୬୦୦୦ କୋଟି**

**ଚଳିତ ଆର୍ଥିକ ବର୍ଷ ପାଇଁ ୧୧୦୦ କୋଟି ବ୍ୟୟ ଅଟକଳ**

■ **ଭୁବନେଶ୍ୱର, ୬।୬ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'ନାମରେ ଏକ ନୂଆ ଯୋଜନା କାର୍ଯ୍ୟକାରୀ କରାଯିବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି ଓ ୨୦୨୯ ମସିହା ମଧ୍ୟରେ ଏହି ଯୋଜନାରେ ୬୦୦୦ କୋଟି ଖର୍ଚ୍ଚ ହେବ ବୋଲି କୁହାଯାଇଛି। ସେହିପରି 'ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନା'କୁ ବୈଠକରେ ଅନୁମୋଦନ ମିଳିଛି ଓ ଏହାଦ୍ୱାରା ଶିକ୍ଷା, ଶିଳ୍ପ ଓ ଗବେଷଣା ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରି ସମାଜକୁ ଲାଭ ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଅନୁରୂପ ଭାବରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ ଡ୍ୟାମ ଓ ସ୍ପିଲ ୱେ ନିର୍ମାଣ, ଭୁବନେଶ୍ୱର ଚନ୍ଦ୍ରଶେଖରପୁରଠାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ସପକ୍ଷରେ ସରକାରୀ ଜମି ବାବଦକୁ ୨ କୋଟି ୬୦ ଲକ୍ଷ ୮୨ ହଜାର ଟଙ୍କା ଛାଡ଼ ନିଷ୍ପତ୍ତି ଉପରେ ମଧ୍ୟ ମୋହର ବାଜିଛି।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଦେଇଥିବା ସୂଚନା ଅନୁଯାୟୀ ବୈଠକରେ ମୋଟ ୫ଟି ପ୍ରସ୍ତାବ ଉପସ୍ଥାପିତ ହୋଇଥିବା ବେଳେ ତନ୍ମଧ୍ୟରୁ ୪ଟିକୁ ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧିନରେ ସହରୀ ଭିତ୍ତିଭୂମି ବିକାଶ, ଶ୍ରମ ସମୃଦ୍ଧି ଯଥା ମୁକ୍ତାକାଶ ବ୍ୟାୟାମ ଶାଳା, ଶିଶୁ କ୍ରୀଡ଼ା ଉଦ୍ୟାନ, ବନୀକରଣ ପ୍ରକଳ୍ପ, ଖେଳ ପଡ଼ିଆ ଏବଂ ସାଂସ୍କୃତିକ କେନ୍ଦ୍ର ପରି ଧାର୍ମିକ ସ୍ଥାନର ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଜଳ ସମୃଦ୍ଧି ଏବଂ ପ୍ରାଣୀ ସମୃଦ୍ଧି ଏହି ଯୋଜନାର ଅନ୍ୟ

▶ପୃଷ୍ଠା-୭


DADLS-25

# ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)


# ଅଶୁଭ ଶୁକ୍ରବାର ଦୁର୍ଘଟଣାରେ ଗଡ଼ିଲା ୭ ମୁଣ୍ଡ

**ଟ୍ୟାଙ୍କର୍ ଧକ୍କାରେ ଗଲା ମାମୁ ଓ ଦୁଇ ଭାଣିଜୀଙ୍କ ଜୀବନ**

**ଗଛରେ ପିଟିହେଲା ଟାଟା ମ୍ୟାଜିକ୍; ଦମ୍ପତି ମୃତ**

**ବସ୍ ଧକ୍କାରେ ଗଲା ୨ ବାଇକ୍ ଆରୋହୀଙ୍କ ଜୀବନ**



■ **ଦିଗପହଣ୍ଡି/କୋଲାବିରା/ଦେବଗଡ଼, ୬।୬ (ସମିସ):** ଦୁର୍ଘଟଣାରେ ଆଜି ରାଜ୍ୟରେ ୭ଜଣଙ୍କ ମୁଣ୍ଡ ଗଡ଼ିଛି। ଗଂଜାମ ଜିଲ୍ଲା ଦେଇ ଯାଇଥିବା ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତାରେ ଟ୍ୟାଙ୍କର୍ ଧକ୍କାରେ ମାମୁଁ ସମେତ ୨ ଭାଣିଜୀଙ୍କ ମୃତ୍ୟୁ ଘଟିଥିବା ବେଳେ ଝାରସୁଗୁଡ଼ା ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ଶିରିଆପାଲିଠାରେ ବସ୍ ଧକ୍କାରେ ୨ ବାଇକ୍ ଚାଳକ ପ୍ରାଣ ହରାଇଛନ୍ତି। ସେହିପରି, ଦେବଗଡ଼ ଜିଲ୍ଲା ଅସନପାଳ ଗ୍ରାମ ନିକଟ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥରେ ଏକ ଟାଟା ମ୍ୟାଜିକ୍ ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ସେଥିରେ ଥିବା ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି।

ସୂଚନାନୁସାରେ, ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତାର ବଜାଜ୍ ସୋ' ରୁମ୍ ସାମ୍ନାରେ ଆଜି ଅପରାହ୍ଣ ପ୍ରାୟ ୪ଟାରେ ଏକ ତେଲ ବୋଝେଇ ଟ୍ୟାଙ୍କର୍ ସହ ବୁଲେଟ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ, ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ଦକ୍ଷିଣପୁର ଗ୍ରାମର ଜି. ତ୍ରିନାଥ ରେଡ୍ଡୀ(୩୯) ଏବଂ ତାଙ୍କ ଦୁଇଭାଣିଜୀ ସାନଖେମୁଣ୍ଡି ବ୍ଲକ ଗୌତମୀ ଗ୍ରାମର ବର୍ଷା ରେଡ୍ଡୀ (୧୮)

▶ପୃଷ୍ଠା-୭







# ଇଦ୍-ଉଜ୍-ଜୁହା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0671/2526

## ୟୁକ୍ରେନରେ ରୁଷିଆର ଜବାବୀ ଆକ୍ରମଣ; ୪ ମୃତ



ମସ୍କୋ, ୬।୬(ଏଜେନ୍ସି): ୟୁକ୍ରେନର ଡ୍ରୋନ ଆକ୍ରମଣର ପ୍ରତିଶୋଧ ନେବାକୁ ରୁଷ ପଦକ୍ଷେପ ଗ୍ରହଣ କରିଛି । ଗତ ରାତିରେ ରୁଷିଆ ୟୁକ୍ରେନର ରାଜଧାନୀ କିଭ୍ ସମେତ କେତୋଟି ପ୍ରମୁଖ ସହର ଉପରେ ମିସାଇଲ୍ ମାଡ କରିବା ସହ ଡ୍ରୋନ ମାଧ୍ୟମରେ ଆକ୍ରମଣ କରିଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମୀର ପୁତିନଙ୍କ ମଧ୍ୟରେ ଫୋନ୍‌ରେ କଥା ହେବାର ଗୋଟିଏ ଦିନରେ ହିଁ ରୁଷିଆ ଏହି ଅକ୍ରମଣ କରିଛି । ରୁଷିଆ ଏହି ଆକ୍ରମଣ ଅବସରରେ ୟୁକ୍ରେନ୍‌ର ସବୁ ଅଞ୍ଚଳରେ ବିମାନ ଆକ୍ରମଣର ଆଶଙ୍କା ଥିବା ନେଇ ଚେତାବନୀ ଦିଆଯାଇଛି । ରୁଷିଆର ଟିୟୁ-୯୫ଏମ୍‌ଏସ୍ ବମ୍ବର ଏୟାରକ୍ରାଫ୍ଟ କ୍ରୁଜ୍ ମିସାଇଲ୍ ମାଡ କରିଛି ବୋଲି ୟୁକ୍ରେନ୍ ବାୟୁସେନା ତରଫରୁ କୁହାଯାଇଛି । ୟୁକ୍ରେନ୍‌ର କିଭ୍, ଟେର୍ନୋପିଲ୍, ଖମେଲନିଟ୍‌ସ୍କି, ଏଲ୍‌ଭିଭ୍ ଓ ଲୁଟସ୍କ ସହରରେ ବିସ୍ଫୋରଣ ହୋଇଥିବାର ଖବର ମିଳିଛି । ଏହି ସହରଗୁଡିକର ବିଭିନ୍ନ ଜନବସତି ଅଞ୍ଚଳରେ ରୁଷ୍ ଆକ୍ରମଣ କରିଛି । ଏଥିରେ ୪ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି । ଜନବସତି, ପେଟ୍ରୋଲ ପମ୍ପ, ଶିକ୍ଷା ସଂସ୍ଥା ଓ ମେଟ୍ରୋ ଲାଇନ୍ ଏହି ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି । ଜୁନ୍ ୪ରେ ଟ୍ରମ୍ପ ଓ ପୁତିନ ଫୋନରେ ୟୁକ୍ରେନ ସମେତ ଇରାନ ଉପରେ ୭୫ ମିନିଟ୍ କଥା ହୋଇଥିଲେ । ପୁତିନ ୟୁକ୍ରେନଠାରୁ ପ୍ରତିଶୋଧ ନେ ।।ବେ ବୋଲି କହିଥିଲେ । କିଛିଦିନ ତଳେ ୟୁକ୍ରେନ ଡ୍ରୋନ ଆକ୍ରମଣ କରି ରୁଷିଆର ଏୟାର ବେସ୍‌ରେ ପ୍ରଭୁତ କ୍ଷତି ଘଟାଇଥିଲା । ଜୁନ୍ ୧ରେ ୟୁକ୍ରେନ ଡ୍ରୋନ ମାଧ୍ୟମରେ ରୁଷିଆର ୫ଟି ଏୟାରବେଶ୍ ଉପରେ ଆକ୍ରମଣ କରି ୪୧ଟି ଏୟାରକ୍ରାଫ୍ଟକୁ ଧ୍ୱଂସ କରିଦେଇଥିଲା ।

## ଚୀନ୍‌ର ସାହାଯ୍ୟ ଲୋଡ଼ିଲା ଇରାନ



ତେହେରାନ୍, ୬।୬(ଏଜେନ୍ସି): ବାଲାଷ୍ଟିକ୍ ମିସାଇଲ ନିର୍ମାଣ ପାଇଁ ଇରାନ୍ ଚୀନ୍‌ର ସହାୟତା ମାଗିଛି ବୋଲି ରିପୋର୍ଟ ପ୍ରକାଶ ପାଇଛି । ଏହିକ୍ରମରେ ଚୀନ୍‌ଠାରୁ ଇରାନ ହଜାର ହଜାର ଟନ୍‌ର ସଲିଡ ଫୁଏଲ ବା ଇନ୍ଧନ ଏବଂ ରକେଟ ଅକ୍ସିଡାଇଜର ଆମୋନିୟମ ପେରକ୍ଲୋରେଟ୍ ମଗାଇଛି । ଏଥିରୁ ୮୦୦ରୁ ଊର୍ଦ୍ଧ୍ୱ ବାଲାଷ୍ଟିକ ମିସାଇଲ ନିର୍ମାଣ କରିହେବ । ଏ ନେଇ ୱାଲ୍ଡ ଷ୍ଟ୍ରିଟ୍ ଜର୍ନାଲ ତା'ର ରିପୋର୍ଟ ପ୍ରକାଶ କରିଛି । ଖୁବ୍‌ଶୀଘ୍ର ଏହି ଜିନିଷ ଇରାନରେ ପହଞ୍ଚିବ । ଇରାନର ସାମରିକ ଦକ୍ଷତାରେ ବୃଦ୍ଧି କରିବାକୁ ଏପରି କରାଯିବ ବୋଲି କୁହାଯାଇଛି । ଇସ୍ରାଏଲର ଆକ୍ରମଣ ପରେ ଇରାନ ପୁଣିଥରେ ନିଜର ମିସାଇଲ କ୍ଷମତାକୁ ଫେରାଇବାକୁ ପ୍ରୟାସ କରିବ । ତେବେ ଏ ନେଇ ଆମ ପାଖରେ କିଛି ଖବର ନାହିଁ ଓ ଏହି ଡିଲ୍ ବିଷୟରେ ଆମକୁ କିଛି ଜଣାନାହିଁ ବୋଲି ଚୀନ୍ ତରଫରୁ କୁହାଯାଇଛି । ପୂର୍ବରୁ ଅବଶ୍ୟ ଇରାନର ମିସାଇଲ କାର୍ଯ୍ୟକ୍ରମରେ ଚୀନ୍ କମ୍ପାନୀ ଓ ଅଧିକାରୀଙ୍କ ଭୂମିକା ରହିଆସିଛି ବୋଲି ଆମେରିକା ବାରମ୍ବାର କହିଆସିଛି । ଗତ ଫେବୃଆରୀ ଓ ମାର୍ଚ୍ଚରେ ଇରାନର ବନ୍ଦରରେ ଏକ ବଡ଼ ବିସ୍ଫୋରଣ ହୋଇଥିଲା । ଏଥିରେ ଆମୋନିୟମ ପେରକ୍ଲୋରେଟ୍ ବିସ୍ଫୋରଣ ହେବା କଥା ସାମ୍ନାକୁ ଆସିଥିଲା । ଏହା ଚୀନରୁ ଆସିଥିବାର ଅନୁମାନ କରାଯାଉଥିଲା । ଫଳରେ ଇରାନ ଓ ଚୀନ୍ ମିଳିତ ଭାବେ ଏ ନେଇ କାର୍ଯ୍ୟ କରୁଥିବା ଆଶାଙ୍କା କରାଯାଉଛି ।

# ବିଶ୍ୱର ସୁଉଚ୍ଚ ରେଳ ଆର୍କ ବ୍ରିଜ୍ ଚେନାବ୍ ସେତୁ ଉଦ୍‌ଘାଟିତ




ନୂଆଦିଲ୍ଲୀ,୬।୬(ଏଜେନ୍ସି): ବିଶ୍ୱର ସର୍ବୋଚ୍ଚ ରେଳ ଆର୍କ ସେତୁ ଚେନାବ ସେତୁ ଆଜି କାର୍ଯ୍ୟକ୍ଷମ ହୋଇଛି । ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଛନ୍ତି । ଏହାଛଡା ଦେଶର ପ୍ରଥମ କେବୁଲ ସମର୍ଥିତ ରେଳ ସେତୁ ଅଞ୍ଜି ସେତୁ ଉଦଘାଟିତ ହୋଇଛି । ଶୁକ୍ରବାର ଜାମ୍ମୁ ଏବଂ କାଶ୍ମୀରର କଟରାଠାରେ ପ୍ରଧାନମନ୍ତ୍ରୀ ୪୬,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଏବଂ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ବନ୍ଦେ ଭାରତ ଟ୍ରେନଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯାହା ଜାମ୍ମୁ ଏବଂ କାଶ୍ମୀର ମଧ୍ୟରେ ସଂଯୋଗୀକରଣକୁ ବୃଦ୍ଧି କରିବ । ଏହି ୪୬,୦୦୦ କୋଟି ଟଙ୍କାର ପ୍ରକଳ୍ପ ଜାମ୍ମୁ ଏବଂ କାଶ୍ମୀରରେ ବିକାଶକୁ ତ୍ୱରାନ୍ୱିତ କରିବ, ପ୍ରଗତି ଏବଂ ସମୃଦ୍ଧିକୁ ଆଗେଇ ନେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ମହତ୍ୱାକାଂକ୍ଷୀ ରେଳ ପ୍ରକଳ୍ପ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ତ୍ୱରାନ୍ୱିତ ହେବା ଏବଂ ବର୍ତ୍ତମାନ ସଫଳତାର ସହିତ ସମାପ୍ତ ହେବା ସେମାନଙ୍କ ସରକାରଙ୍କ ପାଇଁ ଏକ ସୌଭାଗ୍ୟର ବିଷୟ । କଷ୍ଟକର ଭୂମି ପରିସ୍ଥିତି, ଚରମ ପାଣିପାଗ ଏବଂ ପାହାଡ଼ରୁ ପଥର ଖସିବା ଭଳି ଆହ୍ୱାନଗୁଡ଼ିକ ମଧ୍ୟରେ କାମ ଶେଷ କରାଯାଇଛି, ଯାହା ପ୍ରକଳ୍ପକୁ ଅତ୍ୟନ୍ତ କଠିନ ଏବଂ ଆହ୍ୱାନପୂର୍ଣ୍ଣ କରିଥିଲା । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ଜାମ୍ମୁ ଏବଂ କାଶ୍ମୀରରେ ଚାଲିଥିବା ଅନେକ ସର୍ବକାଳୀନ ଭିତ୍ତିଭୂମି ପ୍ରକଳ୍ପ ଏହି ପ୍ରତିବଦ୍ଧତାର ଉଦାହରଣ । ସେ ସମ୍ପ୍ରତି ଖୋଲାଯାଇଥିବା ସୋନମାର୍ଗ ସୁଡ଼ଙ୍ଗ ଏବଂ ଚେନାବ ସେତୁ ଏବଂ ଅଞ୍ଜି ସେତୁ ଉପରେ ଯାତ୍ରା କରିବାର ତାଙ୍କ ଅଭିଜ୍ଞତାକୁ ଉଲ୍ଲେଖନୀୟ ମାଇଲଖୁଣ୍ଟ ଭାବରେ ବ୍ୟକ୍ତ କରିଥିଲେ । ଲୋକେ ଏଫେଲ୍ ଟାୱାର ଦେଖିବା ପାଇଁ ପ୍ୟାରିସ ଯାତ୍ରା କରିଥାନ୍ତି, ଚେନାବ ସେତୁ ଉଚ୍ଚତାରେ ଏହାକୁ ଅତିକ୍ରମ କରିଛି, ଯାହା ଏହାକୁ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସଫଳତା ନୁହେଁ ବରଂ ଏକ ଉଦୀୟମାନ ପର୍ଯ୍ୟଟନ ଆକର୍ଷଣ ମଧ୍ୟ କରିଥାଏ । ସେହିପରି, ପ୍ରଧାନମନ୍ତ୍ରୀ ଅଞ୍ଜି ସେତୁକୁ ଏକ ଇଞ୍ଜିନିୟରିଂ କ୍ଷେତ୍ରର ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ବୋଲି ବର୍ଣ୍ଣନା କରିଥିଲେ, ଯାହା ଭାରତର ପ୍ରଥମ କେବୁଲ - ସମର୍ଥିତ ରେଳ ସେତୁ । ସର୍ବୋପରି, ସେ ଗୁରୁତ୍ୱାରୋପ କରିଥିଲେ ଯେ, ପବିତ୍ର ଉଦ୍ଦେଶ୍ୟ ଏବଂ ନିରନ୍ତର ସମର୍ପଣ ହେଉଛି ଭାରତର ପରିବର୍ତ୍ତନ ପଛରେ ପ୍ରେରଣାଦାୟକ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ଜାମ୍ମୁ କାଶ୍ମୀର ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜିତେନ୍ଦ୍ର ସିଂହ, ଭି. ସୋମନ୍ନା, ଉପମୁଖ୍ୟମନ୍ତ୍ରୀ ସୁରେନ୍ଦ୍ର କୁମାର, ଜାମ୍ମୁ କାଶ୍ମୀର ବିଧାନସଭାରେ ବିରୋଧୀ ଦଳ ନେତା ସୁନୀଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଗଷ୍ଟ ୩ରେ ନିଟ୍ ପିଜି

ନୂଆଦିଲ୍ଲୀ,୬।୬(ଏଜେନ୍ସି): ନ୍ୟାସନାଲ ଏଲିଜିବିଲିଟି କମ୍ ଏନ୍‌ଟ୍ରାନ୍ସ ଟେଷ୍ଟ ଫର ପୋଷ୍ଟ ଗ୍ରାଜୁଏଟ (ନିଟ୍ ପିଜି) ପରୀକ୍ଷାକୁ ଅଗଷ୍ଟ ୩କୁ ଘୁଞ୍ଚାଇ ଦିଆଯାଇଛି । ସୁପ୍ରିମକୋର୍ଟ ଏ ନେଇ ନ୍ୟାସନାଲ ବୋର୍ଡ ଅଫ୍ ଏଗ୍‌ଜାମିନେସନ (ଏନ୍‌ବିଇ)କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରୀକ୍ଷା ପ୍ରଥମେ ଜୁନ୍ ୧୫ରେ ହେବାର କାର୍ଯ୍ୟକ୍ରମ ଥିଲା । ତେବେ ଏହି କାର୍ଯ୍ୟସୂଚୀକୁ ଆହୁରି ଆଗକୁ ବଢ଼ାଯିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । କେବଳ ସେତିକି ନୁହଁ ଏଥର ପରୀକ୍ଷା ଗୋଟିଏ ସିଫ୍ଟରେ କରାଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଶାନ୍ତ କୁମାର ମିଶ୍ର ଓ ଅଗଷ୍ଟିନ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏନେଇ ନିର୍ଦ୍ଦେଶ ଦେଇଛନ୍ତି ।

**ଗୋଟିଏ ସିଫ୍ଟରେ ହେବ ପରୀକ୍ଷା**

## ପ୍ରଥମଥର ପାଇଁ ଅମରନାଥ ଯାତ୍ରା ଅବଧି କମିଲା



ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ବିଶ୍ୱ ପ୍ରସିଦ୍ଧ ଅମରନାଥ ଯାତ୍ରାର ସମୟ ଅବଧିକୁ ଏଥର ୩୮ ଦିନକୁ କମାଇ ଦିଆଯାଇଛି । ଗତ ୨୦୨୪ ବର୍ଷରେ ଏହା ୫୨ ଦିନଧରି ଚାଲିଥିଲା । ଏଥର ଏହି ଯାତ୍ର ଜୁଲାଇ ୩ରୁ ଆରମ୍ଭ ହୋଇ ଅଗଷ୍ଟ ୯ରେ ଶେଷ ହେବ ବୋଲି କୁହାଯାଇଛି । ପ୍ରଥମଥର ପାଇଁ ଇତିହାସରେ ଏହି ଯାତ୍ରାର ଅବଧିକୁ କମାଯାଇଛି । ନରାପତ୍ତା ତଥା ସୁରକ୍ଷା, ଭକ୍ତଙ୍କ ଭିଡକୁ ନିୟନ୍ତ୍ରଣ କରିବା ଓ ଲଜିଷ୍ଟିକ୍ ଏଫିସିଏନ୍ସିକୁ ଦୃଷ୍ଟିରେ ରଖି ଯାତ୍ରାର ସମୟ ଅବଧିକୁ କମାଇବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ଯାତ୍ରା ପାଇଁ ସବୁଥର ଭଳି ଏଥର କଡ଼ା ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି ।

## ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗଦେବେ


ନୂଆଦିଲ୍ଲୀ, ୬।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାନାଡ଼ାରେ ଆୟୋଜନ ହେବାକୁ ଯାଉଥିବା ଜି-୭ ସମିଟ୍‌ରେ ଯୋଗ ଦେବେ । କାନାଡ଼ା ନବନିର୍ବାଚିତ ପ୍ରଧାନମନ୍ତ୍ରୀ ମାର୍କ ଜେ କାର୍ଣ୍ଣିଙ୍କ



ନିମନ୍ତ୍ରଣ ମିଳିବା ପରେ ମୋଦୀ ଏ ନେଇ ଶୁକ୍ରବାର ଘୋଷଣା କରିଛନ୍ତି । ଏ ନେଇ ଦୁଇ ଦେଶର ମୁଖ୍ୟ ଟେଲିଫୋନ୍‌ରେ କଥା ହୋଇଛନ୍ତି । କାର୍ଣ୍ଣିଙ୍କୁ ନିର୍ବାଚନ ବିଜୟରେ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି । ଜି-୭ ସମିଟ୍‌ର ଏହି ୫୧ତମ ସଂସ୍କରଣକୁ ନିମନ୍ତ୍ରଣ କରିଥିବାରୁ ସେ କାର୍ଣ୍ଣିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି କଥାବାର୍ତ୍ତାକୁ ନେଇ ମୋଦୀ ଖୁସି ଜାହିର କରିଛନ୍ତି । ଏନେଇ ମୋଦୀ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି । କାର୍ଣ୍ଣିଙ୍କ ସହ କଥା ହୋଇ ବେଶ୍ ଖୁସି ଅନୁଭବ କରୁଛି । ଦୁଇ ଦେଶରେ ଗଣତନ୍ତ୍ର ଆହୁରି ଶକ୍ତିଶାଳୀ ହୋଇଛି ଓ ଏହା ଦୁଇଦେଶର ନାଗରିକଙ୍କୁ ଏକାଠି କରିଛି । ଏହାପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ କାର୍ଯ୍ୟକାଳରେ ଖଲିସ୍ତାନୀଙ୍କ ବିରୋଧ ପାଇଁ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଅବନତୀ ହୋଇଥିଲା । କିନ୍ତୁ କାର୍ଣ୍ଣିଙ୍କ ନେତୃତ୍ୱରେ ଦୁଇ ଦେଶ ପୁଣିଥରେ ଏକାଠି ହୋଇ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକାଠି କାର୍ଯ୍ୟ କରିବେ ବୋଲି ମୋଦୀ ଆଶା ପ୍ରକାଶ କରିଛନ୍ତି । ପୂର୍ବରୁ ଏହି ଜି-୭ ସମ୍ମିଳନୀକୁ ମୋଦୀଙ୍କ ନିମନ୍ତ୍ରଣ କରାଯାଇ ନଥିବାରୁ ଚର୍ଚ୍ଚା ହେଉଥିଲା । ଏବେ ଏହି ଚର୍ଚ୍ଚାର ଅନ୍ତ ଘଟିବ ବୋଲି ଆଶା କରାଯାଉଛି ।

## ବାବା ସିଦ୍ଦିକୀ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଗିରଫ୍

ଜଲନ୍ଧର, ୬।୬(ଏଜେନ୍ସି): ବହୁ ଚର୍ଚ୍ଚିତ ଏନ୍‌ସିପି ନେତା ବାବା ସିଦ୍ଦିକୀ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ କୁହାଯାଉଥିବା ଜିଶାନ ଅଖତାର ଉର୍ଫ ଜସି ପୁରେୱାଲାକୁ କାନାଡା ପୁଲିସ୍ ଗିରଫ୍ କରିଛି । ତେବେ ସେ



କିଭଳି ଗିରଫ୍ ହୋଇଛି ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ । ୨୦୨୪ ଅକ୍ଟୋବର ୧୨ରେ ପୁଅ ଜିସାନ ସିଦ୍ଦିକିଙ୍କ ଅଫିସ ଆଗରେ ବାବାଙ୍କୁ ଗୁଳିମାରି ହତ୍ୟା କରାଯାଇଥିଲା । ଗ୍ୟାଙ୍ଗଷ୍ଟାର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ଏହି ହତ୍ୟାକାଣ୍ଡ ପାଇଁ ନିଜକୁ ଦାୟି କରି ଚର୍ଚ୍ଚା ସୃଷ୍ଟି କରିଥିଲା । ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଜିଶାନ ଅଖତାର ଜଲନ୍ଧରରେ ରହୁଛି ବୋଲି ତଦନ୍ତରୁ ଜଣାପଡ଼ିଥିଲା । ହତ୍ୟାକାଣ୍ଡ ପରେ ସେ ବିଦେଶ ଚାଲିଯାଇଥିଲା । ତାକୁ ଭଗାଇବାରେ ପାକିସ୍ତାନୀ ଡନ୍ ଶାହଜାଦ ଭଟ୍ଟୀ ସହାୟତା କରିଥିଲା । କିନ୍ତୁ କିଛିଦିନ ତଳେ ବିଷ୍ଣୋଇ ଗ୍ୟାଙ୍ଗ୍ ଜିସାନକୁ ମାରିବାକୁ ଧମକ ଦେଇ ମାମଲାରେ ଦ୍ୱନ୍ଦ୍ୱ ବଢ଼ାଇଥିଲା ।

**ବେଙ୍ଗାଲୁରୁ ଦଳାଚକଟା**

# ଆରସିବି କର୍ମକର୍ତ୍ତା ଗିରଫ, କୋହଲିଙ୍କ ବିରୋଧରେ ମାମଲା

ବେଙ୍ଗାଲୁରୁ, ୬।୬: ବେଙ୍ଗାଲୁରୁ ଷ୍ଟାଡିୟମରେ ହୋଇଥିବା ଦଳାଚକଟା ଘଟଣାରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି କର୍ଣ୍ଣାଟକ ସରକାର । ଦାୟିତ୍ୱରେ ଅବହେଳା ଲାଗି ଗତକାଲି ବେଙ୍ଗାଲୁରୁ ପୁଲିସ କମିସନର, ଡେପୁଟି ପୁଲିସ କମିସନରଙ୍କ ସମେତ ଅନେକ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସସପେଣ୍ଡ କରାଯାଇଥିବା ବେଳେ ଆଜି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ମାର୍କେଟିଂ ବିଭାଗ ମୁଖ୍ୟ ନିଖିଲ ସୋସାଲେଙ୍କୁ ଗିରଫ କରାଯାଇଛି । ତାଙ୍କ ସହିତ ଆଉ ତିନି ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି । ଗିରଫ ଭୟରେ କର୍ଣ୍ଣାଟକ କ୍ରିକେଟ ଆସୋସିଏସନ କର୍ମକର୍ତ୍ତାମାନେ ଫେରାର ହୋଇଯାଇଥିଲେ । ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ସେମାନଙ୍କ ଗିରଫଦାରି ଉପରେ କୋର୍ଟ ରୋକ୍ ଲଗାଇଛନ୍ତି । ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏହି ଘଟଣାରେ ତାଙ୍କର ରାଜନୈତିକ ସଚିବ କେ. ଗୋବିନ୍ଦରାଜଙ୍କୁ ବରଖାସ୍ତ କରିଛନ୍ତି ।

ଗତକାଲି ପୁଲିସ କମିସନରଙ୍କୁ ସସପେଣ୍ଡ କରିବା ପରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ଆଇପିଏଲ ବିଜୟ ଉତ୍ସବର ଆୟୋଜକମାନଙ୍କୁ ମଧ୍ୟ ଗିରଫ କରାଯିବ । ସେହି ଅନୁସାରେ ସେମାନଙ୍କ ବିରୋଧରେ ଏଫଆଇଆର ମଧ୍ୟ ଦାଖଲ କରାଯାଇଥିଲା । ଆଜି ଆରସିବି ମାର୍କେଟିଂ ମୁଖ୍ୟଙ୍କ ସହିତ ଡିଏନର ବରିଷ୍ଠ କର୍ମକର୍ତ୍ତା ସୁନିଲ ମାଥ୍ୟୁଙ୍କୁ ମଧ୍ୟ ଗିରଫ କରିଛି । ମାଥ୍ୟୁ ମୁମ୍ବାଇ ଯିବା ଲାଗି ବିମାନବନ୍ଦରରେ ପହଞ୍ଚିବା ମାତ୍ରେ ପୁଲିସ ତାଙ୍କୁ ଗିରଫ କରିନେଇଥିଲା । ଏହି ମାମଲାରେ ଆଉ ଦୁଇ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି । ବରିଷ୍ଠ ଆଇପିଏସ ଅଧିକାରୀ

**■ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ବରଖାସ୍ତ**

**■ କ୍ରିକେଟ ଆସୋସିଏସନ୍ କର୍ମକର୍ତ୍ତାଙ୍କୁ କୋର୍ଟ ଆଶ୍ୱସ୍ତି**


ସୀମନ୍ତ କୁମାର ସିଂହ ଆଜି ବେଙ୍ଗାଲୁରୁର ନୂଆ ପୁଲିସ କମିସନର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା । ଜାମିନ ଆବେଦନକୁ ଖାରଜ କରି କୋର୍ଟ ଏହି ୪ ଜଣଙ୍କୁ ୧୪ ଦିନ ପାଇଁ ଜେଲ ହାଜତକୁ ପଠାଇ ଦେଇଛନ୍ତି ।

ଆର୍‌ସିବି ମାର୍କେଟିଂ ମୁଖ୍ୟ ନିଖିଲ କର୍ଣ୍ଣାଟକ ହାଇକୋର୍ଟରେ ତାଙ୍କ ଗିରଫଦାରିକୁ ଚାଲେଞ୍ଜ କରିଛନ୍ତି । ସେ ଯୁକ୍ତି ଦର୍ଶାଇଛନ୍ତି ଯେ ଦଳାଚକଟା ପାଇଁ ସେ କୌଣସି ଦୃଷ୍ଟିରୁ ଦାୟୀ ନୁହନ୍ତି । ତାଙ୍କର ଗିରଫଦାରିକୁ ସେ ବେଆଇନ ଓ ଏକତରଫା କାର୍ଯ୍ୟାନୁଷ୍ଠାନ ବୋଲି ବର୍ଣ୍ଣନା କରିଛନ୍ତି । ଅନ୍ୟପକ୍ଷରେ ଗିରଫ ଭୟରେ ଫେରାର ଥିବା କର୍ଣ୍ଣାଟକ କ୍ରିକେଟ ଆସୋସିଏସନର ସଭାପତି ରଘୁରାମ, ସଂପାଦକ ଏ. ଶଙ୍କର, କୋଷାଧ୍ୟକ୍ଷ ଜୟରାମ ଏବଂ ଅନ୍ୟ କର୍ମକର୍ତ୍ତା ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । କୋର୍ଟ ସେମାନଙ୍କୁ ଅନ୍ତିରିଣ ସୁରକ୍ଷା ପ୍ରଦାନ କରିଛନ୍ତି ।

ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଏବେ ବି ଦୋଷ ଲଦାଲଦି ଚାଲିଛି । ଆୟୋଜକମାନେ ଏହି ମାମଲାରେ ନିଜକୁ ନିର୍ଦୋଷ ଦର୍ଶାଇବା ସହିତ ସମସ୍ତ ଦୋଷ ପୁଲିସ ଓ ପ୍ରଶାସନକୁ ଦେଇଛନ୍ତି । ସେମାନେ କହିଛନ୍ତି ଯେ ପୁଲିସର ବିଫଳତାକୁ ଲୁଚାଇବା ଲାଗି ଆୟୋଜକମାନଙ୍କୁ ବଳି ପକାଯାଉଛି । ଇତିମଧ୍ୟରେ ଏହି ଦଳାଚକଟା ପାଇଁ ବିରାଟ କୋହଲି ଦାୟୀ ବୋଲି ଅଭିଯୋଗ କରିଛନ୍ତି ବେଙ୍ଗାଲୁରୁର ଜଣେ ବ୍ୟକ୍ତି । ସେ ପୁଲିସ ଥାନାରେ ଏସଂପର୍କରେ ଅଭିଯୋଗ ଦାଖଲ କରିଛନ୍ତି । ପୁଲିସ ଏହାର ଯାଞ୍ଚ କରୁଥିବା କହିଛି ।

ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣାକ୍ରମରେ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଆଜି ତାଙ୍କର ରାଜନୈତିକ ସଚିବ କେ. ଗୋବିନ୍ଦରାଜଙ୍କୁ ବରଖାସ୍ତ କରିଛନ୍ତି । ତାଙ୍କୁ କାହିଁକି ହଟାଯାଇଛି, ସେସଂପର୍କରେ କିଛି କୁହାଯାଇନଥିଲେ ମଧ୍ୟ ବେଙ୍ଗାଲୁରୁ ଦଳାଚକଟା ସହିତ ଏହି କାର୍ଯ୍ୟାନୁଷ୍ଠାନକୁ ଯୋଡ଼ାଯାଉଛି ।

# ନ୍ୟୁୟର୍କରେ ସାମ୍ବାଦିକ ପୁଅ ଇଶାନଙ୍କ ହାବୁଡ଼ରେ ଥରୁର




ୱାସିଂଟନ, ୬।୬(ଏଜେନ୍ସି): ଅପରେସନ ସିନ୍ଦୂର ସଂପର୍କରେ ବିଶ୍ୱ ନେତାମାନଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଭାରତ ଏହାର ୭ଟି ପ୍ରତିନିଧି ଦଳଙ୍କୁ ବିଭିନ୍ନ ଦେଶ ପଠାଇଛି । କଂଗ୍ରେସ ସାଂସଦ ଶଶୀ ଥରୁରଙ୍କ ନେତୃତ୍ୱରେ ଯାଇଥିବା ଏକ ପ୍ରତିନିଧି ଦଳ ଏବେ ଆମେରିକାରେ ଅଛି । ଆମେରିକା ଗସ୍ତ ସମୟରେ ନ୍ୟୁୟର୍କରେ ଭାରତୀୟ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଠାରେ ସାମ୍ବାଦିକ ପୁଅ ଇଶାନଙ୍କ ହାବୁଡ଼ରେ ପଡ଼ିଯାଇଥିଲେ ଥରୁର । ପ୍ରଶ୍ନ କରିବା ଲାଗି ପୁଅ ଠିଆ ହେବାମାତ୍ରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଥରୁର । ତେବେ ପୁଅ ପହଲଗାମ ଆକ୍ରମଣ ସଂପର୍କରେ ଯେଉଁ ପ୍ରଶ୍ନ ପଚାରିଥିଲେ, ତାହାର ଚତୁରତା ସହିତ ଉତ୍ତର ରଖିଥିଲେ ଥରୁର । ଗତକାଲିର ଏହି ଘଟଣା ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି ।

ୱାସିଂଟନ ପୋଷ୍ଟ ସମ୍ବାଦପତ୍ର ପାଇଁ କାର୍ଯ୍ୟ କରୁଛନ୍ତି ଥରୁରଙ୍କ ପୁଅ ଇଶାନ ଥରୁର । 'ୱାସିଂଟନ ପୋଷ୍ଟ ପକ୍ଷରୁ ମୁଁ ଇଶାନ ଥରୁର କିଛି ପ୍ରଶ୍ନ କରିବାକୁ ଚାହୁଁଛି' । ପୁଅର ଏଭଳି ପ୍ରଶ୍ନରେ ହସି ହସି ଥରୁର ଉତ୍ତର ରଖିଥିଲେ । ପୁଅ ଇଶାନଙ୍କ ପ୍ରଶ୍ନ ଥିଲା- ପହଲଗାମ ଆକ୍ରମଣ ଓ ଅପରେସନ ସିନ୍ଦୂରକୁ ନେଇ ଆପଣ ବିଭିନ୍ନ ଦେଶ ଗସ୍ତ କରୁଛନ୍ତି । ତେବେ ପହଲଗାମ ଆକ୍ରମଣରେ ପାକିସ୍ତାନ ସାମିଲ ଥିବା ନେଇ କୌଣସି ଦେଶ ପ୍ରମାଣ ମାଗିଛନ୍ତି କି? ଏହାର ଉତ୍ତର ଦେବାକୁ ଯାଇ ପିତା ଥରୁରୁ କହିଲେ, ଇଶାନ ତୁମେ

**ପୁଅର ପହଲଗାମ ପ୍ରଶ୍ନ ଉପରେ ଉତ୍ତର ରଖିଲେ ଶଶୀ ଥରୁର**

ଏହି ପ୍ରଶ୍ନ ପଚାରିଥିବାରୁ ମୁଁ ବହୁତ ଖୁସି । ସମସ୍ତେ ଜାଣି ରଖିବା ଉଚିତ ଯେ ପହଲଗାମ ଆକ୍ରମଣରେ ପାକିସ୍ତାନୀ ଆତଙ୍କବାଦୀଙ୍କ ହାତ ଥିଲା, ଏହାକୁ ନେଇ କାହାରି ମନରେ କୌଣସି ସନ୍ଦେହ ନାହିଁ । କୌଣସି ଦେଶ ଭାରତ ଠାରୁ ପ୍ରମାଣ ଦାବି କରିନାହାନ୍ତି । କେବଳ ଦୁଇଟି ସମ୍ବାଦିକ ସମ୍ମିଳନୀରେ କିଛି ସାମ୍ବାଦିକ ପ୍ରମାଣ ଦାବି କରିଥିଲେ । ସେ କହିଲେ ଯେ ଯଦି ପାକିସ୍ତାନ ବିପକ୍ଷରେ ଠୋସ ପ୍ରମାଣ ନଥାନ୍ତା, ତେବେ ଭାରତ ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ ସିନ୍ଦୂର' ଗ୍ରହଣ କରି ନଥାନ୍ତା । ଏଥିରେ କୌଣସି ସନ୍ଦେହର ଅବକାଶ ନଥିଲା । ଆତଙ୍କବାଦୀ କାର୍ଯ୍ୟକଳାପରେ ପାକିସ୍ତାନ ସଂପୃକ୍ତ ଥିବାର ପ୍ରମାଣ ଭାରତ ପାଖରେ ରହିଛି । ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ । ଏହି ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନ ସାମିଲ ଥିବା ନେଇ ସେ ୩ଟି ଉଦାହରଣ ଦେଇଥିଲେ । ପ୍ରଥମଟି ହେଲା ପାକିସ୍ତାନ ମିଛ କହିବା ଲମ୍ବା ଇତିହାସ ରହିଛି । ସେ ଏହି କ୍ରମରେ ଓସାମା ବିନ ଲାଡେନର ଉଦାହରଣ ଦେଇଥିଲେ । ଲାଡେନ ସଂପର୍କରେ ପକିସ୍ତାନ ଅସ୍ୱୀକାର କରୁଥିଲା । କିନ୍ତୁ ଲାଡେନ ପାକିସ୍ତାନରେ ଲୁଚିଥିଲା ଏବଂ ଆମେରିକା ସେନା ତାକୁ ସେଠି ନିପାତ କରିଥିଲେ । ପୁଣି ପାକିସ୍ତାନର ଦି ରେଜମେଣ୍ଟ ଫ୍ରଣ୍ଟ (ଟିଆରଏଫ୍) ନାମକ ଆତଙ୍କବାଦୀ ସଂଗଠନ ପହଲଗାମ ଆକ୍ରମଣର ୪୫ ମିନିଟ୍ ମଧ୍ୟରେ ନିଜକୁ ଦାୟୀ କରିଥିଲା । ତୃତୀୟଟି ହେଲା ପାକିସ୍ତାନରେ ଆତଙ୍କବାଦୀଙ୍କ ଶବ ଶୋଭାଯାତ୍ରା ପୂରା ଆଡମ୍ବରରେ ଆୟୋଜନ କରାଯାଇଥିଲା । ଦୀର୍ଘ ୩୭ ବର୍ଷ ଧରି ଭାରତ ପାକିସ୍ତାନୀ ଆତଙ୍କବାଦୀଙ୍କ ଶିକାର ହୋଇ ଆସିଛି ।

## କରୋନାରେ ୫୫ ମୃତ

### ନୂଆ ୫୦୦ ମାମଲା

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ଦେଶରେ କରୋନା ଅର୍ଥାତ କୋଭିଡ୍-୧୯ ମାମଲାରେ ଯଥେଷ୍ଟ ବୃଦ୍ଧି ପରିଲକ୍ଷିତ ହୋଇଛି । ଗତ ୨୦ ଦିନ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୫୮ ଗୁଣା ବୃଦ୍ଧି ପାଇଛି । ଗତ ମେ ୧୬ରେ ଦେଶରେ କୋଭିଡ୍‌ର ୯୩ଟି ଆକ୍ଟିଭ କେସ୍ ଥିଲା । ଏବେ ଏହି ସଂଖ୍ୟା ୫୩୬୪ରେ ପହଞ୍ଚିଛି । ଏବେ କରୋନା ୨୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ବ୍ୟାପିଛି । ଗତ ୨୪ ଘଣ୍ଟା ମଧ୍ୟରେ ନୂଆ ୫୦୦ଟି ମାମଲା ଦେଖିବାକୁ ମିଳିଛି । କେରଳରେ ସର୍ବାଧିକ ୧୬୭୯ ମାମଲା, ଗୁଜରାଟ୍‌ରେ ୬୧୫, ପଶ୍ଚିମବଙ୍ଗରେ ୫୯୬, ଦିଲ୍ଲୀରେ ୫୯୨ ଓ ମହାରାଷ୍ଟ୍ରରେ ୫୪୮ଟି ଆକ୍ଟିଭ କେସ୍ ଦେଖିବାକୁ ମିଳିଛି । କରୋନାର ଏହି ନୂଆ ଭ୍ୟାରିଏଣ୍ଟରେ ଗତ ଜାନୁଆରୀରୁ ଏପର୍ଯ୍ୟନ୍ତ ୫୫ ଜଣଙ୍କର ମୃତ୍ୟୁ ହୋଇଛି । ଏଥିରୁ ୫୩ ଜଣଙ୍କର ମୃତ୍ୟୁ ୧୫ ଦିନ ମଧ୍ୟରେ ହୋଇଛି । ଗୁରୁବାର ଦିଲ୍ଲୀରେ କୋଭିଡ୍‌ରେ ଆଉ ଦୁଇଜଣଙ୍କ ମୃତ୍ୟୁ ହୋଇଛି । ଏଥିରେ ଏକ ୫ ମାସର ଶିଶୁ ରହିଛି । ସେହିପରି କେରଳରେ ୨, କର୍ଣ୍ଣାଟକ ଓ ପଞ୍ଜାବରେ ଜଣେ ଲେଖାଏଁ, ମହାରାଷ୍ଟ୍ରରେ ସର୍ବାଧିକ ୧୭ଜଣ ଜୀବନ ହରାଇଛନ୍ତି ।

## ୨୦୨୬ ଏପ୍ରିଲ୍‌ରେ ବାଂଲାଦେଶ ନିର୍ବାଚନ

ଢ଼ାକା,୬।୬(ଏଜେନ୍ସି): ଆସନ୍ତାବର୍ଷ ଏପ୍ରିଲ୍‌ରେ ବାଂଲାଦେଶ ସାଧାରଣ ନିର୍ବାଚନ ଆୟୋଜନ ହେବ । ଶେଖ୍ ହସିନାଙ୍କ ସରକାର ଗାଦିଚ୍ୟୁତ ହେବା ପରେ ପ୍ରଥମଥର ପାଇଁ ନିର୍ବାଚନ ହେବ ବୋଲି ଶୁକ୍ରବାର ବାଂଲାଦେଶ ଅନ୍ତରୀଣ ମୁଖ୍ୟ ତଥା ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ କହିଛନ୍ତି । ଇଦ୍ ପାଳନର ଗୋଟିଏ ଦିନ ପୂର୍ବରୁ ଶୁକ୍ରବାର ଟେଲିଭିଜନ ମାଧ୍ୟମରେ ୮୪ ବର୍ଷୀୟ ୟୁନୁସ୍ ଦେଶବାସୀଙ୍କୁ ଏ ନେଇ ଅବଗତ କରାଇଥିଲେ । ନିର୍ବାଚନ କରାଇବାକୁ ତାଙ୍କ ଉପରେ ବିଭିନ୍ନ ମହଲରୁ ଚାପ ପକାଯାଉଥିଲା । ଆସନ୍ତାବର୍ଷ ନିର୍ବାଚନ ପୂର୍ବରୁ ସବୁ ପ୍ରକାର ସଂସ୍କାର କାର୍ଯ୍ୟ ପୂରା କରାଯିବ ବୋଲି ସେ କହିଛନ୍ତି । ପୂର୍ବରୁ ଆସନ୍ତା ଡିସେମ୍ବର ସୁଦ୍ଧା ନିର୍ବାଚନ ସାରିବାକୁ ସେନା ନିର୍ଦ୍ଦେଶ ଦେଇଥିଲା ।




# ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଘଟଣା ଚପାଇଦେଲେ

ବ୍ରହ୍ମପୁର/କନିଷି, ୬।୬ (ସମିସ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ତଥା ଗୋଳନ୍ଥରା ଥାନା ଅଞ୍ଚଳର ଘଟିଛି ଅଭାବନୀୟ ଘଟଣା। ଦୁଇ ନାବାଳିକାଙ୍କୁ ଅପହରଣ ଓ ବିଭିନ୍ନ ସ୍ଥାନରେ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗୋଳନ୍ଥରା ଥାନାରେ ଉଭୟ ପୀଡ଼ିତାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି।

ଗତ ୩ ତାରିଖ ମଧ୍ୟାହ୍ନ ୨ଟାରେ ଦୁଇଜଣ ନାବାଳିକା (୧୪ ଓ ୧୫ବର୍ଷ)ଙ୍କୁ ୪ଜଣ ଯୁବକ ତାଙ୍କ ଗ୍ରାମରୁ ଅପହରଣ କରି ନିକଟସ୍ଥ ଓଡିଆର୍‌ପି କଲୋନୀକୁ ନେଇ ଯାଇଥିଲେ। ସେଠାରେ ପ୍ରଥମେ ୯ ଓ ୭ ନମ୍ବର ଗଳିରେ ସେମାନଙ୍କୁ ଦୁଷ୍କର୍ମ କରିଥିଲେ। ପରେ ୨ଜଣ ଯୁବକ ଉଭୟ ନାବାଳିକାଙ୍କୁ ବଳପୂର୍ବକ ବାଇକ୍ ଯୋଗେ ଆର୍ଯ୍ୟପଲ୍ଲୀ ଓ ପରେ ନୋଳିଆ ନୂଆଗାଁକୁ ନେଇଥିଲେ। ବିଭିନ୍ନ ସ୍ଥାନରେ ସେମାନଙ୍କ ହାତ ଗୋଡ଼ ବାନ୍ଧି ମାଡ଼ ମାରିବା ସହ ବାରମ୍ବାର ଦୁଷ୍କର୍ମ କରିଥିବା ଖୋଦ୍ ପୀଡ଼ିତା ଓ ସେମାନଙ୍କ ପରିବାର ପକ୍ଷରୁ କୁହାଯାଇଛି। ୩ ତାରିଖ ବିଳମ୍ବିତ ରାତିରେ ଉଭୟ ନାବାଳିକାଙ୍କୁ ନୋଳିଆ ନୂଆଗାଁରେ ଛାଡ଼ି ଦେଇ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ନାବାଳିକା ଦ୍ୱୟ ନିଖୋଜ ହେବା ପରେ ସେମାନଙ୍କ ପରିବାର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇ ପଡ଼ିଥିବାବେଳେ ୪ତାରିଖ ସକାଳେ ନୋଳିଆ ନୂଆଗାଁରୁ ଉଭୟ ନାବାଳିକାଙ୍କ ସନ୍ଧାନ ମିଳିଥିଲା। ଉଭୟଙ୍କ ଠାରୁ ଘଟଣା ସମ୍ପର୍କରେ ଜାଣିବା ପରେ ଗ୍ରାମର ଭଦ୍ରଲୋକଙ୍କୁ ଜଣାଇଥିଲେ। ତେବେ ଘଟଣାର ସମାଧାନ କରିବା ପରିବର୍ତ୍ତେ ଚପାଇ ଦେବାକୁ ବିଭିନ୍ନ ଆଡୁ ଚାପ ପଡିବା ସହ ଧମକଚମକ ମିଳିଥିବା ମଧ୍ୟ ଅଭିଯୋଗ ହୋଇଛି। ଫଳରେ ନିରୁପାୟ ହୋଇ ନ୍ୟାୟ ଆଶାରେ ଉଭୟ ପୀଡ଼ିତା ନାବାଳିକାଙ୍କ ପରିବାର ଗୋଳନ୍ଥରା ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ଅଭିଯୋଗ ପରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ପୁଲିସ।

ସୂଚନା ଅନୁସାରେ ଉଭୟ ନାବାଳିକା ସମ୍ପର୍କୀୟା ଭଉଣୀ। ଜଣେ ମାମୁଁ ଘରକୁ ଆସିଥିବାବେଳେ ଅନ୍ୟଜଣଙ୍କ ଘର ଉକ୍ତ ଗ୍ରାମରେ। ଏକ ବିବାହ ଭୋଜିବେଳେ ଗହଳିର ସୁଯୋଗ ନେଇ ସମ୍ପୃକ୍ତ ଅଞ୍ଚଳର ଯୁବକମାନେ ସେମାନଙ୍କୁ ଅପହରଣ କରି ପରେ ଧମକଚମକ ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ତେବେ ଘଟଣା ଯଦିଓ ୩ତାରିଖ ମଧ୍ୟାହ୍ନର ହେଲେ ୫ତାରିଖ ସନ୍ଧ୍ୟା ବା ଅପରାହ୍ନ ପର୍ଯ୍ୟନ୍ତ ଏହା ପ୍ରଘଟ ହୋଇ ନ ଥିଲା। ସମ୍ପୃକ୍ତ ପରିବାର ଲୋକେ ବିବାହ ଭୋଜିରେ ଏବଂ ୫ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ତଥା ଗୋପାଳପୁର ନିର୍ବାଚନ ମଣ୍ଡଳୀଗସ୍ତ ଥିବାରୁ ଘଟଣାକୁ ଚପାଇ ଦେବାକୁ ବିଭିନ୍ନ ମହଲରେ ଚାପ ସୃଷ୍ଟି କରାଯାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଏପ୍ରିଲ ଶେଷ ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଠାକୁରାଣୀ ଯାତ୍ରା ଗସ୍ତ କାଳରେ ଖଲିଙ୍ଗିରେ ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ହୋଇଥିଲା। ବର୍ତ୍ତମାନ ପୁଣି ଯେତେବେଳେ ମୁଖ୍ୟମନ୍ତ୍ରୀ ଲାଞ୍ଜିପଲ୍ଲୀ ମା’ ତାରାଦେବୀଙ୍କ ଯାତ୍ରା ଗସ୍ତରେ ଆସିବାର ଠିକ ଦିନକ ପୂର୍ବରୁ ସମ୍ପୃକ୍ତ ଅଞ୍ଚଳରେ ଏଭଳି ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି। ଏହି ଘଟଣାରେ ପୁଲିସ ପକ୍ଷରୁ ତଦନ୍ତକୁ ତ୍ୱରାନ୍ୱିତ କରି ଉଭୟ ନାବାଳିକାଙ୍କର ଡାକ୍ତରୀ ମାଇନା ପାଇଁ ଏମକେସିଜିକୁ ପଠାଯାଇଛି। ପରେ ସେମାନଙ୍କୁ ଶିଶୁ ମଙ୍ଗଳ କମିଟି ଆଗରେ ହାଜର କରାଯାଇଛି। ବ୍ରହ୍ମପୁର ଏସ୍‌ପି ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ନିଜେ ଗୋଳନ୍ଥରା ଥାନାରେ ପୀଡ଼ିତାଙ୍କ ପରିବାର ବର୍ଗ ଓ ତଦନ୍ତକାରୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଘଟଣାର ଦୀର୍ଘ ୩ଦିନ ବିତି ଯାଇଥିଲେ ହେଁ ଅଭିଯୁକ୍ତମାନେ ଗିରଫ ହୋଇନଥିବା ବେଳେ ସେମାନେ ଖୁଲମଖୁଲା ବୁଲୁଥିବାରୁ ପୀଡିତାଙ୍କ ପରିବାର ବର୍ଗ ଭୟଭୀତ ଥିବା କହିଛନ୍ତି।

**୧୦ ପର୍ଯ୍ୟନ୍ତ ପ୍ରବଳ ଗୁଳୁଗୁଳି**

# ରଜରେ ମେଘୁଆ ପାଗ

ଭୁବନେଶ୍ୱର,୬।୬(ସମିସ): ଶନିବାରଠାରୁ ରାଜ୍ୟରେ ତାପମାତ୍ରା ଆହୁରି ବଢ଼ିବ। ତାପମାତ୍ରା ବୃଦ୍ଧି ଯୋଗୁଁ ଗରମ ଗୁଳୁଗୁଳି ବୃଦ୍ଧି ପାଇବ। ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରା ତାତିର ପ୍ରଭାବ ଅଧିକ ରହିବାକୁ ଥିବା ବେଳେ ଉପକୂଳରେ ଗୁଳୁଗୁଳି କଲବଲ କରିବ। ପ୍ରାୟ ୧୦ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ। ଅନ୍ୟପଟେ ସକାଳୁ ଅପରାହ୍ଣ ୩ ଟା ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବାକୁ ଥିବା ବେଳେ ୩ଟା ପରେ କିଛି କିଛି ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହେବ। ପ୍ରଚଣ୍ଡ ତାତି ଗୁଳୁଗିଳି ପରେ ସାମୁଦ୍ରିକ ବାୟୁର ପ୍ରବାହ ବଢ଼ିଲେ ଏଭଳି ସ୍ଥିତି ସୃଷ୍ଟି ହୋଇ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାରଠାରୁ ପରବର୍ତ୍ତୀ ୩ ଦିନ ମଧ୍ୟରେ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ବୃଦ୍ଧି ପାଇବ। ତେଣୁ ରାଜ୍ୟରେ ତାତି ଓ ଗୁଳୁଗୁଳି ବୃଦ୍ଧି ପାଇବ। ମୌସୁମୀ ଏବେ ବିରତି ନେଇଛି। ଫଳରେ ବର୍ଷାରେ ରୋକ୍ ଲାଗିଛି। ବଙ୍ଗୋପସାଗରରେ କୌଣସି ଲଘୁଚାପ ବା ଘୂର୍ଣ୍ଣିବଳୟ ନ ହେବା ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ। ତେଣୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଗରମ ଗୁଳୁଗୁଳିରୁ ମୁକ୍ତି ମିଳିବାର ସମ୍ଭାବନା କମ୍ ରହିଛି। ମାତ୍ର ୧୦ ତାରିଖରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବାରୁ ଏହା ରାଜ୍ୟରେ ବର୍ଷା କରାଇବା ନେଇ ସମ୍ଭାବନା ରହିଛି। ଏହି ସ୍ଥିତି ଉପୁଜିଲେ ରଜରେ ରାଜ୍ୟରେ ବର୍ଷା ସାଙ୍ଗକୁ ପାଗ ମେଘୁଆ ରହିବା ନେଇ ଅନୁମାନ କରାଯାଇଛି।

ପାଣିପାଗ କେନ୍ଦ୍ର କହିଛି ଯେ ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୀଷଣ ଗୁଳୁଗୁଳି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ଉଷ୍ମ ଓ ଆର୍ଦ୍ର ପାଣିପାଗ ଜନିତ ୟେଲୋ ଆଲର୍ଟ ଜାରି ହୋଇଛି। ସେହିପରି ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ କାଳବୈଶାଖୀଜନିତ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ନେଇ ସତର୍କ ସୂଚନା ଜାରି ହୋଇଛି। ଶୁକ୍ରବାର ସମ୍ବଲପୁରରେ ୩୯.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲିରେ ଅପରାହ୍ଣରେ ପ୍ରବଳ ବର୍ଷା ହୋଇଛି। ଏଠାରେ ୭୫ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଜଗତସିଂହପୁର ୩୯, ଖୋର୍ଦ୍ଧା ୧୫, ଅନୁଗୁଳରେ ୧୨ ମିମି ବର୍ଷା ରେକର୍ଡ ହୋଇଛି।


ଶ୍ରୀକ୍ଷେତ୍ରରେ ଚାଲିଛି ରଥ ନିର୍ମାଣ: ଉଠିଲା ଗୟଳ ଓ ଗରଗରା (ଫଟୋ:ଅନିଲ)

# ଲୋନ୍ ଆପ୍ ଜରିଆରେ ୪୯.୨କୋଟି ଠକେଇ

ଭୁବନେଶ୍ୱର, ୬।୬ (ସମିସ): ଡିଜିଟାଲ ଲୋନ୍ ଆପ୍ ଜରିଆରେ ସାରା ଦେଶରୁ ପାଖାପାଖି ୫୦ କୋଟି ଟଙ୍କା ଠକି ଗିରଫ ଦୁଇ ଚୀନ୍ ନାଗରିକଙ୍କ ବିରୋଧରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୩ଶହ

- ୨ ଚୀନ୍ ଠକଙ୍କ ବିରୋଧରେ ଚାର୍ଜସିଟ୍
- ଓଡ଼ିଶାରୁ ଠକି ନେଇଛନ୍ତି କୋଟିଏ ଟଙ୍କା

ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ଜିଆ ୟୁ ମାଲାନ୍ ଏବଂ ୱିୟୁ ୟାନାଲ। ଇଡି ଏମାନଙ୍କୁ ତାମିଲନାଡୁରୁ ଗିରଫ କରିଥିଲା। ଅଭିଯୁକ୍ତଦ୍ୱୟ ଓଡ଼ିଶା ସମେତ ପୂରା ଦେଶରେ କିପରି ରାକେଟ୍ ଚଳାଉଥିଲେ, ଏହା ପଛରେ ଆଉ କେଉଁମାନଙ୍କର ହାତ ରହିଛି, ସେମାନଙ୍କ ଠକେଇ କରିବାର କୌଶଳ ଆଦି ସବୁ କିଛି ଇଡି ତା’ର ଚାର୍ଜସିଟ୍‌ରେ ଉଲ୍ଲେଖ କରିଥିବା ଜଣାଯାଇଛି।

ଟୁରିଷ୍ଟ ଭିସାରେ ଆସିଥିବା ଚୀନ୍‌ର ଏହି ନାଗରିକଦ୍ୱୟ ଲୋନ୍ ଆପ୍ ଜରିଆରେ ଲୋକଙ୍କୁ ଠକିବା ଆରମ୍ଭ କରିଥିଲେ। ଆପ୍ ଜରିଆରେ ସେମାନେ ଲୋକଙ୍କୁ ୫ରୁ ୧୦ ହଜାର ଟଙ୍କାର ଲୋନ୍ ଅତି ସହଜରେ ଦେଇ ଦେଉଥିଲେ। କିନ୍ତୁ ଉକ୍ତ ଆପ୍ ଜରିଆରେ ସେମାନେ ଋଣକର୍ତ୍ତାଙ୍କ ସମସ୍ତ ବ୍ୟକ୍ତିଗତ ତଥ୍ୟ ନେଇ ଯାଉଥିଲେ। ପରେ ତାହାକୁ ଆଧାର କରି ଲୋକଙ୍କୁ ମନଇଚ୍ଛା ଟଙ୍କା ମାଗୁଥିଲେ। ଯେଉଁମାନେ ଟଙ୍କା ଦେଉନଥିଲେ, ସେମାନଙ୍କୁ ବିଭିନ୍ନ ଜରିଆରେ ବ୍ଲାକମେଲ୍ କରୁଥିଲେ। ଲୋନ୍ ନେଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ, ସାଙ୍ଗ ଏବଂ ପରିବାରଲେକାଙ୍କୁ ସେମାନଙ୍କ ଅଶ୍ଳୀଳ ଏଡିଟିଂ ଫଟୋ ପଠାଇବାକୁ କହି ଧମକାଉଥିଲେ। ସେମାନଙ୍କ ଏଭଳି ବ୍ଲାକ୍‌ମେଲିଂ ପାଇଁ ଅନେକ ଲୋକ ଜୀବନ ମଧ୍ୟ ହାରିଛନ୍ତି। ଧୀରେଧୀରେ ସେମାନଙ୍କ ନେଟ୍‌ୱାର୍କ ପୂରା ଦେଶକୁ ଲମ୍ବି ଯାଇଥିଲା। ଏପରି କରି ସେମାନେ ଓଡ଼ିଶାରୁ ମଧ୍ୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଥିବା ଇଡି ତଦନ୍ତରୁ ଜଣାପଡ଼ିଛି।

ଖାଲି ସେତିକି ନୁହେଁ, ଅଭିଯୁକ୍ତଦ୍ୱୟ ଠକେଇ ଟଙ୍କାକୁ କ୍ରିପ୍ଟୋ କରେନ୍ସି ମାଧ୍ୟମରେ ଚାଇନାକୁ ପଠାଉଥିଲେ।

# କଳାହାଣ୍ଡି ଡେପୁଟି କଲେକ୍ଟର ନିଲମ୍ବିତ



ଭବାନୀପାଟଣା, ୬।୬(ସମିସ): କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଗ୍ରିଭାନ୍ସ ସେଲ୍‌ରେ କାର୍ଯ୍ୟରତ ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଶୁକ୍ରବାର ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ନିଲମ୍ବିତ କରିଛି। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସୁପାରିଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୨୦ରୁ ୨୦୨୨ ମସିହା ମଧ୍ୟରେ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଥିବା ସମୟରେ ତାଙ୍କ ବିରୋଧରେ ଜମିଜମା ସମ୍ପର୍କିତ କିଛି ମାମଲା ରହିଥିଲା। ଜମି କିସମରେ ତଞ୍ଚକତା କରିବା ଭଳି ଗୁରୁତର ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଛି।

# ଚାଷୀଙ୍କୁ ଠକିଦେଲେ ସରକାର

## ୪ ମାସ ହେଲା ବାକି ପଡ଼ିଛି ସାଢ଼େ ୪ କୋଟିର ଧାନବିକା ଟଙ୍କା



**ଗାନ୍ଧୀମାର୍ଗରେ ନବରଙ୍ଗପୁର ଜିଲ୍ଲାର ଶତାଧିକ ଚାଷୀଙ୍କ ଅହୋରାତ୍ର ଧାରଣା**

ଭୁବନେଶ୍ୱର,୬।୬(ସମିସ): ବିଜେପି ସରକାର ଧାନକିଣା ଦୁର୍ନୀତିରେ ବୁଡ଼ି ରହିଛି। ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବେ ବୋଲି କହି ସରକାର ଚାଷୀଙ୍କୁ ଠକି ଦେଇଛନ୍ତି। ରାଇଘର ବ୍ଲକର ୩୪୪ଜଣ ଚାଷୀଙ୍କର ୧୪୨୫୨.୫୨ କୁଇଣ୍ଟାଲ ଧାନ ମଣ୍ଡିରୁ କିଣି ତା’ର ଦେୟ ବାବଦକୁ ୪ କୋଟି ୪୧ ଲକ୍ଷ ୮୨ ହଜାର ୬୮୬ ଟଙ୍କା ୪ ମାସ ହେବ ସରକାର ଚାଷୀଙ୍କୁ ଦେଉନାହାନ୍ତି ବୋଲି ପୂର୍ବତନ ସାଂସଦ ତଥା ବିଜେଡି ବରିଷ୍ଠ ନେତା ପ୍ରଦୀପ ମାଝୀ କହିଛନ୍ତି। ଶୁକ୍ରବାର ନବରଙ୍ଗପୁର ଜିଲ୍ଲା ଚାଷୀ ମହାସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ଅହୋରାତ୍ର ଧାରଣା ଦିଆଯାଇଛି। ଏହି ଧାରଣା ୭ ଦିନ ପର୍ଯ୍ୟନ୍ତ ଚାଲୁ ରହିବ। ଜିଲ୍ଲା ଚାଷୀମାନଙ୍କର ଧାନକିଣାରେ ଦୁର୍ନୀତି ଏବଂ ଚାଷୀଙ୍କ ଠାରୁ ଧାନ କିଣି ସରକାର ଏପର୍ଯ୍ୟନ୍ତ ଟଙ୍କା ପଇଠ ନ କରିବା ପ୍ରସଙ୍ଗରେ ଏହି ଧାରଣା ଦିଆଯାଇଛି। ଏଥିରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି ଯେ ମଣ୍ଡିରୁ ଧାନ ଉଠିବାର ୪୮ ଘଣ୍ଟା ମଧ୍ୟ ଟଙ୍କା ଦେବାର ନିୟମ ରହିଛି। କିନ୍ତୁ ସରକାର କଣ ପାଇଁ ରାଇଘର ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି। ମୋହନ ଚରଣ ମାଝୀ ଆଦିବାସୀ ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ଆଦିବାସୀ ଚାଷୀଙ୍କୁ ହଇରାଣ ହରକତ କରିବା ସହ ଶୋଷଣ କରୁଛନ୍ତି ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି।

ଏହି ଧାରଣାରେ ମୁଖ୍ୟତଃ ଧାନ ଟଙ୍କା ପ୍ରଦାନ ସମେତ ୪ଟି ଦାବି ଉପସ୍ଥାପନ କରାଯାଇଛି। ଅନ୍ୟ ତିନିଗୋଟି ପ୍ରସଙ୍ଗ ମଧ୍ୟରେ ନବରଙ୍ଗପୁର ଜିଲ୍ଲାରୁ ୨୬ ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇଥିବା ଦର୍ଶାଯାଇଥିବା ବେଳେ ଏଠାରେ ୨୬ ଲକ୍ଷ କୁଇଣ୍ଟାଲ ଧାନ ରଖିବା ପାଇଁ ଗୋଦାମର ବ୍ୟବସ୍ଥା ନାହିଁ ବୋଲି ସେ କହିଛନ୍ତି। ତେଣୁ ଜାଲ କାଗଜପତ୍ର ଜରିଆରେ ପଞ୍ଜିକୃତ କରାଯାଇଛି ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି। ଏଥିରେ ପ୍ରାୟ ୭ ଲକ୍ଷ କୁଇଣ୍ଟାଲ ଧାନ ଜାଲ୍ କାଗଜପତ୍ର ଜରିଆରେ ମିଥ୍ୟା ହିସାବ ଦେଖାଯାଇଛି। ମିଲର-ଲ୍ୟାମ୍ପ୍ସ-ସରକାରଙ୍କ ମଧୁଚନ୍ଦ୍ରିକାରେ ଏପରି ହୋଇଛି ଏବଂ ଚାଷୀଙ୍କୁ ଠକିବା ପାଇଁ ଏହା ଏକ ସୁଚିନ୍ତିତ ଯୋଜନା ବୋଲି ସେ କହିଛନ୍ତି। ତୃତୀୟରେ ଧାନକିଣା ବ୍ୟବସ୍ଥାରେ ଜିଲ୍ଲାର ସରକାରୀ ପଦାଧିକାରୀ ଯଥା ସିଏସ୍‌ଓ, ଏସ୍‌ସିଏସ୍‌ଓ, ମାର୍କେଟ ଇନିସ୍‌ପେକ୍ଟର ଏବଂ ଧାନ ଅମଳ କମିଟିର ଅଧ୍ୟକ୍ଷ ନିଜେ ଜିଲ୍ଲାପାଳ ଥାଆନ୍ତି। ତେଣୁ ଏହି ସମସ୍ତ ଦୁର୍ନୀତି ଏହି କମିଟି ଦ୍ୱାରା ହୋଇଛି। ଏଥିପାଇଁ ଏମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମାଝୀ ଦାବି କରିଛନ୍ତି।

ଚାଷୀଙ୍କ ଧାନବିକ୍ରି ଟଙ୍କା ତୁରନ୍ତ ସୁଧ ସହ ଫେରାଇବା ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏହାସହିତ କୋଅପରେଟିଭ ସଂସ୍ଥା ସୂଚନା ଅଧିକାର ଆଇନର ଅନ୍ତର୍ଭୁକ୍ତ ନୁହେଁ। ତେଣୁ ଏଥିରେ ହେଉଥିବା ଦୁର୍ନୀତିକୁ ସହଜରେ ଜାଣିବାର ସୁଯୋଗ ନାହିଁ। ସୁତରାଂ ତୁରନ୍ତ ଏହାକୁ ସୂଚନା ଅଧିକାର ଆଇନରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ଚାଷୀ ମହାସଂଘ ଦାବି କରିଛି। ଏହି ଧାରଣାରେ ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ରବି ନନ୍ଦ, ପୂର୍ବତନ ସାଂସଦ ଝିନ୍ନ ହିକ୍କା, ପୂର୍ବତନ ବିଧାୟକ ରଘୁରାମ ପୋଡ଼ାଲ, ପ୍ରୀତମ ପାଢୀ, ପ୍ରଭୁ ଜାନି, କେସିସି ବ୍ୟାଙ୍କ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ଝଙ୍କାର ଓ ଜିଲ୍ଲା ପରିଷଦ ସଦସ୍ୟ ଯତୀନ୍ଦ୍ର ଗଣ୍ଡ ପ୍ରମୁଖ ଯୋଗଦେଇ ଜିଲ୍ଲାରେ ଚାଷୀମାନଙ୍କୁ ହେଉଥିବା ଶୋଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନବରଙ୍ଗପୁରର ରାଇଘର ବ୍ଲକର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଏହି ଧାରଣାରେ ଅଂଶଗ୍ରହଣ କରିଛନ୍ତି।

# ପୁଣି ଜଣେ ନାବାଳିକା ୬ ମାସର ଅନ୍ତଃସତ୍ତ୍ୱା

କପ୍ତିପଦା, ୬।୬ (ସମିସ): ରାଜ୍ୟରେ ନାରୀବିରୋଧୀ ହିଂସା, ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ କେଉଁଠୁ ନା କେଉଁଠୁ ଦୁଷ୍କର୍ମ, ହତ୍ୟା, ଅପହରଣ ଭଳି ଖବର ଆସୁଛି। ସରକାର ଏହାକୁ ଅଟକାଇବାରେ ସଂପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ହେଉଛି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ଏଭଳି ଘଟଣା ବଢ଼ିବାରେ ଲାଗିଛି। ମୟୂରଭଞ୍ଜ ଜିଲ୍ଲାରୁ ପୁଣି ଏକ ନାବାଳିକା ଉତ୍ପୀଡ଼ନ ଖବର ଆସିଛି। ଦୁଷ୍କର୍ମର ଶିକାର ହୋଇଥିବା ଜଣେ ନାବାଳିକା ୬ ମାସର ଅନ୍ତଃସତ୍ତ୍ୱା ହୋଇଛି। କପ୍ତିପଦା ଥାନା ଅଞ୍ଚଳରେ ଏହି ଆପରାଧିକ ଘଟଣା ଘଟିଛି। ପ୍ରଲୋଭନ ଦେଖାଇ ଜଣେ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ୍ ମୋରଡ଼ା ଥାନା ଅଞ୍ଚଳର ବସନ୍ତ ନାଇକକୁ ଗିରଫ କରି କୋର୍ଟଚାଲାଣ କରିଛି।

ପୁଲିସ୍ ସୂଚନାନୁଯାୟୀ, ପୀଡ଼ିତାର ସଂପର୍କୀୟ ଭାଇ ବସନ୍ତ। ୬ ମାସ ତଳେ ନାବାଳିକାଜଣଙ୍କ ବସନ୍ତ ଘରକୁ ଆସିଥିବା ବେଳେ ବସନ୍ତ ତାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ନାବାଳିକାଜଣଙ୍କ ଅନ୍ତଃସତ୍ତ୍ୱା ହେବା ପରେ ଘଟଣା ପଦାକୁ ଆସିଥିଲା। ଏନେଇ ନାବାଳିକାର ପରିବାରଲୋକ ଥାନାରେ ଅଭିଯୋଗ କରିବାରୁ କପ୍ତିପଦା ପୁଲିସ୍ ଏକ ମାମଲା ରୁଜୁ କରି ବସନ୍ତକୁ ଗିରଫ କରିଥିଲା।

# ମାସକ ମଧ୍ୟରେ କୋଟିଆ ପାଇଁ ରୋଡ୍‌ମ୍ୟାପ୍

- କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ; କୌଣସି ସାଲିସ୍ କରାଯିବ ନାହିଁ
- ଅଦାଲତରେ କୋଟିଆ ମାମଲାକୁ ପୁନଃଜୀବିତ କରାଯିବ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୬।୬(ସମିସ): କୋଟିଆବାସୀଙ୍କ ହୃଦୟ ଜୟ କରିବା ପାଇଁ ଯାହା ଯାହା ବିକାଶମୂଳକ କାର୍ଯ୍ୟ ଆବଶ୍ୟକ, ତାହା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯିବ। ସେମାନଙ୍କ ସାମାଜିକ, ସାଂସ୍କୃତିକ ଉନ୍ନତି ସହ ଯୁବସମାଜର ସମସ୍ୟାର ସମାଧାନ କରାଯିବ। ଏନେଇ ସ୍ୱତନ୍ତ୍ର ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀମାନେ ନିଜ ନିଜ ବିଭାଗର ରୋଡ୍‌ମାପ ଜିଲ୍ଲାପାଳଙ୍କ ସହ ପରାମର୍ଶ କରି ଏକ ମାସ ମଧ୍ୟରେ ପ୍ରସ୍ତୁତ କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

କୋଟିଆ ପ୍ରସଙ୍ଗକୁ ନେଇ ଶୁକ୍ରବାର ଲୋକସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କୋଟିଆକୁ ନେଇ ଗଠିତ କମିଟିର ଏହି ପ୍ରଥମ ବୈଠକରେ କୋଟିଆର ବିକାଶ ନେଇ ମାଷ୍ଟରପ୍ଲାନ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଛି। ରାସ୍ତାଘାଟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା, ସ୍ୱତନ୍ତ୍ର ମାର୍କେଟ ନିର୍ମାଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଚାଷଜମିରୁ ମାର୍କେଟ ଯାଏଁ କିପରି ଶସ୍ୟ ଆସିବ ଏବଂ ଏହା କିପରି ବିକ୍ରି ହୋଇ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ମିଳିପାରିବ ସେନେଇ ରୋଡମ୍ୟାପ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ବୈଠକ ପରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ କୋଟିଆ ହେଉଛି ଓଡ଼ିଶାର ଏକ ଅବିଚ୍ଛେଦ ଅଙ୍ଗ। ଏହାକୁ ନେଇ କୌଣସି ସାଲିସ କରାଯିବ ନାହିଁ। ଆଜିର ବୈଠକରେ ପ୍ରାଥମିକ ଆଲୋଚନା ସମ୍ପନ୍ନ ହୋଇଛି। କେଉଁ କେଉଁ ପଦକ୍ଷେପ ଅତୀତରେ ନିଆଯାଇଛି ଏବଂ ଅତୀତରେ ବିଧାନସଭା ଗୃହ କମିଟି ଯେଉଁ ସୁପାରିସ କରିଥିଲେ, ସେନେଇ କେଉଁ ପଦକ୍ଷେପ ନିଆଯାଇଛି, ତାହାର ରିପୋର୍ଟ ମଗାଯାଇଛି। ଆସନ୍ତା ବୈଠକରେ ଏହି ରିପୋର୍ଟଗୁଡ଼ିକ ଉପସ୍ଥାପିତ ହେବ। ପୂର୍ବରୁ ସୁପ୍ରିମକୋର୍ଟରେ କୋଟିଆ ପ୍ରସଙ୍ଗରେ ଓଡ଼ିଶା ମାମଲା ହାରିଥିବା ବେଳେ ଏହି ମାମଲାକୁ ପୁନଃଜୀବିତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।


ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ସହ କମିଟିର ପ୍ରାୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ କୋଟିଆ ପାଇଁ ଗଠିତ କମିଟିରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, କୋରାପୁଟ ଜିଲ୍ଲାପାଳ ଓ ଏସପିଙ୍କୁ ମିଶାଇ ମୋଟ ୧୬ ଜଣ ସଦସ୍ୟ ରହିଛନ୍ତି।

**ସୀମା ବିବାଦକୁ ନେଇ ବିଜେଡିର କଟାକ୍ଷ**

# ବର୍ଷକ ପରେ ସରକାରଙ୍କୁ ମନେପଡ଼ିଲା ‘କୋଟିଆ’

ଭୁବନେଶ୍ୱର,୬।୬(ସମିସ): କୋଟିଆ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବକ୍ତବ୍ୟକୁ ନେଇ ପ୍ରବଳ ବର୍ଷିଛି ବିଜେଡି। କ୍ଷମତାକୁ ଆସିବାର ପ୍ରାୟ ଏକ ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ଚୁପ୍ ରହି ଆସିଥିବା ବେଳେ ଆଜି ମନେ ପକେଇଛନ୍ତି । କୋଟିଆରେ ଭିତ୍ତିଭୂମି ବିକାଶ ହେବ ବୋଲି ମନ୍ତ୍ରୀ ବକ୍ତବ୍ୟ ଦେଇଛନ୍ତି; ମାତ୍ର ସୀମା ବିବାଦର ସମାଧାନ ଉପରେ ନିରବ ରହିଛନ୍ତି। କୋଟିଆ ସୀମା ବିବାଦ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଓ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କ ଗତ ଏକ ବର୍ଷ କେବଳ ମଧୁଚନ୍ଦ୍ରିକାରେ ବିତିଛି। କୋଟିଆ, ପୋଲାଭରମ ଭଳି ଗୁରୁତ୍ୱପୁର୍ଣ୍ଣ ପ୍ରସଙ୍ଗରେ ଗତ ଏକ ବର୍ଷ ମଧ୍ୟରେ ସରକାର ମୁହଁ ଖୋଲିନାହାନ୍ତି । ଏକ ବର୍ଷ ପୂର୍ତ୍ତିକୁ ନେଇ ବିଜେପି ପକ୍ଷରୁ ରାଜ୍ୟବ୍ୟାପୀ ଉତ୍ସବ ପାଳନ କରିବା ପାଇଁ ଆୟୋଜନ କରାଯାଉଥିବା ବେଳେ କେବଳ ଉପରଠାଉରିଆ ଭାବେ ଆଜି କୋଟିଆ ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜନ କରାଯାଇଛି। ଶ୍ରୀ ମାଝୀ କହିଥିଲେ ଯେ ରାଜସ୍ୱ ମନ୍ତ୍ରୀ କୋଟିଆର ଭିତ୍ତିଭୂମି ବିକାଶ କରାଯିବ ବୋଲି ଦେଇଥିବା ମନ୍ତବ୍ୟ କେବଳ ଧର୍ମକୁ ଆଖିଠାର । କାରଣ କୋଟିଆରେ ସୀମା ବିବାଦ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ସେ ଦିଗରେ ମନ୍ତ୍ରୀ ସମ୍ପୂର୍ଣ୍ଣ ନିରବ ରହିଛନ୍ତି । କୋଟିଆର ଭିତ୍ତିଭୂମି ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କ ସରକାର ଏକକାଳୀନ ୧୬୪ କୋଟି ଟଙ୍କା ପ୍ରଦାନ କରିଥିଲେ । ସେଠାରେ ସମଗ୍ର ଗ୍ରାମାଞ୍ଚଳର ରାସ୍ତା, ସମସ୍ତ ଗ୍ରାମକୁ ପାନୀୟ ଜଳ, ବିଜୁଳି



ସଂଯୋଗ ଓ ସାମାଜିକ ସୁରକ୍ଷା ଯୋଜନା ସଫଳତାର ସହିତ ଲାଗୁ କରାଯାଇଥିଲା। କୁନ୍ଦୁଲି ଓ କୋଟିଆ ଅଞ୍ଚଳରେ ଜୈବିକ ଚାଷକୁ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା, ଯାହା ଫଳରେ ଆଜି ସେହି ଅଞ୍ଚଳରୁ ସମଗ୍ର ରାଜ୍ୟକୁ ପନିପରିବା ଆସୁଛି ।

ଶ୍ରୀ ମାଝୀ କହିଥିଲେ ଯେ କୋଟିଆ ସୀମା ବିବାଦ ପ୍ରସଙ୍ଗରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ସଂସଦ ଓ କେନ୍ଦ୍ର ଗୃହ ମନ୍ତ୍ରାଳୟ ସହିତ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଆଜି ରାଜ୍ୟରେ ଓ କେନ୍ଦ୍ରରେ ବିଜେପି ସରକାର ଥିବାବେଳେ ଆନ୍ଧ୍ରପ୍ରଦେଶରେ ମଧ୍ୟ ବିଜେପିର ସହଯୋଗୀ ଦଳର ସରକାର ଅଛି। କିନ୍ତୁ ରାଜ୍ୟ ସରକାର ଏହି ସମସ୍ୟା ସମାଧାନ ଉପରେ କୌଣସି ପଦକ୍ଷେପ ନେଇନାହାନ୍ତି। ବର୍ତ୍ତମାନ ଟ୍ରିପଲ ଇଞ୍ଜିନ ସରକାର ଥିଲାବେଳେ ରାଜ୍ୟ ସରକାର କାହିଁକି ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ଶ୍ରୀ ମାଝୀ ପ୍ରଶ୍ନ କରିଥିଲେ । ଡ. ଲେନିନ ମହାନ୍ତି କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ

- ବିବାଦ ସମାଧାନ ପାଇଁ ଟ୍ରିପଲ ଇଞ୍ଜିନର ଆନ୍ତରିକତା ନାହିଁ
- ନବୀନ ସରକାର କରିଥିଲେ କୋଟିଆରେ ଭିତ୍ତିଭୂମିର ବିକାଶ

ଅନ୍ତଃରାଜ୍ୟ କାଉନସିଲ ବୈଠକରେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ମୁହଁ ଖୋଲିନଥିଲେ। ଯାହା କୋଟିଆ ସୀମା ବିବାଦ ସମାଧାନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଜିର ବୈଠକରେ ସୀମା ବିବାଦ ନେଇ ରାଜ୍ୟ ସରକାର ନିରବ ରହିବା ଯୋଗୁଁ ଆଜିର ବୈଠକ ଏକ ଭେଳିକିରେ ପରିଣତ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟରେ ପୂର୍ବ ସରକାରଙ୍କ ପରିଚାଳନାଗତ ତ୍ରୁଟି ଯୋଗୁଁ ଓଡ଼ିଶାର ଦାବି ଗ୍ରହଣୀୟ ହୋଇପାରିଲା ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ ବୋଲି ସେ କହିଥିଲେ।

## ବିହନ ଯୋଗାଣରେ ଅନିୟମିତତା

# ସମବାୟରେ ମିଳୁନି; ବଜାରରେ ହାଉଯାଉ

ଭୁବନେଶ୍ୱର, ୬।୬(ସମିସ): ଓଡ଼ିଶା ଚାଷୀମାନେ ସ୍ୱର୍ଣ୍ଣ, ଶକ୍ତି, ଏମ୍‌ଟ୍ୟୁ ୧୨୧୦, ଏମ୍‌ଟ୍ୟୁ ୧୨୨୬ ଆଦି ବିହନକୁ ବେଶ ପସନ୍ଦ କରୁଛନ୍ତି। ତିନି ବର୍ଷ ତଳେ ଏହି ବିହନ ନୂଆ କରି ବାଣ୍ଟିଥିଲା ବିହନ ନିଗମ। ପୂର୍ବରୁ ହେକ୍ଟର ପିଛା ୪୦ରୁ ୫୦ କେଜି ବିହନ ବ୍ୟବହାର ହେଉଥିବା ବେଳେ ଏହି ବିହନ ମାତ୍ର ୨୦ କେଜି ବ୍ୟବହାର ହେଉଛି। ଏହି ବିହନରୁ ହେକ୍ଟର ପିଛା ୪ରୁ ୫ଟନ୍ ଧାନ ଉତ୍ପାଦନ ହେଉଛି। ତେଣୁ ସ୍ୱାଭାବିକ ଭାବେ ଚାଷୀ ଏହି ବିହନକୁ ବେଶ ପସନ୍ଦ କରୁଛନ୍ତି। ହେଲେ ସମବାୟରେ ବିହନ ଉପଲବ୍ଧତା ଖୁବ୍ କମ ରହୁଛି। ମାତ୍ର ଖୋଲା ବଜାରରେ ଚଢ଼ା ଦରରେ ବିକ୍ରି ହେଉଛି। ତେଣୁ ଏହାକୁ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ସରକାରୀ ଭାବେ ମିଳୁନଥିବା ବେଳେ ଖୋଲା ବଜାରକୁ ଏହି ବିହନ କେଉଁଠୁ ଆସୁଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି।

ସୂଚନାନୁସାରେ, ଖରିଫ୍‌ରେ ରାଜ୍ୟରେ ୧୧ଲକ୍ଷ କ୍ୱିଣ୍ଟାଲ୍ ବିହନର ଆବଶ୍ୟକତା ରହିଛି। ଏଥିରୁ ଅର୍ଦ୍ଧାଧିକ ବିହନ ନିଗମ ଯୋଗାଇଥାଏ। ବଳକା ଚାଷୀ ସଂରକ୍ଷିତ କରି ରଖିଥିବା ବିହନ ଓ ହାଇବ୍ରିଡ୍ ବିହନରୁ ଭରଣା ହୋଇଥାଏ। ମାତ୍ର ପୂର୍ବବର୍ଷ ହାଇବ୍ରିଡ୍ ବିହନରୁ ଭଲ ଧାନ ହୋଇନଥିବାରୁ ଚାଷୀ ସେହି ବିହନକୁ ନାପସନ୍ଦ କରୁଛନ୍ତି। ସରକାରୀ ବିହନର ଭଲ ଚାହିଦା ଥିବାବେଳେ ଯୋଗାଣରେ ଅନିୟମିତତା ଚାଷୀ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ସରକାରୀ ବିହନକୁ ଅପେକ୍ଷା କରିବେ, ନା ବାହାରୁ କିଣି ବୁଣିବେ ତାକୁ ନେଇ ଏବେ ଚାଷୀ



ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଅପରପକ୍ଷେ ସମବାୟ ସଂସ୍ଥା ପକ୍ଷରୁ ବିହନ ନିଗମକୁ ଚାଷୀଙ୍କ ଆବଶ୍ୟକତା ଅନୁସାରେ ଚିଠି କରାଯାଇଥିଲା। ହେଲେ ସେହି ଅନୁସାରେ ବିହନ ମିଳିନଥିବାରୁ ଏବେ ବିହନ ବଣ୍ଟନ ବେଳେ ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି। ଗୋଟିଏପଟେ ଚାଷୀ ଏହି ବିହନ ପାଇଁ ବେଶ ଆଗ୍ରହ ପ୍ରକାଶ କରୁଥିବା ବେଳେ ସରକାର ଏହାକୁ କମ୍ ମାତ୍ରାରେ ଯୋଗାଉଛନ୍ତି। ଫଳରେ ଏମ୍‌ଏସ୍‌ପି ସହାୟତା ମିଳିବା ପରେ ଅଧିକ ଜମି ଚାଷ କରିବାକୁ ଚାହିଁ ବସିଥିବା ଚାଷୀ ବିହନ ପାଇଁ ଚିନ୍ତାରେ ପଡ଼ିଛି।

ବଜାରରେ ମିଳୁଥିବା ବିହନ ଉପରେ ମଧ ଚାଷୀ ନିର୍ଭର କରିପାରୁନି। କାରଣ ଅଧିକାଂଶ ସମୟରେ ଚାଷୀ ବଜାରରୁ ଆଣିଥିବା ବିହନ

**■ ସରକାରୀ ଦର ୨୫, ଦୋକାନରେ ୧୫୦**
**■ ବିହନ ପାଇଁ ଚିନ୍ତାରେ ଚାଷୀକୁଳ**

ନକଲି ବୋଲି ଜଣାପଡୁଛି। ବିଲରେ ବୁଣିବା ପରେ ଗଜା ଧରୁନଥିବାରୁ ସମସ୍ୟା ବଢ଼ିଯାଉଛି। ନକଲି ବିହନ ଉପରେ ଲଗାମ ଲଗାଇବା ପାଇଁ ଏଜେନ୍ସିରେ ଯାଞ୍ଚ କରାଯାଉଛି। ହେଲେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅଧିକ ଲାଭ ପାଇବା ଆଶାରେ ବାହାର ରାଜ୍ୟରୁ ନକଲି ବିହନ ଆଣି ବିକ୍ରି କରୁଥିବା ଅଭିଯୋଗ ହେଉଛି। କୋଲକାତା, କର୍ଣ୍ଣାଟକ ସମେତ ବିଭିନ୍ନ ରାଜ୍ୟର କମ୍ପାନି ଏଜେଣ୍ଟମାନେ ପଞ୍ଚାୟତରେ ବୈଠକ କରି ଉଚ୍ଚ ଉତ୍ପାଦନ ସହିତ ଆକର୍ଷଣୀୟ ଅଫରର ଲୋଭ ଚାଷୀଙ୍କୁ ଦେଖାଉଛନ୍ତି। ଅନେକ ସମୟରେ ଚାଷୀ ଏହାଦ୍ୱାରା ପ୍ରଭାବିତ ହୋଇପଡୁଛନ୍ତି।

ଚାଷୀ ନେତା ରାମଚନ୍ଦ୍ର ସାହୁ କହିଛନ୍ତି, ଯେଉଁ ସରକାରୀ ବିହନ ସରକାରୀ ଭାବେ ୨୦ରୁ ୨୫ଟଙ୍କାରେ ବିକ୍ରି ହୁଏ, ଖୋଲାବଜାରରେ ତାହା ୧୫୦ ଟଙ୍କାରେ ବିକ୍ରି ହେଉଛି। ନିଗମ ପାଖରେ ସେହି ବିହନ ରହୁନଥିବା ବେଳେ ଦୋକାନୀମାନଙ୍କ ପାଖରେ କେଉଁଠୁ ଆସୁଛି। ସେହି ବିହନ ପ୍ରାମାଣିକ ହୋଇଥିବା ବେଳେ ବାହାର ରାଜ୍ୟରୁ ବି ତାକୁ ଆଣିବା ସମ୍ଭବ ନୁହେଁ। ତେଣୁ ବିହନ ନିଗମ ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଏହାସହ ଚାଷୀ ବର୍ଷକର ଆୟ ପାଇଁ ବିହନ ଉପରେ ନିର୍ଭର କରିଥାଏ। ହେଲେ ସରକାର ଆରମ୍ଭରୁ ବିହନର ଦାମ୍ ବଢ଼ାଇଲେ। ଏବେ ପୁଣି ଦେବାରେ ଅନିୟମିତତା କରୁଛନ୍ତୁ। ତେଣୁ ଚାଷୀ ସଂପୂର୍ଣ୍ଣ ହତାଶ ହୋଇଯାଉଛି। ଏହାର ସ୍ଥାୟୀ ସମାଧାନ କରିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

# ଡେଙ୍ଗା ମୁନା ସମେତ ୬ ଦୁର୍ଦ୍ଦାନ୍ତ ଗିରଫ



ପୁରୀ, ୬।୬(ସମିସ): ରଥଯାତ୍ରା ପୂର୍ବରୁ ଅପରାଧ ଦମନ କ୍ଷେତ୍ରରେ ପୁରୀ ପୁଲିସ୍‌କୁ ବଡ଼ ସଫଳତା ମିଳିଛି। ୬ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୬ଟି ଦେଶୀ ବନ୍ଧୁକ, ୨୦ ଗୁଳି, ୩ଟି ମୋବାଇଲ,

**୬ ବନ୍ଧୁକ ଓ ୨୦ ଗୁଳି ଜବତ**

ନଗଦ ୨୧ଶହ ଟଙ୍କା ଜବତ କରିଛି। ଅଭିଯୁକ୍ତମାନେ ହେଲେ, କୁମ୍ଭାରପଡ଼ା ଥାନା ଫ୍ରେଣ୍ଡର୍ସ କ୍ଲବ୍ ଗଳିର ରମେଶ ପରିଡ଼ା ଓରଫ୍ ଡେଙ୍ଗା ମୁନା, ପେଣ୍ଠକଟା ମେରାଇନ୍ ଥାନା ଅନ୍ତର୍ଗତ ବ୍ରାହ୍ମଣ ପୋଖରୀର ବାବୁ ଦାସ, ତାଳବଣିଆ ଥାନା ଅନ୍ତର୍ଗତ କୁମୁଟି ପାଟଣା ଜଗନ୍ନାଥ କଲୋନୀର ଗୁଡ୍ଡୁ ପଣ୍ଡା, ସିଦ୍ଧ ମହାବୀର ଅଞ୍ଚଳର ହରିଚନ୍ଦନ ଦାସ, ବାସେଲୀ ସାହି ଥାନା ଅନ୍ତର୍ଗତ ଗୋଖାସାହିର ପତିତ ବେହେରା ଏବଂ ମଲିକା ଛକ ଅଞ୍ଚଳର ଚିତ୍ତରଂଜନ ପୁରୋହିତ। ଏମାନେ ଏକ ବଡ଼ଧରଣର ଅପରାଧ ଘଟାଇବା ପାଇଁ ଯୋଜନା କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୁଲିସ୍ ଅର୍ବାନ ହାଟ ନିକଟରେ ଥିବା ପୁରୁଣା ଡିଏଜି କାର୍ଯ୍ୟାଳୟ କୋଠାରେ ଚଢ଼ଉ କରି ଏମାନଙ୍କୁ ଗିରଫ କରିଛି। ଶୁକ୍ରବାର ଟାଉନ୍ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିନୀତ୍ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି। ସମଦ୍ରକୂଳ ଥାନା ପୁଲିସ୍ ଏନେଇ ନଂ ୧୪୭/୨୫ରେ ଏକ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟଚାଲାଣ କରିଛି।

ସୂଚନାଯୋଗ୍ୟ, ଅଭିଯୁକ୍ତ ରମେଶ ନାମରେ ବିଭିନ୍ନ ଥାନାରେ ୨୩ରୁ ଅଧିକ ମାମଲା ରହିଥିବା ବେଳେ ବାବୁ ନାମରେ ୬ଟି, ଗୁଡ୍ଡୁ ନାମରେ ୯ଟି, ହରିଚନ୍ଦନ ନାମରେ ୪ଟି, ପତିତ ନାମରେ ୯ ଓ ଚିତି ନାମରେ ୮ଟି ମାମଲା ରହିଛି।

## ସମୀରଙ୍କ ପାଲଟା ବାଣ

# କୋଠଘର ପାଲଟିଛି 'ପିସି' ପେଣ୍ଠ

ପୁରୀ, ୬।୬(ସମିସ): ଦିନକ ତଳେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ଦାସ ସରକାରରେ ଚାଲିଥିବା ପିସିକୁ ନେଇ ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକାଙ୍କୁ ଘାଇଲା କରିଥିବାବେଳେ ଆଜି ପୁଣି ଏକ ବନ୍ଧୁମିଳନରେ ମାରିଛନ୍ତି 'ପିସି' ବାଣ । ଉପମୁଖ୍ୟମନ୍ତ୍ରୀଙ୍କ ନାମ ନ ନେଇ ସମୀର ସିଧାସଳଖ ପିସି କାରବାର ସମ୍ପର୍କରେ ନିଆଁ ଉଦ୍‌ଗାରିଛନ୍ତି ଓ ତାଙ୍କ ବିରୋଧରେ ପ୍ରଭାତୀ କରିଥିବା ଅଭିଯୋଗକୁ ପ୍ରମାଣିତ କରିବାକୁ ପରୋକ୍ଷରେ ଆହ୍ୱାନ ଦେଇଛନ୍ତି । ପିସି ପ୍ରସଙ୍ଗରେ ତାଙ୍କୁ ଭୁଲ ପ୍ରମାଣିତ କରିବାକୁ ପ୍ରଭାତୀ ଯେଉଁ ଟିପ୍ପଣୀ ଦେଇଛନ୍ତି ତାହାକୁ ସତ୍ୟ ସାବ୍ୟସ୍ତ କରିବାକୁ ମଧ ସେ ଚାଲେଞ୍ଜ କରିଛନ୍ତି ।

ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ରେଞ୍ଚ ଶାସନରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଜେପି ମୁଖପାତ୍ର ଶ୍ରୀ ଦାସ କହିଛନ୍ତି ଯେ ମୋର ୧୫ ବର୍ଷ ମଧ୍ୟରେ କେବେ ପିସି କାରବାର ହୋଇ ନ ଥିଲା । ବିଧାୟକ ହାତପାଣ୍ଠି ଓ ସାଂସଦ ହାତପାଣ୍ଠି ବଣ୍ଟନ ସ୍ୱଚ୍ଛତାର ସହ ହେଉଥିଲା ଏବଂ ଏଥିରେ ପିସି କାରବାରର ନାଁ ଗନ୍ଧ ନ ଥିଲା । ସରକାରୀ କର୍ମଚାରୀମାନେ ପିସି ମାଗିବାକୁ ଭୟ କରୁଥିଲେ । ସେ ଏକଥା କହିଥିଲେ । ଯଦି ସେତେବେଳେ କୌଣସି ପିସି କାରବାର ହୋଇଥିଲା, ତେବେ ସେ (ପ୍ରଭାତୀ) କାହିଁକି ସ୍ୱର ଉଠାଇ ନ ଥିଲେ । ଏବେ ବି ଯଦି ସେତେବେଳେ ପିସି କାରବାର ହୋଇଥିବାର ପ୍ରମାଣ ଦେବେ, ତେବେ ସ୍ୱାଗତ କରିବି । ଏବେ ତ ଗାଁ କୋଠଘରେ ପିସି କାରବାର ହେଉଛି, କିଏ କେତେ ପିସି ମାଗିଲା; ସେ ବିଷୟରେ ବି ଚର୍ଚ୍ଚା ହେଉଛି । ସେଥିରେ ତୁମ ନାଁ ନ ପଡୁ ବୋଲି ପରୋକ୍ଷରେ ସମୀର ପ୍ରଭାତୀଙ୍କୁ ପରାମର୍ଶ ଦେଇଛନ୍ତି ।

ଦିନକ ତଳେ ନିମାପଡ଼ାରେ ପିସି କାରବାର ନେଇ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସମାଲୋଚନା କରିଥିଲେ ସମୀର ରଞ୍ଜନ ଦାଶ। ଶ୍ରୀମତୀ ପରିଡ଼ା ଏହାର ପାଲଟା ଜବାବ ଦେଇଥିଲେ। କାମ ଆରମ୍ଭ ହୋଇ ନ ଥିବା ବେଳେ ପିସି କଥା କେଉଁଠୁ ଉଠୁଛି ବୋଲି ସେ ସମୀରଙ୍କୁ ଆକ୍ଷେପ କରିଥିଲେ। ଶୁକ୍ରବାର ରେଞ୍ଚରେ ଅନୁଷ୍ଠିତ ବନ୍ଧୁମିଳନରେ ସମୀର ଏହାର ଜବାବ ଦେଇଛନ୍ତି । ଇତିମଧ୍ୟରେ ବର୍ଷଟିଏ ବିତିଗଲାଣି, ସେ କଥା ବୋଧେ ସେ ଜାଣିପାରୁ ନାହାନ୍ତି ବୋଲି ମଧ ସମୀର କଟାକ୍ଷ କରିଛନ୍ତି । ତାଙ୍କ ବିଧାୟକତ୍ୱ ସମୟରେ ଯେଉଁ କାମ ପାଇଁ ଅର୍ଥମଞ୍ଜୁର ହୋଇଥିଲା, ଏବେ ସେହି କାମର ବିଲ କରାଯିବା ସମୟରେ ପିସି କାରବାର ହେଉଥିବା ସମୀର କହିଛନ୍ତି । ଏହି କାର୍ଯ୍ୟକ୍ରମରେ ନିମାପଡା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ଜୀବନାନନ୍ଦ ମହାପାତ୍ର, ଅଶୋକ କୁମାର ସାହୁ, ଅଜୟ କୁମାର ସ୍ୱାଇଁ, ସରପଞ୍ଚ ପ୍ରସନ୍ନ ସ୍ୱାଇଁ, ନାଏବ ସରପଞ୍ଚ ମୋନାଲିସା ମହାନ୍ତି, ରାକେଶ ବେହେରାଙ୍କ ସହ ସମୀରଙ୍କ ଅନୁଗତ ଅନେକ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରାହୁଲଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟକୁ ବିରୋଧ

# ପଦମର୍ଯ୍ୟାଦା ରକ୍ଷା କରନ୍ତୁ ପୁରୀ ସାଂସଦ: କଂଗ୍ରେସ

ଭୁବନେଶ୍ୱର, ୬।୬(ସମିସ): ପୁରୀ ସାଂସଦ ଜଣେ ବାଚାଳ; ନିଜକୁ ଚର୍ଚ୍ଚା ଭିତରକୁ ଆଣିବାପାଇଁ ସେ ଅନେକ ଥର ଅନେକ ଅରୁଚିକର ମନ୍ତବ୍ୟ ଦେଇ ସାଧାରଣରେ ନିନ୍ଦିତ ହୋଇଛନ୍ତି ବୋଲି କହିଛି ଯୁବ କଂଗ୍ରେସ । ଏହା ସହ ରାହୁଲଙ୍କ ବିରୋଧରେ ଅରୁଚିର ମନ୍ତବ୍ୟ ଦେଇଥିବାରୁ ଯୁବ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବାକୁ ଧମକ ଦେଇଛି ।

ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଲୋକସଭାର ବିରୋଧୀଦଳ ନେତାଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ । ଅତୀତରେ ସେ ନିଜର ହିତାହିତ ଜ୍ଞାନ ଭୁଲି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଭକ୍ତ କହି ସାଧାରଣରେ ନିନ୍ଦିତ ହୋଇଛନ୍ତି। ଯିଏ ମୋଦୀକୁ ଜଗନ୍ନାଥଙ୍କ ଠାରୁ ବଡ଼ ବୋଲି ବିଚାର କରେ, ସେହି ଲୋକ ଯାହା ନାହିଁ ତାହା କହିପାରେ। ଭାରତର ଅଖଣ୍ଡତା ଓ ସୁରକ୍ଷା ପାଇଁ ସଦା ସର୍ବଦା ରାହୁଲ ଗାନ୍ଧୀ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କୁ ଚୀନ୍ ଆଉ ପାକିସ୍ଥାନ ଠାରୁ ଅର୍ଥ ନେବା ଏବଂ ଦେଶଦ୍ରୋହୀ କହି ଆରୋପ କରିବା ଦୁର୍ଭାଗ୍ୟଜନକ।

ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ସୟଦ ୟାସିର ନୱାଜ କହିଛନ୍ତି ଯେ ଭାରତୀୟ ଜନତାପାର୍ଟି କେନ୍ଦ୍ରରେ ସରକାରରେ ଅଛି। ତାଙ୍କ ପାଖରେ ସମସ୍ତ ବିଧି ବ୍ୟବସ୍ଥା ରହିଛି। ସମ୍ବିତ ପାତ୍ରଙ୍କ ଉପରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ରହିଛନ୍ତି। ଏ ଖବର ସମ୍ବିତ ପାତ୍ରଙ୍କୁ ଜଣାପଡ଼ିଲା କିନ୍ତୁ ସେମାନେ କେମିତି ଜାଣିପାରିଲେ ନାହିଁ ବୋଲି ସୟଦ ୟାସିର ନୱାଜ ପ୍ରଶ୍ନ କରିଛନ୍ତି। ଏଣୁ 'ଶୃଗାଳ କ'ଣ ନ ଖାଏ, ସମ୍ବିତ୍ କ'ଣ ନକହେ' ବୋଲି ସେ କହିଛନ୍ତି। ସେହିପରି ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ସମ୍ବିତ୍‌ଙ୍କ ଏଭଳି ମନ୍ତବ୍ୟ ପରେ ପିପିଲିଠାରେ ତାଙ୍କୁ ଯୁବ କଂଗ୍ରେସ ପକ୍ଷରୁ କଳାପତାକା ପ୍ରଦର୍ଶନ କରାଯାଇଥିବା ବେଳେ ବିରୋଧ ପ୍ରଦର୍ଶନକାରୀଙ୍କ ଉପରେ ପୁଲିସ ମାମଲା ରୁଜୁ କରିଛି। ନିକଟରେ କେରଳ ହାଇକୋର୍ଟ କହିଛନ୍ତି ଯେ କଳାପତାକା ଦେଖାଇବା ବେଆଇନ ନୁହେଁ। ଏଣୁ ସେ କଳାପତାକା ପ୍ରଦର୍ଶନକାରୀଙ୍କ କେସକୁ ଖାରଜ କରିଦେଇଥିଲେ। ମାତ୍ର କଳାପତାକା ପ୍ରଦର୍ଶନ କରିଥିବା ଯୁବ କଂଗ୍ରେସର କର୍ମୀମାନଙ୍କ ଉପରେ ୧୦୯ ଭଳି ହତ୍ୟା ଦଫା ଲଗାଯାଇଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧୀଦଳର ଭୂମିକାକୁ ସଂପୂର୍ଣ୍ଣ ବନ୍ଦ କରିଦେବାକୁ ବିଜେପି ଚକ୍ରାନ୍ତ କରୁଛି। ତୁରନ୍ତ ଯୁବ କଂଗ୍ରେସ କର୍ମୀଙ୍କ ନାମରେ ରୁଜୁ ହୋଇଥିବା ମିଥ୍ୟା ମକଦ୍ଦମାକୁ ଉଠାଇନେବାକୁ ଯୁବ କଂଗ୍ରେସ ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସୁଦୀପ ସାମଲ, ଆଲୋକ ଦାସ, ମହମ୍ମଦ ପରଭେଜ ଉପସ୍ଥିତ ଥିଲେ।

# ସାଂସଦ ସମ୍ବିତ ପାତ୍ରଙ୍କ କୁଶପୁତ୍ତଳିକା ଦାହ



ପୁରୀ, ୬।୬ (ସମିସ): ସାଂସଦ ଡା. ସମ୍ବିତ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରିଛି ପୁରୀ ଜିଲ୍ଲା କଂଗ୍ରେସ। ଗତ ୪ ତାରିଖରେ ପିପିଲି ଦାଣ୍ଡମୁକୁନ୍ଦପୁରଠାରେ ଆୟୋଜିତ ଏକ ସଭାରେ ଶ୍ରୀ ପାତ୍ର ଭାଷଣରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ 'ଦେଶଦ୍ରୋହୀ' ଏବଂ ସେମାନେ ପାକିସ୍ତାନ ଓ ଚୀନ୍‌ଠାରୁ ଅର୍ଥ ପାଇ ଦେଶରେ ଅସ୍ଥିରତା ସୃଷ୍ଟି କରୁଛନ୍ତି ବୋଲି କହିଥିଲେ। ଏଭଳି ଆପତ୍ତିଜନକ ମନ୍ତବ୍ୟ ପାଇଁ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ କଚେରି ଛକରେ ସାଂସଦ ଡା. ପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏପରି ଘୃଣ୍ୟ ମନ୍ତବ୍ୟ ଦେଇଥିବାରୁ ଶ୍ରୀ ପାତ୍ରଙ୍କ ବିରୋଧରେ ନାରାବାଜି ସହ ତାଙ୍କ କୁଶପୁତ୍ତଳିକାକୁ ଚାବୁକ ମାଡ଼ ମାରି ନିନ୍ଦା କରିଥିଲେ। ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ବିନାୟକ ଦାସମହାପାତ୍ର, ନିରଞ୍ଜନ ରଥ, ସତ୍ୟବାଦୀ କଂଗ୍ରେସ ନେତା ମନୋଜ କୁମାର ରଥଙ୍କ ସମେତ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ଥିଲେ।

## ସୀମାନ୍ତରେ ପୁଣି ଜଣେ ମାଓ ନେତା ନିହତ

ମାଲକାନଗିରି, ୬।୬(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ପୁଣି ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନ ଭିତରେ ହୋଇଥିବା ଏହି ଏନ୍‌କାଉଣ୍ଟର୍‌ରେ ତେଲେଙ୍ଗାନାର ମୋଷ୍ଟୱାଣ୍ଟେଡ୍ ମାଓନେତା ମାଲିରାପୁ ଆଡ୍‌ଲୁ ଓରଫ୍ ଭାସ୍କର ନିହତ ହୋଇଛି। ତା' ନାମରେ ୨୫ ଲକ୍ଷର ପୁରସ୍କାର ରାଶି ରହିଥିଲା। ବସ୍ତର୍ ଆଇଜି ସୁନ୍ଦରରାଜ ପି. ଆଜି ଏହି ସୂଚନା ଦେଇଛନ୍ତି। ୫୩ବର୍ଷୀୟ ଏହି କୁଖ୍ୟାତ ମାଓ ନେତାକୁ ଗିରଫ କରିବା ଲାଗି ତେଲେଙ୍ଗାନା, ଆନ୍ଧ୍ର ଓ ଛତିଶଗଡ଼ ସରକାର ଲକ୍ଷାଧିକ ଟଙ୍କା ମଧ ଘୋଷଣା କରିଥିଲେ।

■ ଶୃଙ୍ଖଳିତ ରଥଯାତ୍ରା ପାଇଁ ମନ୍ତ୍ରୀସ୍ତରୀୟ କମିଟି

## ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଧ୍ୟକ୍ଷ

ଭୁବନେଶ୍ୱର, ୬।୬(ସମିସ): ଶୃଙ୍ଖଳିତ ଭାବେ ରଥଯାତ୍ରା ସମ୍ପନ୍ନ ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କମିଟିର ଅଧ୍ୟକ୍ଷ ରହିଥିବା ବେଳେ ମୋଟ ୫ଜଣ ସଦସ୍ୟ ଏଥିରେ ସ୍ଥାନ ପାଇଛନ୍ତି। ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଆଇନ ବିଭାଗର ପ୍ରମୁଖ ସଚିବ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ଏନେଇ ଆଇନ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି।

# ଭାରତୀୟ ଭାଷାରେ ଶିକ୍ଷାକୁ ପ୍ରୋତ୍ସାହନ ଆମ ପ୍ରତିବଦ୍ଧତା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୬।୬(ସମିସ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟପ୍ରଦେଶର ଇନ୍ଦୋର ଗସ୍ତରେ ଥିବା ବେଳେ ଶୁକ୍ରବାର ସେଠାରେ ଶିକ୍ଷା ମନ୍ତ୍ରଣାଳୟ ସହ ସମ୍ପୃକ୍ତ ସଂସଦର ପରାମର୍ଶଦାତା ସମିତିର ଦ୍ୱିତୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ସ୍କୁଲ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନରେ ଭାରତୀୟ ଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା କରାଯାଇଯାଇଥିଲା। ଏ ସମ୍ପର୍କରେ ଶ୍ରୀ ପ୍ରଧାନ ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏହାସହ ସ୍କୁଲ ଓ ଉଚ୍ଚଶିକ୍ଷାରେ ଭାରତୀୟ ଭାଷାକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ। ପିଲାମାନଙ୍କର ଜ୍ଞାନାତ୍ମକ ବିକାଶ ପାଇଁ ଦୃଢ଼ ଭିତ୍ତିଭୂମି ନିର୍ମାଣ, ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ଆମ ଦେଶର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ଅଂଶଗ୍ରହଣ କରି ମୂଲ୍ୟବାନ ପରାମର୍ଶ ଦେଇଥିବାରୁ କମିଟି ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ ଶ୍ରୀ ପ୍ରଧାନ। ସେ ଏହା ମଧ କହିଛନ୍ତି ଯେ ଆଗାମୀ ବର୍ଷଗୁଡ଼ିକରେ ଶିକ୍ଷାର ମାଧ୍ୟମ ମୁଖ୍ୟତଃ ଭାରତୀୟ ଏବଂ ସ୍ଥାନୀୟ ଭାଷାରେ ହେବ। ସେ ଇଞ୍ଜିନିୟରିଂ ଭଳି ବୈଷୟିକ ପାଠ୍ୟକ୍ରମ ସମେତ ସ୍ଥାନୀୟ ଭାଷାରେ ପାଠ୍ୟକ୍ରମ ପ୍ରଚଳନ କରିବା ପାଇଁ ଆଇଆଇଟି ଭଳି ଉଚ୍ଚଶିକ୍ଷା ପ୍ରତିଷ୍ଠାନର ପ୍ରୟାସକୁ ମଧ ପ୍ରଶଂସା କରିଥିଲେ। ବୈଠକରେ ଉତ୍ତର-ପୂର୍ବ କ୍ଷେତ୍ରର ଶିକ୍ଷା ଏବଂ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର, ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାର, ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ସଚିବ ଡକ୍ଟର ବିନୀତ ଯୋଶୀ, ଏଆଇସିଟିଇ, ୟୁଜିସି ଏବଂ ଭାରତୀୟ ଭାଷା ସମିତିର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ ବୈଠକରେ ଯୋଗ ଦେଇଥିଲେ।

# ଡେବ୍ରିଗଡ଼ରେ ୭୮୮ ଗୟଳ

ସମ୍ବଲପୁର, ୬।୬ (ସମିସ): ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଗଣନା ଅନୁଯାୟୀ ଡେବ୍ରିଗଡ଼ ଅଭୟାରଣ୍ୟରେ ଗୟଳ (ଇଣ୍ଡିଆନ୍ ବାଇସନ୍) ସଂଖ୍ୟା ବୃଦ୍ଧି ପାଇଛି। ଗତ ମେ' ୧୧ରୁ ୧୩ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଏହି ଗଣନା କରାଯାଇଥିଲା। ଗଣନା ଅନୁଯାୟୀ ଗୟଳ ସଂଖ୍ୟା ୭୮୮ରେ ପହଞ୍ଚିଛି। ତନ୍ମଧ୍ୟରେ ୩୧୫ ଅପ୍ରାପ୍ତ ବୟସ୍କ (୨ ବର୍ଷରୁ କମ୍ ଶାବକ) ଓ ୧୨୮ଟି ସଦ୍ୟଜନ୍ମିତ (୩ ମାସରୁ କମ୍ ଶାବକ) ରହିଛନ୍ତି। ଅପ୍ରାପ୍ତ ବୟସ୍କ ଗୟଳ ସଂଖ୍ୟା ମୋଟ ଗୟଳ ସଂଖ୍ୟାର ପ୍ରାୟ ୪୦ ପ୍ରତିଶତ ରହିଛି। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସଙ୍କ ସୂଚନା ଅନୁଯାୟୀ ୨୦୨୪ ମସିହା ନଭେମ୍ବର ୧୨ ଓ ୧୩ତାରିଖରେ ପ୍ରଥମ କରି ହୋଇଥିବା ଗଣନା ସମୟରେ ଗୟଳ ସଂଖ୍ୟା ୬୫୯ ଥିଲା। ମାତ୍ର ୬ ମାସ ବ୍ୟବଧାନରେ ଏହି ସଂଖ୍ୟା ୧୨୯ ବୃଦ୍ଧି ପାଇଛି। ଗତଥର ୫୨ଟି ଗୋଠ ଥିବାବେଳେ ଏହା ୬୦ଟିକୁ ବୃଦ୍ଧି ପାଇଛି। ଗୟଳ ସଂଖ୍ୟା ବୃଦ୍ଧି ସହିତ ଗୋଠ ଗୁଡ଼ିକ ଭାଗ ହୋଇଥାଏ।

## ପିଏଚ୍.ଡି ଡିଗ୍ରୀ



କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସେସ (K I S S) ମାନିତ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ମନୋରଞ୍ଜନ ମହାପାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗରେ ସମ୍ମାନ ସୂଚକ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି । ସେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର, ଡ. ପ୍ରସନ୍ନ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "A Study on Nutritional Status and Associated Risk Factors among the Juang Tribe of Keonjhar District of Odisha" ସମ୍ପର୍କରେ ଗବେଷଣା କରିଛନ୍ତି ଏବଂ ଉକ୍ତ ସନ୍ଦର୍ଭଟି ଆନ୍ଧ୍ର ବିଶ୍ୱବିଦ୍ୟାଳୟର ହ୍ୟୁମାନ ଜେନେଟିକ୍ସ ବିଭାଗର ପ୍ରଫେସର ଜି. ସୁଧାକର ଏବଂ ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ, କୋଲକାତାର ପୂର୍ବତନ ପ୍ରଫେସର ପ୍ରେମାନନ୍ଦ ଭାରତୀଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚପ୍ରଶଂସିତ ହୋଇଅଛି । ଡ. ମନୋରଞ୍ଜନ ମହାପାତ୍ର ନୟାଗଡ଼ ଜିଲ୍ଲା କାଳିକାପ୍ରସାଦ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗମେଇଁ ଗ୍ରାମନିବାସୀ ଶ୍ରୀମତୀ ଦମୟନ୍ତୀ ମହାପାତ୍ର ଏବଂ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କ କନିଷ୍ଠ ପୁତ୍ର ଅଟନ୍ତି । ସେ ତାଙ୍କର ଏହି ସଫଳତାର ଶ୍ରେୟ ପ୍ରଭୁ ଜଗନ୍ନାଥ, ପିତାମାତା, ପିଏଚଡି ମାର୍ଗଦର୍ଶକ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସହକର୍ମୀ, ଛାତ୍ର ଛାତ୍ରୀଙ୍କ ପ୍ରେରଣା ତଥା ପତ୍ନୀ, ଝିଅ, ବନ୍ଧୁ ଓ ପରିବାରବର୍ଗଙ୍କୁ କୃତଜ୍ଞତାଜ୍ଞାପନ କରିଛନ୍ତି ।

## କୋରାପୁଟ୍ ଡାକ୍ତରଖାନାରେ ୬ ରୋଗୀଙ୍କ ମୃତ୍ୟୁ

# ତଦନ୍ତ ରିପୋର୍ଟ ନ ଆସୁଣୁ ସ୍ୱାସ୍ଥ୍ୟ ବିଭାଗର କ୍ଲିନ୍‌ଚିଟ୍

ଭୁବନେଶ୍ୱର, ୬।୬(ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭୁଲ ଇଞ୍ଜେକ୍ସନ ଯୋଗୁଁ ୬ ରୋଗୀଙ୍କ ମୃତ୍ୟୁ ଘଟଣାରେ ନିଜ ମୁଣ୍ଡରୁ ଦୋଷ ଖସାଇଛି ସ୍ୱାସ୍ଥ୍ୟ ବିଭାଗ । ଏହି ଘଟଣାରେ ସମସ୍ତ ମୃତ୍ୟୁ ସ୍ୱାଭାବିକ ଓ ଏଥିରେ କାହାର କିଛି ସମ୍ପୃକ୍ତି ନଥିବା ସ୍ୱାସ୍ଥ୍ୟ ବିଭାଗ ଦର୍ଶାଇଛି। ଏପରିକି ତଦନ୍ତ ଶେଷ ହେବା ପୂର୍ବରୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି। ଶୁକ୍ରବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅମରେନ୍ଦ୍ର ମହାପାତ୍ର ଏହି ସ୍ପର୍ଶକାତର ଘଟଣାକୁ ଅତି ହାଲୁକା ଭାବେ ଗ୍ରହଣ କରି କହିଛନ୍ତି ଯେ ଭୁଲ ଇଞ୍ଜେକ୍ସନ କିମ୍ବା ଚିକିତ୍ସା ଅବହେଳାରୁ ସମ୍ପୃକ୍ତ ରୋଗୀଙ୍କ ଜୀବନ ଯାଇନାହିଁ। ପ୍ରାଥମିକ ରିପୋର୍ଟ ଅନୁଯାୟୀ ଏହି ମୃତ୍ୟୁ ଅସ୍ୱାଭାବିକ ମୃତ୍ୟୁ ନୁହେଁ। ସାଧାରଣତଃ ଆଇସିୟୁରେ ଗୁରୁତର ରୋଗୀ ଥାଆନ୍ତି। ସେଦିନ ପ୍ରାଣ ହରାଇଥିବା ରୋଗୀଙ୍କ ମଧ୍ୟରୁ ଜଣଙ୍କର ଲିଭର ଡ୍ୟାମେଜ ଥିଲା ଓ ଅନ୍ୟ ଜଣେ ଦୁର୍ଘଟଣାର ଶିକାର ହୋଇ ଚିକିତ୍ସିତ ହେଉଥିଲେ। ସେମାନେ ପ୍ରାଣ ହରାଇଛନ୍ତି। ଏସସିବି ଓ ବ୍ରହ୍ମପୁର ମେଡିକାଲ କଲେଜ ହସ୍ପିଟାଲର ବିଶେଷଜ୍ଞ ଦଳ ଘଟଣାର ତଦନ୍ତ କରୁଛନ୍ତି। ସାତ ଦିନ ମଧ୍ୟରେ ଏହି ତଦନ୍ତ ରିପୋର୍ଟ ଆସିବ। ଏହି ରିପୋର୍ଟକୁ ଆଧାର କରି ପରବର୍ତ୍ତି ପଦକ୍ଷେପ

**ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଲେ ସ୍ୱାଭାବିକ ମୃତ୍ୟୁ ହୋଇଛି**

**ବିଗିଡ଼ା ସ୍ୱାସ୍ଥ୍ୟସେବାକୁ ନେଇ ବର୍ଷିଲେ ବିରୋଧୀ**

**ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ କଂଗ୍ରେସର ଦାବି**

ନିଆଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଏଭଳି ବୟାନ ପରେ ଏଡ଼େବଡ଼ ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ ହେଉଥିବା ଅଭିଯୋଗ ହେଉଛି। ବଡ଼ କଥା ହେଉଛି ଯେ ଘଟଣାର ଗୁରୁତ୍ୱ ଓ ବିରୋଧକୁ ଦେଖି ସରକାର ଏମ୍‌କେସିଜି ଓ ଏସ୍‌ଏସିବି ମେଡିକାଲ୍ କଲେଜ ହସ୍ପିଟାଲରୁ ଅଧିକାରୀମାନଙ୍କୁ ନେଇ ଗୋଟିଏ ଟିମ୍ କରିବା ସହ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ତଦନ୍ତ ରିପୋର୍ଟ ନ ଆସୁଣୁ କାହିଁକି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ତରବରିଆ ମନ୍ତବ୍ୟ ଦେଲେ ତାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ସ୍ୱାସ୍ଥ୍ୟମନ୍ତ୍ରୀ ନିଜେ ମେଡିକାଲ୍‌କୁ ଯାଇ ଘଟଣାର ସମୀକ୍ଷା କରିଛନ୍ତି। ଅନ୍ୟପଟେ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ ସେମାନଙ୍କ ସମ୍ପର୍କୀୟ ସୁସ୍ଥ ଥିଲେ। ଇଂଜେକ୍ସନ ଦିଆଯିବା ପରେ ସେମାନେ ଛଟପଟ ହୋଇଥିଲେ ଓ ସେମାନଙ୍କ ଜୀବନ ଚାଲିଯାଇଥିଲା। ସେମାନଙ୍କ ପରିବାର ଲୋକଙ୍କ ଅଭିଯୋଗ ଓ ତଦନ୍ତ ରିପୋର୍ଟରେ କ'ଣ କାରଣ ତାହାକୁ ନେଇ ଏବେ ତର୍ଜମା ଚାଲିଛି। ଏସବୁ ଭିତରେ ରାଜ୍ୟରେ ବିଗିଡ଼ିଥିବା ସ୍ୱାସ୍ଥ୍ୟସେବାକୁ ନେଇ ବିରୋଧୀ ମଧ ପ୍ରଶ୍ନ ଉଠାଇଛନ୍ତି।

କେବଳ କୋରାପୁଟ ଭୁଲ ଇଞ୍ଜେକସନ ନୁହେଁ, ଚିକିତ୍ସା ଅବହେଳାରୁ ନୟାଗଡ଼ ଓ କନ୍ଧମାଳରେ ମଧ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଡାକ୍ତରଖାନାରେ ରୋଗୀ ସୁସ୍ଥ ହେବା ବଦଳରେ ଜୀବନ ହରାଉଛନ୍ତି। ବିଜେପି କ୍ଷମତାକୁ ଆସିବା ପରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଆୟୁଷ୍ମାନ କାର୍ଡରେ ନାନା ଅସୁବିଧା ଥିବାରୁ ଲୋକମାନେ ହସ୍ପିଟାଲରେ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ଗରିବଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ନବୀନ ପଟ୍ଟନାୟକ ସୁସ୍ଥ ଓଡିଶା ଓ ସୁଖୀ ଓଡିଶା ବ୍ୟବସ୍ଥା ଦେଇଥିଲେ। ବିଏସ୍‌କେୱାଇ କାର୍ଡ ସହାୟତାରେ ବଡ ବଡ ଘରୋଇ ହସ୍ପିଟାଲରେ ଚିକିତ୍ସା ମିଳୁଥିଲା; ବିଜେପି ଏ ବ୍ୟବସ୍ଥା ବଦଳାଇଦେଲା। ଏବେ ଚିକିତ୍ସା ଅଭାବରୁ ରୋଗୀଙ୍କ ମୃତ୍ୟୁ ହେଉଛି ବୋଲି ବିଜେଡି ଅଭିଯୋଗ କରିଛି। ସେହିପରି କଂଗ୍ରେସ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ହୋଇଛି। ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦଳୀୟ ବିଧାୟକ ଦାବି କରିଛନ୍ତି।

# କଟକ ସିଟି



## ମେଡିକାଲରେ ଆଡ୍‌ଭୋକେଟ୍ କମିଟିର ସମୀକ୍ଷା

# ଜଳ ନିଷ୍କାସନ ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ

କଟକ,୬।୬(ସମିସ):

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଡଭୋକେଟ କମିଟି ଆଜି କଟକର ତିନୋଟିଯାକ ପ୍ରମୁଖ ମେଡିକାଲ ପରିଦର୍ଶନ କରିବା ସହ ସ୍ଥିତି ସମୀକ୍ଷା କରିଥିଲା। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ଶିଶୁଭବନ ସମେତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ ପରିସର ଯାଇ ବିଭିନ୍ନ ବ୍ୟବସ୍ଥା ଯାଞ୍ଚ କରିଥିଲେ। ତେବେ ବର୍ଷା ଋତୁ ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ମେଡିକାଲ ଗୁଡିକରେ ଜଳ ନିଷ୍କାସନ ବ୍ୟବସ୍ଥାରେ ସୁଧାର ଅଣାଯାଇ ନଥିବା ଦେଖିବାକୁ ମିଳିଥିଲା। ବର୍ଷା ପାଣି ଜମି ରହିବାର ସମ୍ଭାବନା ଅଛି। ଏଭଳି ସ୍ଥିତିରେ କମିଟି ଉଦ୍‌ବେଗ ପ୍ରକାଶ କରିଥିଲା।

କିଛିଦିନ ହେବ ମେଡିକାଲ ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ମୁଖ୍ୟତଃ ଡ୍ରେନେଜ ସମସ୍ୟା ସମ୍ପର୍କରେ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ହେବା ପରେ ଶୁକ୍ରବାର ଏହି ଟିମ କଟକର ତିନୋଟି ମୁଖ୍ୟ ମେଡିକାଲରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲା। ତିନୋଟି ମେଡିକାଲରେ ଡ୍ରେନେଜର ବହୁ ସମସ୍ୟା ଥିବା ଉକ୍ତ ଟିମ ପରିଖି ଥିବାବେଳେ ବର୍ଷା ହେବା ମାତ୍ରେ ହିଁ ମେଡିକାଲ ପରିସରରେ ପାଣି ଜମୁଥିବା ସ୍ଥାନ ଗୁଡିକ ଯାଞ୍ଚ କରିଥିଲା। ଏହାସହ ମେଡିକାଲ ପରିସରରୁ ବର୍ଷା ପାଣି ନିଷ୍କାସନ ନିମନ୍ତେ କଣ ବ୍ୟବସ୍ଥା କରାଯାଇଛି ତାହାକୁ ନେଇ ଟିମ ପଚରାଉଚରା କରିଥିଲା। ମୁଖ୍ୟତଃ ଭାବେ ମେଡିକାଲ ମାନଙ୍କରେ ଏଭଳି ଅବ୍ୟବସ୍ଥା ରହିଥିବାରୁ ଉକ୍ତ ଟିମ ଅସନ୍ତୋଷ ପ୍ରକାଶ କରିଥିଲା। ତେବେ ମେଡିକାଲରେ ଏବେ ଯାଏଁ ଡ୍ରେନେଜ ସମସ୍ୟା ନେଇ କଣ କାମ କରାଯାଇଛି ଏବଂ ଆଗାମୀ ଦିନରେ କଣ କାମ କରାଯିବ, ସେନେଇ ଆଗାମୀ ତାରିଖରେ ହାଇକୋର୍ଟରେ ସିଏମସି କର୍ତ୍ତୃପକ୍ଷ ଦର୍ଶାଇବେ ବୋଲି ସମୀକ୍ଷା ସମୟରେ ସୂଚନା ମିଳିଛି। ସମୀକ୍ଷା ପରେ ସମସ୍ତ ଡ୍ରେନ ଗୁଡିକୁ ତୁରନ୍ତ ସଫେଇ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସିଏମସି କମିଶନର ଅନାମ ପାତ୍ର କହିଛନ୍ତି ଯେ, ଶିଶୁଭବନ ପରିସରରେ ଥିବା ଡ୍ରେନକୁ ସଫା କରାଯିବା ସହ ଚାନ୍ଦିନୀଚୌକ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯିବ। ମୁଖ୍ୟ ଡ୍ରେନକୁ ସଫା କରାଯିବ। ସେହିପରି ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ସମସ୍ତ ସ୍ଥାନ ପରିଦର୍ଶନ କରିବା ସହ ଡ୍ରେନ ସଫେଇ କାର୍ଯ୍ୟର ତଦାରଖ କରାଯାଇଛି। ଅନ୍ୟପଟେ ଏସ୍‌ସିବିରେ ଡ୍ରେନ ସଫେଇ ଜାରି ରହିଛି ଏବଂ ମୁଖ୍ୟତଃ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ଯେପରି ପାଣି ନ ଜମିବ ସେନେଇ ବ୍ୟବସ୍ଥା କରାଯିବ ବୋଲି ଏହି ଅବସରରେ କୁହାଯାଇଥିଲା। ବରିଷ୍ଠ ଆଇନଜୀବୀ ବିଜୟ ଦାସ, ସିଏମସି କମିଶନର ଶ୍ରୀ ପାତ୍ରଙ୍କ ସମେତ ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର, ଏସ୍‌ସିବି ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, ମେଡିକାଲର କୁଳସଚିବ ସୁବାସ ରାୟ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ନିର୍ଦ୍ଦେଶକ ଦୀପକ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

■ ପିକଲ୍‌ବଲ୍‌ର ନୂଆ ପ୍ରତିଭା

# କଟକର ରାଧାମାଧବ ଓ ପ୍ରସିଦ୍ଧିଙ୍କୁ ସ୍ୱର୍ଣ୍ଣ ପଦକ

କଟକ,୬।୬(ସମିସ): କ୍ରୀଡ଼ା ଦୁନିଆର ଏକ ନୂଆ ଖେଳ ପିକଲ୍‌ବଲ୍। ୬୦ ଦଶକରେ ୱାଶିଂଟନ୍‌ରେ ସୃଷ୍ଟି ହୋଇଥିବା ଟେନିସ ଭଳି ଦୃଶ୍ୟମାନ ଏହି ଖେଳ ଏବେ ଭାରତରେ ଟ୍ରେଣ୍ଡିଂରେ ରହିଛି। ପିକଲବଲ୍‌ର ପ୍ରଚାର, ପ୍ରସାର ବୃଦ୍ଧି ପାଉଥିବା ବେଳେ କଟକର ଦୁଇ ଯୁବା ପ୍ରତିଭା ପୂର୍ବାଞ୍ଚଳ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ବିଜୟୀ ହୋଇ ରାଜ୍ୟ ନିମନ୍ତେ ଗୌରବ ଆଣିଛନ୍ତି। ସ୍ୱର୍ଣ୍ଣ ବିଜୟୀ ଏହି ଦୁଇ ନୂଆ ତାରକା ହେଲେ ରାଧାମାଧବ ପଣ୍ଡା ଏବଂ ପ୍ରସିଦ୍ଧି ପୋଦ୍ଦାର। ନିକଟ ଅତୀତରେ କୋଲକାତାରେ ଆୟୋଜିତ ପୂର୍ବାଞ୍ଚଳ ଚାମ୍ପିଅନସିପ୍‌ରେ ଉଭୟ ୧୫-୧୦ ଗେମ୍‌ରେ ପ୍ରତିଦ୍ୱନ୍ଦୀଙ୍କୁ ହରାଇ ଚାମ୍ପିଅନ ଟାଇଟଲ୍ ହାସଲ କରିଥିଲେ।



ମହାନଦୀବିହାର ଅଞ୍ଚଳର ରାଧାମାଧବ ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ଯୁବକ ଭାବେ ଜଣାଶୁଣା। ସୁବୋଧ କୁମାର ପଣ୍ଡା ଏବଂ ଭାରତୀ ପଣ୍ଡାଙ୍କ ପୁଅ ରାଧାମାଧବ ଗ୍ରାଫିଟି ଆର୍ଟ ଆର୍ଟିଷ୍ଟ ଭାବେ ପ୍ରସିଦ୍ଧି ହାସଲ କରିଥିଲେ। ରୁଷ-ୟୁକ୍ରେନ ଯୁଦ୍ଧର ପ୍ରାରମ୍ଭ ସମୟରେ ତାଙ୍କ ଚିତ୍ରକଳା ବେଶ୍ ଭାଇରାଲ ହୋଇଥିଲା। ଏହାଛଡ଼ା ଆଧୁନିକ ନୃତ୍ୟକଳାରେ ମାହିର ରାଧାମାଧବଙ୍କୁ ଜାତୀୟ ସ୍ତରର ମଞ୍ଚରେ ମଧ ପୂର୍ବରୁ ଦେଖିବାକୁ ମିଳିଛି। ତେବେ ପିକଲବଲ୍ ଖେଳରେ ସାମିଲ ହୋଇ ଏବେ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ରାଧାମାଧବ ନିଜ ପ୍ରତିଭାର ଛାପ ଛାଡିଛନ୍ତି। ନବାଗତ ତଥା କମ୍ ରେଟିଂପ୍ରାପ୍ତ ଖେଳାଳିଙ୍କୁ ନେଇ ପୂର୍ବାଞ୍ଚଳରେ ପ୍ରତିଯୋଗିତା ହୋଇଥିଲା। ପ୍ରସିଦ୍ଧି ପୋଦ୍ଦାର ଏବଂ ରାଧାମାଧବଙ୍କ ଯୋଡ଼ି ସମସ୍ତ ପ୍ରତିଦ୍ୱନ୍ଦୀଙ୍କୁ ବାଜିମାତ ଦେଇ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ପ୍ରସିଦ୍ଧିଙ୍କ ଘର ବଜ୍ରକବାଟୀ ରୋଡ ଅଞ୍ଚଳରେ। ପିତା ଅଖିଳ ପୋଦ୍ଦାର ଏବଂ ମା' ଲକ୍ଷ୍ମୀ ପୋଦ୍ଦାରଙ୍କ ଝିଅ ପ୍ରସିଦ୍ଧି ଜଣେ ମେଧାବୀ ଛାତ୍ରୀ। ଉଭୟ ଗତ ୩ ମାସ ହେବ ପିକଲବଲ ପ୍ରଶିକ୍ଷଣ ନେଉଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ସ୍ୱର୍ଣ୍ଣ ପଦକ ବିଜୟ ମନୋବଳକୁ ଦୃଢ଼ କରିଛି ବୋଲି ଉଭୟ କହିଛନ୍ତି।

# ତୀରନ୍ଦାଜୀ ସଂଘର ସାଧାରଣ ପରିଷଦ ବୈଠକ

କଟକ,୬।୬(ସମିସ): ଓଡିଶା ତୀରନ୍ଦାଜୀ ସଂଘର କାର୍ଯ୍ୟନିର୍ବାହୀ କମିଟି ବୈଠକ ଓ ବାର୍ଷିକ ସାଧାରଣ ପରିଷଦ ବୈଠକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପସଭାପତି ନବୀନ ଚନ୍ଦ୍ର ନାରାୟଣ ଦାସଙ୍କ ଅଧ୍ୟକତାରେ ଆୟୋଜିତ ଏହି ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୯ ଲକ୍ଷ ୫୦ ହଜାର ଟଙ୍କାର ବଜେଟ ଅନୁମୋଦିତ ହୋଇଥିଲା। ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ବିବରଣୀ ପାଠ କରିଥିଲେ। ଓଡିଶା ସରକାର ତୃତୀୟ ଜାତୀୟ ରାଙ୍କିଙ୍ଗ ତୀରନ୍ଦାଜୀ ପ୍ରତିଯୋଗିତା ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିବାରୁ ଧନ୍ୟବାଦ ଦେଇଥିଲେ। ଆସନ୍ତା ୨୬ତମ ରାଜ୍ୟ ତୀରନ୍ଦାଜୀ ଚାମ୍ପିଅନସିପ ବଲାଙ୍ଗୀରଠାରେ ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଥିଲା। ରାଜ୍ୟ ପାଇଁ ପଦକ ଜିତିଥିବା ସମସ୍ତ ଖେଳାଳି ଓ ସେମାନଙ୍କ ପ୍ରଶିକ୍ଷକମାନଙ୍କୁ ଏହି ବୈଠକରେ ୬୦ ହଜାର ଟଙ୍କାର ପୁରସ୍କାର ରାଶି ବଣ୍ଟନ କରାଯାଇଥିଲା। ସଂଘର କୋଷାଧକ୍ଷ ସୌରଜିତ ସିଂ ଆୟବ୍ୟୟ ବିବରଣୀ ଏହି ବୈଠକରେ ଉପସ୍ଥାପନ କରିଥିଲେ। କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ସୁଘୋଷ ଦାସ ଧନ୍ୟବାଦ ଦେଇଥିଲେ।




# ପ୍ରଭୁଚରଣ ମହାନ୍ତିଙ୍କୁ ଚେଲିତୋଳ ଶିକ୍ଷାବିତ୍ ସମ୍ମାନ

କଟକ,୬।୬(ସମିସ): ଶିକ୍ଷା ଜଗତରେ ପରିବର୍ତ୍ତନ ଆଣିବା ସହ ରାଜ୍ୟରେ ମେଧାବୀ ତାଲିକା ବୃଦ୍ଧି ଦିଗରେ ବିଗତ ଦଶନ୍ଧି ଧରି କାର୍ଯ୍ୟ କରୁଥିବା ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ ସ୍କୁଲର ନିର୍ଦ୍ଦେଶକ ଡଃ ପ୍ରଭୂଚରଣ ମହାନ୍ତିଙ୍କୁ 'ଚେଲିତୋଳ ଶିକ୍ଷାବିତ ସମ୍ମାନ'ରେ ସମ୍ମାନିତ କରାଯାଇଛି। ସ୍ଥାନୀୟ ସାରଳା ଭବନରେ ଚେଲିତୋଳ ସାଂସ୍କୃତିକ ଏକାଡେମୀର ୩୪ତମ ବାର୍ଷିକ ଉତ୍ସବ ଆୟୋଜନ ହୋଇଥିଲା। ଏହି ଅବସରରେ ପଦ୍ମଶ୍ରୀ ବଳିଆ ବାବାଙ୍କ ଦ୍ୱାରା ଡ. ମହାନ୍ତି ସମ୍ମାନିତ ହୋଇଥିଲେ। ଡଃ ମହାନ୍ତିଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ରାଜ୍ୟରେ ଶିକ୍ଷାଦାନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିଛି। ଶୈକ୍ଷିକ ଭିତ୍ତିଭୂମିର ବିକାଶ ସହ ଆନୁସଙ୍ଗିକ ପଦକ୍ଷେପ ଦ୍ୱାରା ସେ ରାଜ୍ୟରେ ମେଧାବୀ ହାର ବୃଦ୍ଧି କରିଛନ୍ତି ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।



# ଡ୍ରିମ୍‌ସରେ ଖୋଲିଲା ନୂତନ କୃଷି ସ୍ନାତକ ପାଠ୍ୟକ୍ରମ

କଟକ,୬।୬(ସମିସ): ଚଳିତ ଶିକ୍ଷାବର୍ଷରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା 'ସ୍କୁଲ ଅଫ ଏଗ୍ରିକଲ୍‌ଚରରେ ନୂତନ କୃଷି ସ୍ନାତକ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହା ଦ୍ୱାରା କୃଷି ଗବେଷଣା କ୍ଷେତ୍ରରେ ମଧ୍ୟ ନୂତନ ସମ୍ଭାବନା ସୃଷ୍ଟି ହେବ । ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ଦ୍ୱାରା ଅନୁମୋଦିତ ପାଠ୍ୟକ୍ରମ ଆଧାରରେ ଏଠାକାର ଶିକ୍ଷାଦାନ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ପାଇଁ ଆତ୍ମନିର୍ଭରଶୀଳ ହେବା ସହିତ ସରକାରୀ ଓ ବେସରକାରୀ ଉଦ୍ୟାଗରେ ନିଯୁକ୍ତିର ସୁଯୋଗ ରହିଛି। ଏଥି ସହିତ ଏ ଅଞ୍ଚଳର କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ବିକାଶ ଘଟିବା ସଙ୍ଗେ ସଙ୍ଗେ କୃଷକମାନଙ୍କର ଆୟ ବୃଦ୍ଧିରେ ମଧ ସହାୟକ ହେବ। ଏହି ନୂତନ ପାଠ୍ୟକ୍ରମ ଖୋଲିବାରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, କୃଷି ବିଭାଗର ଶାସନ ସଚିବଙ୍କ ସମେତ ବିଭାଗୀୟ ପଦାଧିକାରୀଙ୍କର ସମୟୋଚିତ ପୂର୍ଣ୍ଣ ସଦିଚ୍ଛା ନିମନ୍ତେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହିତ ଆଗାମୀ ଦିନରେ ଏହି ଶିକ୍ଷାନୁଷ୍ଠାନ କୃଷି ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ରାଜ୍ୟର ଗୌରବ ବୃଦ୍ଧି କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି।

# ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ପରିବେଶ ଦିବସ

କଟକ,୬।୬(ସମିସ): ତାପମାତ୍ରା ବୃଦ୍ଧି ଓ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ସଂଘର ସଭାନେତ୍ରୀ ଡ଼. ପ୍ରତିମା ମହାପାତ୍ରଙ୍କ ନେତୃତ୍ୱରେ ନାରୀ ସେବା ସଦନର ଉଦ୍ୟାନରେ ବିଭିନ୍ନ ଔଷଧୀୟ ଚାରା, ଫୁଲ ଓ ଫଳ ଗଛର ଚାରରୋପଣ କରାଯାଇଥିଲା। ସଂଘର ସମ୍ପାଦିକା ଆଭା କାନୁନଗୋ, ହଲ୍ ସମ୍ପାଦିକା ମଞ୍ଜୁ ସିଂ, ସଂଗଠନ ସମ୍ପାଦିକା ମୀରା ବେଉରା, କୋଷାଧକ୍ଷ ନୟନତାରା ନନ୍ଦ, ଗିତାଶ୍ରୀ ଦାସ, ନଳିନୀ ଦାସ, ନିବେଦିତା ମହାନ୍ତି ଓ ବବିତା ଦାସ ମହାପାତ୍ର ପ୍ରମୁଖ ଯୋଗଦେଇ ଏହି ଫଳ ଫୁଲ ଚାରାଗୁଡ଼ିକୁ ସଦନର ଉଦ୍ୟାନରେ ରୋପଣ କରିଥିଲେ। ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରିବା ନିମିତ ସଂଘ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ସଂଘର ସଦସ୍ୟାମାନେ ଶପଥ ପାଠ ମଧ କରିଥଲେ।

## ବିଶ୍ୱ ପରିବେଶ ଦିବସରେ ବିଶିଷ୍ଟ ବ୍ୟକ୍ତିଙ୍କ ମତ

# 'ପ୍ରକୃତି ବଞ୍ଚିବ, ସଭ୍ୟତା ବଞ୍ଚିବ'

କଟକ,୬।୬(ସମିସ): ପ୍ରକୃତିକୁ ଆମେ ଯାହା ଦେଉଛେ ତାହା ଆମକୁ ସେ ପୁଣି ଫେରାଇ ଦେଉଛି। ପ୍ରକୃତି ବଞ୍ଚିଲେ, ସଭ୍ୟତା ବଞ୍ଚିରହିବ। ପରିବେଶକୁ ସ୍ୱଚ୍ଛ ରଖିବାକୁ ହେଲେ ଜଣେ ବ୍ୟକ୍ତି ଦୁଇଟି ଜିନିଷ ଉପରେ ଧ୍ୟାନ ଦେବାକୁ ପଡିବ ଗୋଟିଏ ହେଲା ସେ ଜୀବନକାଳ ଭିତରେ ୧୦ଟି ଚାରାରୋପଣ କରିବ। ଅନ୍ୟଟି ପ୍ଲାଷ୍ଟିକ ଜରିକୁ ଏଣେତେଣେ ନ ଫିଙ୍ଗି ପ୍ଲାଷ୍ଟିକ ବୋତଲରେ ପୂରାଇ ଘରେ ସଜାଇ ରଖିବ ବୋଲି ମହାନଦୀ ବିହାର ଠାରେ ଆୟୋଜିତ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଉଦଘାଟକ ଭାବେ ଯୋଗ ଦେଇ ରାଜ୍ୟ ବିଜେପି ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର କହିଛନ୍ତି। ସ୍ଥାନୀୟ ମହାନଦୀ ବିହାର ମିନି ଷ୍ଟାଡିୟମଠାରେ ୧୬ତମ ଇଣ୍ଡିଆନ କ୍ଲାଇମେଟ କଂଗ୍ରେସର ପ୍ରତିଷ୍ଠାତା ସଭାପତି ପ୍ରଫେସର ସଞ୍ଜୟ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଟକ ଚୌଦ୍ୱାର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ପୂର୍ତ୍ତ ସଚିବ ଇଂଜିନିୟର ଗୋପାଳକୃଷ୍ଣ ବେହେରା, ଶଲ୍ୟ ଚିକିତ୍ସକ ପ୍ରଫେସର ବୀରକିଶୋର ଦାସ, ଉଦାସ ଆଶ୍ରମର ସ୍ୱାମୀ ଦିବ୍ୟଲୋଚନ ଦାସ ମହାରାଜ ଉପସ୍ଥିତ ରହି ଜଳବାୟୁ ଉପରେ ଆଲୋଚନା କରିଥିଲେ। ଅତିଥିଙ୍କ ଦ୍ୱାରା ଚାରାରୋପଣ ଓ ପରିବେଶ ସମ୍ପର୍କିତ ୨ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ପ୍ରାକ୍ତନ ସଭାପତି ମହିଳା ସମିତି ଇନ୍ଦୁ ଦାଶଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମରେ ଏମଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, କର୍ପୋରେଟର ଇଂଜିନିୟର ସୁବ୍ରତ ଘଡାଇ, ଏ.ମାଧବ, ଡ଼ ବୀର କେ ପରିଡ଼ା, ପ୍ରଭାସ ମଙ୍ଗରାଜ, ଡ଼ଃ ସୁଦର୍ଶନ ପଟ୍ଟନାୟକ, ଇଂଜିନିୟର ନିର୍ମଳ ଜେନା, ଇଂଜିନିୟର ଗନ୍ଧର୍ବ ବେହେରା, ଡ. ପ୍ରିୟଙ୍କା ମିଶ୍ର, ବିନୋଦିନୀ ଦାସ, ଡ଼ ଶ୍ରୀକାନ୍ତ ଲେଙ୍କା, ବିଚିତ୍ରାନନ୍ଦ ପଣ୍ଡା, ଭାନୁ ପ୍ରତାପ ରାଉତ, ଅଜୟ ରାଉତ, ସାଇ ସୌରଭ ଜେନା, ପ୍ରିୟମ୍ବଦା ନାୟକ, ଚତୁର୍ଭୁଜ ମହାପାତ୍ର ଓ ମହାନଦୀ ବିହାରର ବହୁ ବିଶିଷ୍ଟ ବ୍ୟକ୍ତି ଓ ମହିଳା ଉପସ୍ଥିତ ରହି ପରିବେଶ ସୁରକ୍ଷା ସଂପର୍କରେ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ମହାନଦୀ ବିହାର ଉନ୍ନୟନ ପରିଷଦର ସଭାପତି ସଞ୍ଜୟ ଜେନା ଧନ୍ୟବାଦ ଦେଇଥିଲେ।



# ପରିବେଶ ଦିବସ ସଚେତନତା ପାଇଁ ଆଇନ ସେବା ପ୍ରାଧିକରଣର ବୈଠକ

କଟକ,୬।୬(ସମିସ): ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁ ରାଜ୍ୟର ସମସ୍ତ ଜିଲ୍ଲା ଅଧ୍ୟକ୍ଷ ଏବଂ ସଚିବଙ୍କ ସହ ଆଭାସୀ ମାଧ୍ୟମରେ ବୈଠକ କରିଛନ୍ତି। ବିଭିନ୍ନ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏହି ସନ୍ଦର୍ଭରେ ପଦଯାତ୍ରା, ଚିତ୍ରାଙ୍କନ ପ୍ରତିଯୋଗିତା ଓ ପ୍ରବନ୍ଧ ପ୍ରତିଯୋଗିତାମାନ ଆୟୋଜନ କରିଥିବା ନେଇ ସେ ଅବଗତ ହୋଇଥିଲେ। ଏହି ଅବସରରେ ସଚେତନତା କାର୍ଯ୍ୟକ୍ରମକୁ ଅଧିକ କେନ୍ଦ୍ରୀଭୂତ ଓ ବ୍ୟାପ୍ତ କରିବାକୁ ଜଷ୍ଟିସ ସାହୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ବିଭିନ୍ନ ଭୌଗଳିକ ସମ୍ବେଦନଶୀଳ ଅଞ୍ଚଳ ତଥା ଜଙ୍ଗଲମାନଙ୍କୁ ବିଶ୍ୱ ଉତ୍ତାପନରୁ ରକ୍ଷା କରିବାକୁ ହେଲେ ପରିବେଶ ସୁରକ୍ଷା, ଜଙ୍ଗଲ ସୃଷ୍ଟି ଏବଂ ପ୍ଲାଷ୍ଟିକର ବର୍ଜନ କରିବାକୁ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଏହି ବୈଠକରେ ରାଜ୍ୟ ଆଇନସେବା ପ୍ରାଧିକରଣର ସଦସ୍ୟ ସଚିବ, ଉପ ସଚିବ, ସହସଚିବ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବିନୋଦ କାନୁନ୍‌ଗୋଙ୍କ ଜୟନ୍ତୀ



କଟକ,୬।୬(ସମିସ): 'ଜ୍ଞାନମଣ୍ଡଳ'ର ରଚୟିତା, ପଣ୍ଡିତ, ଗବେଷକ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ୧୧୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ସତୀଚଉରା ଶ୍ମଶାନଠାରେ ଥିବା ସ୍ମୃତିସ୍ତମ୍ଭ ଠାରେ ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିନୋଦ କାନୁନ୍‌ଗୋ ଶିଶୁ ସାହିତ୍ୟକୁ ନୂଆଧାରା ଦେଇଥିଲେ। ନିରକ୍ଷରତା ଓ ଅଜ୍ଞତା ବିରୋଧରେ ନିରନ୍ତର ସଂଗ୍ରାମ ଚଳାଇଥିଲେ। ଏକ ସମ୍ବେଦନଶୀଳ, ଅନୁଭୂତି ସ୍ୱପ୍ନ ଓ ମାନବବାଦୀ ଚିନ୍ତାଧାରାର ସେ ଥିଲେ ବାହକ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। କଟକ ମହାନଗର ନିଗମ ମେୟର ସୁବାସ ସିଂ, ଡ. ବାବାଜୀ ପଟ୍ଟନାୟକ, ପ୍ରଶାନ୍ତ ଦାସ, ସମରେନ୍ଦ୍ର ଘୋଷ, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ନଳିନୀପ୍ରଭା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

# ଇଦ୍ ଲାଗି ପୁଲିସର ଫ୍ଲାଗ୍‌ମାର୍ଚ୍ଚ

କଟକ,୬।୬(ସମିସ):

ମୁସଲିମ ଧର୍ମାବଲମ୍ବୀଙ୍କ ପବିତ୍ର ଇଦ ପର୍ବ ଲାଗି ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। କୌଣସି ପ୍ରକାର ବିଶୃଙ୍ଖଳା ଏଡାଇବା ପାଇଁ ଆଜି କଟକରେ ଥାନାୱାରୀ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ସନ୍ଧ୍ୟାରୁ ଥାନାୱାରୀ ମୁସଲିମ ବହୁଳ ଅଞ୍ଚଳରେ ପୁଲିସ ଫୋର୍ସ ପଇଁତରା ମାରିଥିଲେ। ପୁରୀଘାଟ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ନେତୃତ୍ୱରେ ଗୋଟିଏ ପ୍ଲାଟୁନ ଫୋର୍ସ ତେଲେଙ୍ଗାବଜାର ଠାରୁ ଝୋଲାସାହି, କାଠଗଡା ସାହି, ହାତୀପୋଖରୀ, ସେମିନାର ଛକ ଆଦି ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଥିଲେ। ସେହିପରି ଲାଲବାଗ ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନାଙ୍କ ନେତୃତ୍ୱରେ ୧ପ୍ଲାଟୁନ୍ ଫୋର୍ସ ଦିୱାନ ବଜାର, କାଜିବଜାର, ଖଟବିନ ସାହି, ବିଡାନାସୀ ଥାନା ଅଧିକାରୀ ଅସିତ ବଳବନ୍ତରାୟଙ୍କ ନେତୃତ୍ୱରେ ୧ପ୍ଲାଟୁନ୍ ଫୋର୍ସ ଗୋରାକବର ଓ ଇଦଘା ଅଞ୍ଚଳ, ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ ହାୱଡା ମୋଟର ଛକରୁ ବକ୍ସିବଜାର, କେଶରପୁର, ଗହ୍ମାଡିଆ, ରାଣୀହାଟ, ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସଙ୍କ ନେତୃତ୍ୱରେ ୧ପ୍ଲାଟୁନ୍ ଫୋର୍ସ ଯୋବ୍ରା, ମାଲଗୋଦାମ ଓ କଲେଜଛକ ଅଞ୍ଚଳ, କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ଯତୀନ୍ଦ୍ର ସେଠୀ ଓ ଦରଘାବଜାର ଥାନା ଅଧିକାରୀ ରାକେଶ ବେହେରାଙ୍କ ନେତୃତ୍ୱରେ ୩ ପ୍ଲାଟୁନ ଫୋର୍ସ ଓଡିଆବଜାର, ପଟ୍ଟାପୋଲ, ମିଶନରୋଡ, ସୂତାହାଟ ଓ ବକ୍ସିବଜାର ଆଦି ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଥିଲେ।



# ଜଷ୍ଟିସ ବିଭୂପ୍ରସାଦ ରାଉତରାୟଙ୍କ ମାତୃ ବିୟୋଗ

କଟକ,୬।୬(ସମିସ): ଓଡିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟଙ୍କ ମାତା ତଥା ପୁରୀ ଜିଲ୍ଲା କଣାସ ଅଞ୍ଚଳର ଧର୍ମପରାୟଣା ମହିଳା ଆଶାଲତା ରାଉତରାୟଙ୍କ ୮୩ ବର୍ଷ ବୟସରେ ଆଜି ସକାଳେ ପରଲୋକ ଘଟିଛି। ମୃତ୍ୟୁଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କର କଟକ ବିଡାନାସୀସ୍ଥିତ ବାସଭବନରେ ପହଞ୍ଚି ହାଇକୋର୍ଟର ବହୁ ବିଚାରପତି, ପୂର୍ବତନ ବିଚାରପତିଙ୍କ ସମେତ ବହୁ ଆଇନଜୀବୀ ଓ ବିଶିଷ୍ଟ ବ୍ୟକ୍ତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଜମ୍ବେଶ୍ୱର, ୨ପୁତ୍ର ଦେବପ୍ରସାଦ ଓ ବିଭୁପ୍ରସାଦ, ପୁତ୍ରବଧୂ ମାହେଶ୍ୱତୀ, ୩ ଝିଅ ଆରତୀ, ଅଞ୍ଜଳି, ଅନୁକମ୍ପା ଓ ନାତି ପିନାକୀଙ୍କ ସମେତ ବହୁ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ବିଚାରପତି ବି.ପି. ଦାସ, ଜାତୀୟ ମାନବିକ ଅଧିକାର ଆୟୋଗର ସଦସ୍ୟ ଜଷ୍ଟିସ ଡକ୍ଟର ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ଜଷ୍ଟିସ ସଙ୍ଗମ କୁମାର ସାହୁ, ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ, ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ, ରାଜ୍ୟ ମାନବାଧିକାର କମିସନର ଅଧ୍ୟକ୍ଷ ଶତ୍ରୁଘ୍ନ ପୂଜାହାରୀ, ବରିଷ୍ଠ ସାମ୍ବାଦିକ ବାବାଜୀ ସାହୁ, ଏଜିଏ ଦେବରାଜ ମହାନ୍ତି, ଆଇନଜୀବୀ ଶଶୀଭୂଷଣ ଦାସ, ରଞ୍ଜନ ନାୟକ, କରୁଣାକର ଦାସ, ମିଥିଳେଶ ମହାନ୍ତି, ଆବାସ ମହାନ୍ତି, ଶୁଭେନ୍ଦୁ ପଟ୍ଟନାୟକ, ରତନ ସିହ୍ନା, ବିଶ୍ୱଭୂଷଣ ବେଉରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା।



ସକାଳ
THE SAKALA

# ସମ୍ପାଦକୀୟ



ଭବିଷ୍ୟତର କାଳଖଣ୍ଡକୁ ଆମେ ଦେବାକୁ ଚାହୁଁଥିବା ଜୀବନ୍ତ ସନ୍ଦେଶର ଅନ୍ୟ ନାମ ହେଉଛି 'ଶିଶୁ'!
-ଜନ୍ ଏଫ୍ କେନେଡ଼ି

## ବିଦ୍ୱେଷ ଓ ବିଦ୍ରୋହ

ପରିବର୍ତ୍ତିତ ପରିସ୍ଥିତିରେ ରଣକୌଶଳ ବଦଳିଛି। ଗୁଳି, ଗୋଳା, ତୋପ ଓ ଟ୍ୟାଙ୍କ ମାଧ୍ୟମରେ ସୀମାରେ ଦୁଇପକ୍ଷର ପଦାତିକ ବାହିନୀ ମୁହାଁମୁହିଁ ହୋଇ ଲଢ଼ିବା ସମୟ ଆଉ ନାହିଁ। ବାୟୁସେନାର ଅପୋକ୍ଷକୃତ ଗୁରୁତ୍ୱ ବଢ଼ିଛି। ନୂଆପିଢ଼ିର ଯୁଦ୍ଧ ବିମାନ, କ୍ଷେପଣାସ୍ତ୍ର ଓ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ବ୍ୟବସ୍ଥା ପ୍ରୟୋଗ କରି ଶତ୍ରୁପକ୍ଷର ଗୁରୁତ୍ୱପୂର୍ଣ୍ଣ ସାମରିକ ଢାଞ୍ଚାକୁ ଧ୍ୱସ୍ତବିଧ୍ୱସ୍ତ କରିବା ହେଉଛି ଏବର ନୂଆ ରଣକୌଶଳ। ୧୯୪୮ ରୁ ୧୯୯୯ ପର୍ଯ୍ୟନ୍ତ ଭାରତ ସହ ପାକିସ୍ତାନ ଚାରିଟି ଯୁଦ୍ଧ ଲଢ଼ିଥିଲେ ମଧ୍ୟ ୧୯୭୧ ଓ ୧୯୯୯ ଥିଲା ନିର୍ଣ୍ଣାୟକ ରଣକ୍ଷେତ୍ର। ୧୯୭୧ରେ ପାକିସ୍ତାନ ତାହାର ପୂର୍ବାଞ୍ଚଳକୁ ସବୁଦିନ ପାଇଁ ହରାଇଥିଲା, ଯାହା ଏବେ ବାଂଲାଦେଶର ମାନ୍ୟତା ଲାଭ କରିଛି। ସେହିଭଳି ୧୯୯୯ କାରଗିଲ ଯୁଦ୍ଧରେ ମଧ୍ୟ ପାକିସ୍ତାନ ଶୋଚନୀୟ ଭାବେ ପରାସ୍ତ ହୋଇଥିଲା। ପାକ୍ ପଦାତିକ ବାହିନୀର କ୍ରମାଗତ ଏହି ବିଫଳତାକୁ ଦର୍ଶାଇ ବାୟୁସେନା ନିଜର ଶକ୍ତି ଓ ସାମର୍ଥ୍ୟ ଏଥର ପ୍ରଦର୍ଶନ କରିଛି। ଏକଥା ଖୋଲା ଖୋଲି ଏୟାର ଭାଇସ୍ ମାର୍ଶାଲ ଆଉରଙ୍ଗଜେବ ମହମ୍ମଦ ପାକ୍ ସେନାବାହିନୀ ମୁଖପାତ୍ରଙ୍କ ଉପସ୍ଥିତିରେ ଦର୍ଶାଇଛନ୍ତି। ସେ ପରୋକ୍ଷରେ ଇଙ୍ଗିତ କରିଛନ୍ତି ଯେ ଦେଶର ସାମରିକ ବ୍ୟବସ୍ଥାରେ ପଦାତିକ ବାହିନୀର ପ୍ରାଧାନ୍ୟ ଓ ପତିଆରା କ୍ଷୁଣ୍ଣ ହୋଇଛି। ଏ ସବୁସତ୍ତ୍ୱେ ସାମରିକ ମୁଖ୍ୟ ଅମୀତ ମୁନିରଙ୍କୁ ଫିଲ୍ଡ ମାର୍ଶାଲ ସମ୍ମାନ ସରକାର ପ୍ରଦାନ କରିଛନ୍ତି। ଆୟୁବ୍ ଖାଁଙ୍କ ପରେ ସେ ହେଉଛନ୍ତି ଦ୍ୱିତୀୟ ପଦାତିକ ବାହିନୀ ମୁଖ୍ୟ ଯିଏ କି ଏହି ସମ୍ମାନ ପାଇଛନ୍ତି।

ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା ଯେ ଗୋଟିଏ ବ୍ୟବସ୍ଥାର ଦୁଇ ବାହିନୀ ମଧ୍ୟରେ ମୁଣ୍ଡ ଟେକିଥିବା ଏହି ବିଦ୍ୱେଷ ଆଗକୁ ବିଦ୍ରୋହର ରୂପ ନେବନି ତ? କାରଣ ପାକିସ୍ତାନର ସେନାବାହିନୀର ମୁଖ୍ୟ ଦାୟିତ୍ୱ ସ୍ଥଳ ସେନାବାହିନୀ ହାତରେ ହିଁ ରହିଆସିଛି। ସେହି ମୁଖ୍ୟମାନେ ଦେଶରେ ୩୩ ବର୍ଷ ଧରି ପ୍ରତ୍ୟକ୍ଷ ଭୂମିକାରେ ଥିଲେ। ଅବଶିଷ୍ଟ ୪୮ ବର୍ଷ ସେମାନଙ୍କ ଇଙ୍ଗିତରେ ବେସାମରିକ ନେତୃତ୍ୱ ଦେଶରେ ଶାସନ କରିଆସିଛି। ତେଣୁ ସାମରିକ ବାହିନୀର ମୁଖ୍ୟ ପଦବୀ ପାଇଁ ବାୟୁସେନା ମୁଖ୍ୟ ପରିବର୍ତ୍ତିତ ପରିସ୍ଥିତିରେ ଦାବିବାର ହେବା ଅସ୍ୱାଭାବିକ ନୁହେଁ। ଏୟାର ଭାଇସ ମାର୍ଶାଲ୍ ଆଉରଙ୍ଗଜେବ୍ ଅହମ୍ମଦ ଦାବି କରିଛନ୍ତି ଯେ ମେ ୭ ତାରିଖ ପ୍ରାରମ୍ଭିକ ପର୍ଯ୍ୟାୟ ଆକ୍ରମଣ ବେଳେ ପାକିସ୍ତାନ ଭାରତର ୬ଟି ଯୁଦ୍ଧ ବିମାନକୁ ଧ୍ୱଂସ କରି ୬-୦ ରେ ବିଜୟୀ ହୋଇଛି। ଅବଶ୍ୟ ପାକିସ୍ତାନ ଏହା ସପକ୍ଷରେ ଆନ୍ତର୍ଜାତିକ ସମୁଦାୟକୁ ପ୍ରାମାଣିତ ତଥ୍ୟ ଉପସ୍ଥାପନ କରିବାରେ ବିଫଳ ହୋଇଛି। ତେବେ ପାକିସ୍ତାନବାସୀ ଏହାକୁ ଗ୍ରହଣ କରି ବିଜୟୋଲ୍ଲାସରେ ମଦମତ୍ତ। ତେଣୁ ତ ବାୟୁସେନା ଚ୍ୟାଲେଞ୍ଜ କରିବାକୁ ସୁଯୋଗ ପାଇଛି। ଅଥଚ ପରବର୍ତ୍ତୀ ତିନିଦିନର ବିପର୍ଯ୍ୟୟ ସମ୍ପର୍କରେ ଆଉରଙ୍ଗଜେବ ନିରବ। ତାଙ୍କର ଏହି ବକ୍ତବ୍ୟକୁ ଭାରତର ସିଡିଏସ୍ ଅନୀଲ ଚୌହ୍ୱାନ ବ୍ଲୁମ୍‌ବର୍ଗକୁ ଦେଇଥିବା ସାକ୍ଷାତକାରରେ ଯାହା ଉଲ୍ଲେଖ କରିଛନ୍ତି, ତାହାର ତୁଳନାତ୍ମକ ବିଚାର କଲେ ମନେହୁଏ ମେ ୭ ତାରିଖରେ ଆମେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛୁ। ଆମ ଯୁଦ୍ଧ ବିମାନକୁ ପ୍ରତିପକ୍ଷ ଖସାଇ ଦେଇଛି। ତେଣିକି ଏହି ସଂଖ୍ୟା ଯାହା ହେଉନା କାହିଁକି। ମେ ୭ ତାରିଖରେ ତ୍ରୁଟିକୁ ସୁଧାରି ଭାରତ ପ୍ରତିପକ୍ଷ ଉପରେ ଯେଉଁ କ୍ରମାଗତ ପ୍ରହାର କରିଛି ତାହା ଉଲ୍ଲେଖନୀୟ।

ପାକିସ୍ତାନର ଦାବି ଓ ଅସ୍ୱୀକାରୋକ୍ତିରୁ ସ୍ପଷ୍ଟ ହୋଇଛି ଯେ ଚାରିଦିନର ଯୁଦ୍ଧ ମଧ୍ୟରୁ ପ୍ରଥମ ଦିନକୁ ବାଦଦେଲେ ଅବଶିଷ୍ଟ ୩ ଦିନ ନିରଙ୍କୁଶ ପ୍ରହାର କରି ଆମେ ପ୍ରତିପକ୍ଷକୁ ଆତ୍ମସମର୍ପଣ ପାଇଁ ବାଧ୍ୟ କରିଛୁ। ଏସବୁ ସତ୍ତ୍ୱେ ପ୍ରଥମ ଦିନର ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଆତଙ୍କବାଦୀଙ୍କ ଆଡାରେ ଆମେ ଲକ୍ଷ୍ୟ ଭେଦ କରିଛୁ। କ୍ଷତି ବଡ଼ କଥା ନୁହେଁ। ନିର୍ଦ୍ଧାରିତ ଟାର୍ଗେଟକୁ ଧ୍ୱଂସ କରିବା ଅନ୍ୟତମ ସଫଳତା ଦାବି କରାଯାଇପାରେ।

ଅନୀଲ ଚୌହାନଙ୍କ ସ୍ୱୀକାରୋକ୍ତି ପରେ ଗୁମର ଖୋଲିବା ଆରମ୍ଭ କରିଛି। ଚୀନ ଉପଗ୍ରହ ମାଧ୍ୟମରେ ଭାରତର ସ୍ଥିତି ସମ୍ପର୍କରେ ଦେଇଥିବା ନିର୍ଦ୍ଦିଷ୍ଟ ତଥ୍ୟ ଆଧାରରେ ପାକିସ୍ତାନ ବାୟୁସେନା ଅଧିକାରୀଙ୍କ ପୃଷ୍ଠପଟରେ ଚୀନ୍ ବିଶେଷଜ୍ଞ ଯୁଦ୍ଧ ସଂଚାଳନ କରୁଥିବାର ସ୍ପଷ୍ଟ ହୋଇଛି। ତେଣୁ ପରିବର୍ତ୍ତିତ ରଣକୌଶଳରେ ଭାରତୀୟ ବାୟୁସେନା ଯେଉଁ ପ୍ରହାର ଆରମ୍ଭ କଲା ସେଥିରେ ପାକିସ୍ତାନର ୬ଟି ଜେଟ୍, ଦୁଇଟି ଆୱକସ୍, ଗୋଟିଏ ପରିବହନ ବିମାନ ଓ ୩୦ କ୍ଷେପଣାସ୍ତ୍ର ଧ୍ୱସ୍ତବିଧ୍ୱସ୍ତ ହୋଇଛି। କେବଳ ସେତିକି ନୁହେଁ ପାକିସ୍ତାନ ବିଭିନ୍ନ ସ୍ଥାନରେ ଥିବା ବାୟୁସେନା କେନ୍ଦ୍ର ଉପରେ ନିର୍ଣ୍ଣାୟକ ଆକ୍ରମଣ କରିଛି। ଏକ୍ଷେତ୍ରରେ ପାଲଟା ଆକ୍ରମଣ ପାଇଁ ଶକ୍ତି ଓ ସାମର୍ଥ୍ୟ ହରାଇ ବୁଝାମଣା ସକାଶେ ତୃତୀୟ ପକ୍ଷର ସହାୟତା ଲୋଡ଼ିଛି। ଉଭୟ ପକ୍ଷର ଦାବି ଓ ପ୍ରତିବାଦରୁ ଯାହା ସ୍ପଷ୍ଟ ହେଇଛି ତାହା ହେଲା ମେ ୭ ତାରିଖରେ ପାକିସ୍ତାନର ୯ଟି ଆତଙ୍କବାଦୀ କେନ୍ଦ୍ରର ଧ୍ୱଂସ ପ୍ରୟାସ ବେଳେ ଭାରତକୁ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରିବାକୁ ପଡ଼ିଥିଲା। ଜେନେରାଲ୍ ଚୌହ୍ୱାନ ଯାହା କହିଛନ୍ତି ତାହାର ମଧ୍ୟ ଯଥାର୍ଥତା ରହିଛି। ପ୍ରାରମ୍ଭିକ ବିପର୍ଯ୍ୟୟ ଯୁଦ୍ଧର ଶେଷ କଥା ନୁହେଁ। ସଂଶୋଧିତ ରଣନୀତିରେ ଯେଉଁ ନିର୍ଣ୍ଣାୟକ ଆକ୍ରମଣ ହେଲା ତାହାର ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଓ ପରିଣତି ପାକ୍ ବାୟୁସେନାରେ ଶୋଚନୀୟ ବିପର୍ଯ୍ୟୟ ଘଟାଇଛି। ଏହାକୁ କେନ୍ଦ୍ର କରି ବ୍ୟାପକ ତର୍ଜମା ହୋଇଥିବାରୁ ଆନ୍ତର୍ଜାତିକ ସମୁଦାୟ, ବିଶେଷ କରି ଚୀନ ବୁଝିପାରିଛି ପରିସ୍ଥିତିର ଗୁରୁତ୍ୱ। ବରଂ ଏହାକୁ ଚୀନ୍ ବିରୋଧରେ ପରୋକ୍ଷ ଆକ୍ରମଣ କୁହାଯାଇପାରେ।

ଅପରେସନ ସିନ୍ଦୂର ଶେଷ ହୋଇନାହିଁ। ଆତଙ୍କବାଦୀଙ୍କୁ ଉଚିତ ଜବାବ ଦେବା ସକାଶେ ଯେକୌଣସି ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଅନ୍ୟପକ୍ଷରେ ପାକିସ୍ତାନ ମଧ୍ୟ ସମ୍ଭାବ୍ୟ ଆକ୍ରମଣ ଆଶଙ୍କାରେ ପ୍ରସ୍ତୁତି ଆରମ୍ଭ କରିଛି। ଚୀନଠାରୁ ସ୍ୱତନ୍ତ୍ର କ୍ଷମତା ସମ୍ପନ୍ନ ୫ମ ପିଢ଼ିର ୪୦ଟି ଜେ-୩୫ ଯୁଦ୍ଧ ବିମାନ ସଂଗ୍ରହ କରୁଛି ପାକିସ୍ତାନ। ଆତ୍ୟାଧୁନିକ ଇଲେକ୍ଟ୍ରୋନିକ ସୁରକ୍ଷା ବ୍ୟବସ୍ଥା ସହ ଅନ୍ୟାନ୍ୟ ସରଞ୍ଜାମ ଯୋଗାଣର ପ୍ରତିଶ୍ରୁତି ପାଇ ପାକିସ୍ତାନ ବାୟୁସେନା ମୁଖ୍ୟ ଏୟାର ମାର୍ଶାଲ ସିଧୁ କହିଛନ୍ତି ଯେ ଆଗକୁ ଅସଲ ଯୁଦ୍ଧରେ ସେ ନେତୃତ୍ୱ ନେବେ। ପରିବର୍ତ୍ତିତ ସମୟର ଆବଶ୍ୟକତା ଦୃଷ୍ଟିରୁ ପଦାତିକ ବାହିନୀ ଗୁରୁତ୍ୱ ହରାଇଛି। ପରୋକ୍ଷରେ ସେ ଜେନେରାଲ ମୁନୀରଙ୍କ ପ୍ରଭୁତ୍ୱ ଓ ପ୍ରଭାବୀ ଭୂମିକା ଗୁରୁତ୍ୱ ହରାଇଥିବା ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୁସରଫ୍. ମେ ୨୦ ତାରିଖରେ ସିଧୁଙ୍କ କାର୍ଯ୍ୟକାଳ ମିଆଦ ବୃଦ୍ଧି କରି ଆଭ୍ୟନ୍ତରୀଣ ବିଦ୍ରୋହ ଓ ବିଦ୍ୱେଷ ପ୍ରଶମନ କରିଛନ୍ତି। ତେବେ ଏହା ଶେଷ କଥା ନୁହେଁ। ସାମରିକ ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ଏହି ଫାଟରୁ ରାଜନୈତିକ ନେତୃତ୍ୱ ଫାଇଦା ହାସଲ କରିବା ମଧ୍ୟ ସମ୍ଭାବନା ଅଛି।

## ଭୂମି ବ୍ୟାଙ୍କ ବନାମ ଭୂମି ସଂସ୍କାର

ପ୍ରତାପ ଚନ୍ଦ୍ର ସାମଲ

ଭାରତ ସମେତ ଅନ୍ୟ ଦେଶରେ କୃଷକ ସଂଘମାନେ ବିଭିନ୍ନ ଆନ୍ଦୋଳନର ପନ୍ଥା ଧରି ଦାବି ବାଢ଼ିବାରେ ବ୍ୟସ୍ତ। ଏହାଦ୍ୱାରା ଅର୍ଥନୈତିକ ବିକାଶରେ ଦେଶ ପଛରେ ପଡ଼ିଯାଏ। କିନ୍ତୁ ଜାପାନ ଓ ଦକ୍ଷିଣ କୋରିଆର କୃଷିସେବା ସମିତିମାନଙ୍କ ପରି ତାଇୱାନ୍‌ର ୨୦୦ କୃଷକ ସଂଘ ବିଭିନ୍ନ କୃଷିରଣ ଗ୍ରହଣ କରି ଯଥେଷ୍ଟ ଉତ୍ପାଦନ ବଢ଼ାଇପାରିଛନ୍ତି। ଫଳରେ ୧୯୭୩ରୁ ୧୯୭୯ ମସିହା ମଧ୍ୟରେ ତାଇୱାନ୍ ଅଧିବାସୀମାନଙ୍କ ହାରାହାରି ବ୍ୟକ୍ତିଗତ ଆୟ ୭ ଗୁଣା ବଢ଼ିଛି। ଅର୍ଥାତ୍ ଜାପାନ ପଛକୁ ତାଇୱାନ୍ ଆର୍ଥିକ ପଦ୍ଧତିରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ତାଇୱାନ୍ ଦ୍ୱୀପ ଚୀନ୍‌ର ମୂଳ ଭୂଖଣ୍ଡ ଠାରୁ ୧୬୦ କିଲୋମିଟର ଦକ୍ଷିଣରେ ଅବସ୍ଥିତ। ୧୯୫୩ ମସିହାରେ ସେଠାରେ ଆଶୁ ଭୂ-ସଂସ୍କାର ପ୍ରବର୍ତ୍ତନ ଆରମ୍ଭ ହୋଇ ୧୯୭୨ ମସିହା ସୁଦ୍ଧା ଚାଷୀମାନଙ୍କ ଭିତରେ ଜମିବଣ୍ଟନ ତଥା ରୟତ ସତ୍ତ୍ୱ ପ୍ରଦାନ କରାଗଲା। ଉକ୍ତ ଭୂ-ସଂସ୍କାର ନୀତିକୁ ସଫଳ ରୂପାୟନ ଦେବାରେ ତାଇୱାନ୍‌ର ଭୂମି ବ୍ୟାଙ୍କ ଓ ତା'ର ୨୯ଟି ଶାଖା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସରକାରଙ୍କ ବିନା ଅର୍ଥ ବିନିଯୋଗରେ ଭୂମି ବଣ୍ଟନ କାର୍ଯ୍ୟ ଅଳ୍ପ ସମୟରେ ସୁରୁଖୁରୁରେ ସମାପିତ ହୋଇଥିଲା। ଉକ୍ତ ବ୍ୟାଙ୍କ ଜମିଦାରମାନଙ୍କୁ କ୍ଷତିପୂରଣ ବାବଦରେ ଭୂମିରଣ ପତ୍ର ପ୍ରଦାନ କରି ସେମାନଙ୍କ ଜମି କ୍ରୟ କରିଥିଲେ। ଜମିଦାରଙ୍କ କ୍ଷତିପୂରଣ ପୈଠ କରିବା ପାଇଁ ଚାଷୀମାନଙ୍କଠାରୁ ଶସ୍ୟ ଅମଳ ପରେ କିସ୍ତିରେ ସେଠାକାର ଫସଲ ଧାନ କିମ୍ବା କନ୍ଦମୂଳ ଆଦାୟ ହୋଇ ତାହା ଖାଦ୍ୟ ନିଗମକୁ ବିକ୍ରୟ କରି ମୂଲ୍ୟବାବଦ ଅର୍ଥ ବ୍ୟାଙ୍କରେ ଜମାହୁଏ। ବ୍ୟାଙ୍କ ଉକ୍ତ ଜମାରୁ ଭୂମିରଣ ପତ୍ର ଭଙ୍ଗାଇ ଜମିଦାରମାନଙ୍କୁ ତାଇୱାନ୍ ଡଲାର ଦିଏ। ଉକ୍ତ ବ୍ୟାଙ୍କ ସରକାରୀ କୃଷି ଫାର୍ମ ନିଜ ଦାୟିତ୍ୱରେ କିମ୍ବା ଚାଷୀମାନଙ୍କ ସାହାଯ୍ୟରେ ଆତ୍ମନିର୍ଭରଶୀଳ ପନ୍ଥାରେ ସୁଚାରୁ ରୂପେ ପରିଚାଳନା କରି ୧୪୬୪୭ ହେକ୍ଟର ଜମିକୁ ଉନ୍ନତ କରିପାରିଛି। ବ୍ୟାଙ୍କର ପୁଞ୍ଜି ବିନିଯୋଗରେ ସହର ଜମି ତଥା ଶିଳ୍ପନଗରୀ ଜମିଗୁଡ଼ିକର ଉନ୍ନତି ହୋଇପାରିଛି। ବ୍ୟାଙ୍କର ସମୁଦାୟ ଋଣର ଶତକଡ଼ା ୫୦.୬୧ଭାଗ କୃଷକ ସଂଘମାନଙ୍କ ଜରିଆରେ କୃଷି ଉତ୍ପାଦନ, ଫସଲ ବିକାକିଣା, ମତ୍ସ୍ୟଚାଷ, ଜଳସେଚନରେ ବିନିଯୋଗ ଇତ୍ୟାଦି କରାଯାଇଛି। ଶତକଡ଼ା ୩୭.୨୦ଭାଗ ଅର୍ଥ ଗୃହ ନିର୍ମାଣରେ ବିନିଯୋଗ କରାଯାଇଛି। ୧୧.୦୮ ଭାଗ ଅର୍ଥ ଜମି କିଣା, ଜମି ସମୀକରଣ, ଗ୍ରାମ, ସହର ତଥା ଶିଳ୍ପନଗରୀ ଜମିର ଉନ୍ନତିରେ ବିନିଯୋଗ କରାଯାଇଛି।

ଭୂ-ସଂସ୍କାର ବ୍ୟବସ୍ଥା ତଦାରଖ କରିବା ପାଇଁ ତାଇୱାନ୍ ସରକାର ଗୋଟିଏ ରୟତ କମିଟି ନିଯୁକ୍ତ କରିଛନ୍ତି। ଉକ୍ତ କମିଟିରେ ୫ ଜଣ ରୟତ, ୨ ଜଣ ଭୂମି ମାଲିକ, ୨ ଜଣ ଜମିଦାର ଓ ୨ ଜଣ ସରକାରୀ କର୍ମଚାରୀ ଅଛନ୍ତି। କମିଟି ଜମିଦାର ଓ ରୟତମାନଙ୍କ ଭିତରେ ଉପୁଜୁଥିବା ବିବାଦକୁ ଆପୋସ ବୁଝାମଣାରେ ତୁଟାଇଥା'ନ୍ତି। ଉକ୍ତ କମିଟି ବାର୍ଷିକ ଉତ୍ପାଦିତ ଫସଲର ବଜାର ଦର ନିରୂପଣ ତଥା ପ୍ରାକୃତିକ ବିପର୍ଯ୍ୟୟରେ ଚାଷୀର ଫସଲ ନଷ୍ଟ ପାଇଁ ରାଜସ୍ୱ ଛାଡ଼ କରିବାକୁ ସୁପାରିସ ଦାୟିତ୍ୱ ମଧ୍ୟ ଗ୍ରହଣ କରିଛି। ଭୂ-ସଂସ୍କାର ପ୍ରଥମ ପଦକ୍ଷେପ ସ୍ୱରୂପ ଯେଉଁ ଚାଷୀମାନେ ସରକାରୀ ଜମି ଚାଷ କରୁଥିଲେ ସେମାନେ ପଟ୍ଟା ପାଇଲେ। ଜମିଦାରମାନଙ୍କୁ ରୟତମାନେ ଉତ୍ପାଦିତ ଫସଲର ଶତକଡ଼ା ୫୦ ଭାଗରୁ ୭୦ ଭାଗ ପରିବର୍ତ୍ତେ ଶତକଡ଼ା ୩୭.୫ ଭାଗ ଫସଲ ରାଜସ୍ୱ ଆକାରରେ ଦେଲେ।

ସେହିପରି ଲଙ୍ଗଳ ଯାହାର ଜମି ତା'ର ନୀତି ଅନୁଯାୟୀ ଭୂମି ବ୍ୟାଙ୍କ ଜମିଦାରଙ୍କ ଅଧୀନରେ ଥିବା ରୟତମାନଙ୍କ ଜମିକିଣି ପୁଣି ସେହିମାନଙ୍କୁ ବିକ୍ରି କରି କ୍ଷତିପୂରଣ ବାବଦରେ ଶତକଡ଼ା ୭୦ ଭାଗ ଭୂମି ଋଣପତ୍ର ପ୍ରଦାନ କରି ଅବଶିଷ୍ଟ ୩୦ ଭାଗ ୪ଟି ସରକାରୀ ଶିଳ୍ପୋଦ୍ୟୋଗରେ ଅଂଶ ଭାବେ ବିନିଯୋଗ କରିବାରୁ ଜମିଦାରମାନେ ଥଇଥାନ ହୋଇ ବିଶେଷ ଲାଭବାନ୍ ହୋଇପାରିଛନ୍ତି। ଜମିଦାରମାନେ ଜମିର ବାର୍ଷିକ ଉତ୍ପାଦିତ ଫସଲର ବଜାର ଦରରେ ୨୧/୨ ଗୁଣ କ୍ଷତିପୂରଣ ପାଇଲେ। ତାଇୱାନ୍‌ରେ ଜଳସେଚିତ ଜମିରେ ବର୍ଷକୁ ଦୁଇଥର ଫସଲ ଅମଳ ହୁଏ ଏବଂ ଅନ୍ୟ ଜମିରେ ପ୍ରଧାନତଃ କନ୍ଦମୂଳ ଚାଷ ହୁଏ। ଏଣୁ ଚାଷୀମାନେ ଜମିଦାରମାନଙ୍କ କ୍ଷତିପୂରଣ ବାବଦରେ ଧାନ କିମ୍ବା କନ୍ଦମୂଳ ଅମଳ ପରେ ବାର୍ଷିକ ୨ଟି କିସ୍ତି ହିସାବରେ ଶତକଡ଼ା ୪ ଟଙ୍କା ସୁଧରେ ୧୦ ବର୍ଷରେ ମୋଟ ୨୦ଟି କିସ୍ତିରେ ଉତ୍ପାଦିତ ଫସଲର ଶତକଡ଼ା ୩୭.୫ ଭାଗ ଖାଦ୍ୟନିଗମ ଜରିଆରେ ଭୂମି ବ୍ୟାଙ୍କରେ ଦାଖଲ ଦେଇଥିଲେ। ମୁଦ୍ରାର ମୂଲ୍ୟରେ ହ୍ରାସବୃଦ୍ଧିକୁ ରୋକିବାକୁ ସରକାର ଜମିଦାରମାନଙ୍କୁ କ୍ଷତିପୂରଣ ଦେବାକୁ ଧାନ ଓ କନ୍ଦମୂଳ ବଦଳରେ ଭୂମିରଣ ପତ୍ର ଦେବାରେ ବ୍ୟବସ୍ଥା କଲେ। ଅବଶ୍ୟ ତାଇୱାନ୍‌ର ଅର୍ଥନୀତି ସୁଦୃଢ଼ ଥିବାରୁ ତାଇୱାନ୍ ଡଲାର ମୂଲ୍ୟର ବିନିମୟ ହାରରେ କ୍ୱଚିତ୍ ପରିବର୍ତ୍ତନ ଘଟେ।

ଉକ୍ତ ଋଣପତ୍ର କେବଳ ଜମିଦାରମାନଙ୍କ କ୍ଷତିପୂରଣ ପାଇଁ ଉଦ୍ଦିଷ୍ଟ ଥିବାରୁ ସେମାନେ ବଜାରରେ ତାହାକୁ ଭଙ୍ଗାଇ ପାରୁନଥିଲେ। ଅବଶ୍ୟ ରୟତକୁ ଜମିଦେବା ଆଇନ ଅନୁଯାୟୀ ତାଇୱାନ ଟ୍ରେଜେରୀ ଉକ୍ତ ଋଣପତ୍ର ବିନିମୟକୁ ଅଙ୍ଗୀକାରବଦ୍ଧ ଥିବାରୁ ଏହା ରୟତ ଜମି କିଣିବା ଧନରେ ସୁରକ୍ଷିତ ଥିଲେ ମଧ୍ୟ ଜମିଦାରମାନେ ଉକ୍ତ ଋଣପତ୍ର ବନ୍ଧକୀ ଦେବକୁ ଅନୁମତି ପାଇଥିଲେ। ଦୈବୀ ଦୁର୍ବିପାକରେ ଫସଲ ନଷ୍ଟ ହେଲେ ଚାଷୀ କିସ୍ତି ଦେବାରେ ଅକ୍ଷମ ହେଉଥିବାରୁ ସରକାର ଗୋଟିଏ 'ଭୂମି ଋଣପତ୍ର ମୁକ୍ତି ଅଙ୍ଗୀକାର ପାଣ୍ଠି' ସୃଷ୍ଟି କରି ଚାଷୀମାନଙ୍କ କିସ୍ତି ଭୂମି ବ୍ୟାଙ୍କରେ ଦାଖଲ ଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଚାଷୀମାନେ କ୍ୱଚିତ୍ କିସ୍ତି ଖିଲାଫ କରିବାର ଦେଖାଯାଏ। ଉକ୍ତ ଋଣପତ୍ର ଷ୍ଟାମ୍ପକର, ଆୟକର ଓ ଘର ଟିକସରୁ ମୁକ୍ତ ଅଟେ। ୫୦, ୧୦୦, ୫୦୦, ୧୦୦୦, ୫୦୦୦, ୧୦୦୦୦ କି.ଗ୍ରା. ଧାନ ପରିମାଣର ୬ଟି ପ୍ରକାର ଋଣପତ୍ର ଏବଂ ୧୦୦, ୫୦୦, ୫୦୦୦, ୧୦୦୦୦, ୩୦୦୦୦ କି.ଗ୍ରା. କନ୍ଦମୂଳ ପରିମାଣର ୫ ପ୍ରକାର ଋଣପତ୍ର ଜମିଦାରମାନଙ୍କୁ ଦିଆଯାଉଛି।

୧୯୫୩ ମସିହାରେ ଜମିଦାରମାନେ ଅବଶିଷ୍ଟ ୩୦ ଭଗ କ୍ଷତିପୂରଣ ବାବଦ ଅର୍ଥ ସିମେଣ୍ଟ, କାଗଜ, କୃଷି, ଜଙ୍ଗଲ, ଶିଳ୍ପ ଓ ଖଣିଜ ପ୍ରଭୃତି ଚାରୋଟି ସରକାରୀ ନିଗମକୁ ସର୍ବମୋଟ ୬ କୋଟି ୬୦ ଲକ୍ଷ ତାଇୱାନ୍ ଡଲାର୍ ଅଂଶରେ କିଣିନେଇ ବିଶେଷ ଲାଭବାନ୍ ହୋଇଛନ୍ତି। ଉକ୍ତ ଜମିଦାରମାନଙ୍କ ଜମି ମୂଲ୍ୟ ବାବଦରେ ଚାଷୀମାନେ ଚାଉଳ ଓ କନ୍ଦମୂଳ ଖାଦ୍ୟ ନିଗମ ଜରିଆରେ ଭୂମି ବ୍ୟାଙ୍କରେ ଦାଖଲ ଦେଇଛନ୍ତି। ୧୯୬୨ ରୁ ୧୯୮୪ ମସିହା ଭିତରେ ଛୋଟ ଜମିକୁ ଏକତ୍ରୀକରଣ ମାଧ୍ୟମରେ ୧୨ ହେକ୍ଟର ବିଶିଷ୍ଟ ପ୍ଲଟ୍‌ମାନ କରାଯାଇଛି। କ୍ରମାନ୍ୱୟରେ ଜଳସେଚନର ସୁବିଧା ପାଇଁ ପ୍ରତ୍ୟେକ ପ୍ଲଟ୍‌କୁ ତିନୋଟି ଲେଖାଏଁ ଚଉଖୁଣ୍ଟିଆ ବ୍ଲକରେ ବିଭକ୍ତ କରାଯାଇଛି।

ତାଇୱନ୍ ଓ ଦକ୍ଷିଣ କୋରିଆର ଆର୍ଥିକ ପ୍ରଗତି ସହିତ ଆମ ଦେଶର ଆର୍ଥିକ ଅବସ୍ଥାକୁ ତୁଳନା କଲେ ଦୁଃଖ ଓ ହତାଶ ଭାବ ଜାଗ୍ରତ ହୁଏ। ଏପରିକି ତାଇୱାନ୍ ଗଣତନ୍ତ୍ର ଶାସନ ଜରିଆରେ ଜନ ସହଯୋଗ ପାଇବା ଫଳରେ ବ୍ୟାପକ ଉନ୍ନତି କରି କମ୍ୟୁନିଷ୍ଟ ଶାସନାଧୀନ ଚୀନ୍‌କୁ ବହୁ ପଛରେ ପକାଇଦେଇଛି। ପୃଥିବୀରେ ତାଇୱାନ୍ ଗବେଷଣାଗାରରେ ପ୍ରଥମେ ଅଧିକ ଉତ୍ପାଦନ କ୍ଷମ ଟାଇଚୁଙ୍ଗ୍ ଧାନ ଉଦ୍ଭାବନ ହେବା ଫଳରେ ଧାନ ଉତ୍ପାଦନ ହାର ବଢ଼ିଚାଲିଛି। ମୋଟାମୋଟି ଭାବରେ ତାଇୱାନ୍ ସରକାର ୧୯୫୩ ମସିହାରୁ ଜନସହଯୋଗରେ ଭୂସଂସ୍କାର ନୀତି ତଥା ଅନ୍ୟାନ୍ୟ ଆନୁସଙ୍ଗିକ କୃଷିଭିତ୍ତିକ ଉତ୍ପାଦନ କାର୍ଯ୍ୟକ୍ରମଗୁଡ଼ିକୁ ବ୍ୟାଙ୍କ ସହିତ ଜଡ଼ିତ କରାଇ ନିଷ୍ଠା ତଥା ଦୃଢ଼ ଭାବରେ କାର୍ଯ୍ୟକାରୀ କରିବାରୁ ଲୋକମାନଙ୍କର ଏପରି ବ୍ୟାପକ ଆର୍ଥିକ ପ୍ରଗତି ସମ୍ଭବ ହୋଇପାରିଛି।

ଓଡ଼ିଶା ସରକାର ତାଇୱାନ୍ ପରି ଭୂମିବ୍ୟାଙ୍କ ଓ ଭୂମି ସଂସ୍କାର ନୀତିକୁ ଆପଣାଇ ପାରିଲେ ଓଡ଼ିଶାର ଜନସାଧାରଣ ଏହାର ସୁଫଳ ପାଇପାରନ୍ତେ ଏବଂ ଚାଷୀମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆସିପାରନ୍ତା। ଓଡ଼ିଶା ଭୂମି ସଂସ୍କାରରେ ଆଉ ପାଦେ ଆଗକୁ ଯାଇପାରନ୍ତା।

(ବରିଷ୍ଠ ସମବାୟବିତ୍)
କଟକ, ମୋ: ୯୦୯୦୩୨୫୮୦୨

## ଆୟୁର୍ବେଦ ପଛରେ ପଡ଼ିଯିବାର କାରଣ

ଡ. ନିରଞ୍ଜନ ସାହୁ

ଆୟୁର୍ବେଦ ହେଉଛି ସର୍ବପୁରାତନ ଚିକିତ୍ସା ପଦ୍ଧତି, ଯାହାର ପ୍ରଚଳନ ପ୍ରାୟ ପାଞ୍ଚହଜାର ବର୍ଷ ପୂର୍ବରୁ ଭାରତରେ ହୋଇଛି ବୋଲି ପ୍ରମାଣ ମିଳେ। ମାତ୍ର ପ୍ରାୟ ଦୁଇଶହ ବର୍ଷ ଭିତରେ ଗଢ଼ି ଉଠିଥିବା ଆଧୁନିକ ଚିକିତ୍ସା ବିଜ୍ଞାନ ଏହା ଭିତରେ ଏତେ ପ୍ରଭୂତ ଉନ୍ନତି କରିଛି ଯେ ପୃଥିବୀର ପ୍ରାୟ ସବୁଦେଶରେ ତା'ର ରାଜୁତି। ଗୋଦାବରୀଶ ମହାପାତ୍ରଙ୍କର ଏକ କାଳଜୟୀ ଗପର କିଛି ଉଦ୍ଧୃତାଂଶ ଏଠାରେ ପ୍ରଯୁଜ୍ୟ - 'ସମସ୍ତେ କହନ୍ତି ଡାକ୍ତରଖାନା ପାଖରେ ବରଗଛଟି ଅଛି, ମାତ୍ର ଆଦିବାସୀ ଶୁକ୍ରୁଜାନୀ କହେ ବରଗଛ ପାଖରେ ଡାକ୍ତରଖାନାଟି ଅଛି। ତା' ମତରେ ପାଞ୍ଚଶହ ବର୍ଷର ବରଗଛ ଥାଉଁ ଥାଉଁ ସେ ଇତିହାସ ସୃଷ୍ଟି ନକରି ପାଞ୍ଚ ବର୍ଷର ଡାକ୍ତରଖାନା କ'ଣ ସେଇ ଜାଗା ନେଇପାରିବ?' ବାସ୍ତବରେ ତଥାକଥିତ ସଭ୍ୟ ଲୋକଙ୍କ ବିଚାର ହେଲା ଡାକ୍ତରଖାନା ମୁଖ୍ୟ ଆଉ ବରଗଛ ଗୌଣ। ଠିକ୍ ସେଇୟା ଘଟିଛି ଆୟୁର୍ବେଦ କ୍ଷେତ୍ରରେ।

ଆୟୁର୍ବେଦର ଇତିହାସ ସୁଦୀର୍ଘ ତାହା କେହି ମନା କରିପାରିବେ ନାହିଁ। ମାତ୍ର ଦୁଃଖର କଥା ହେଲା ଏଇ ଦୁଇପ୍ରକାର ଚିକିତ୍ସା ବିଜ୍ଞାନର ଲକ୍ଷ୍ୟ ଅଲଗା। ଆୟୁର୍ବେଦ ମଣିଷର ସାଧାରଣ ସ୍ୱାସ୍ଥ୍ୟ କିପରି କିପରି ଠିକ୍ ରହିବ ଏବଂ ସେ କିପରି ରୋଗମୁକ୍ତ ନିରାମୟ ଜୀବନଯାପନ କରିପାରିବ, ତାହା ଲକ୍ଷ୍ୟ ରଖିଥାଏ। ଆଧୁନିକ ଚିକିତ୍ସା ବିଜ୍ଞାନ ଗବେଷଣାଲବ୍ଧ ଜ୍ଞାନ ଲାଭ କରି ତ୍ୱରିତ ଆରାମ ଦେବାର ବ୍ୟବସ୍ଥା କରେ। ଅବଶ୍ୟ ଏହା ସତ ଯେ ଆୟୁର୍ବେଦ ଔଷଧି ପ୍ରୟୋଗରେ କିଛି ପାର୍ଶ୍ୱ ପ୍ରତିକ୍ରିୟା ରୋଗୀ ଅନୁଭବ କରେନାହିଁ। ମାତ୍ର ଏହା ତ୍ୱରିତ ଆରୋଗ୍ୟ କରିବାର କ୍ଷମତା ରଖେନାହିଁ। ଆୟୁର୍ବେଦରେ ଏକ ସୁସ୍ଥ ଓ ସାମଗ୍ରିକ ଭାବରେ ନିରାମୟ ଜୀବନର ସୂତ୍ର ରହିଛି। ମାତ୍ର ଆଧୁନିକ ପିଢ଼ିର ଲୋକମାନେ କୌଣସି ବାଧାବନ୍ଧନ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଏହାର ଫଳଶ୍ରୁତି ହୋଇଛି ଯେ ଆଧୁନିକ ଚିକିତ୍ସା ବିଜ୍ଞାନ ଆଗରେ ଫିକା ପଡ଼ିଯାଇଛି ଆୟୁର୍ବେଦ।

ଆଧୁନିକ ଔଷଧକୁ ହିନ୍ଦୀରେ କୁହାଯାଏ 'ଦବାଇ'। କେହି ଜଣେ ଅନୁସନ୍ଧିତ୍ସୁ କହୁଥିଲେ ଏହା ସେମିତି ଗୋଟିଏ ରୋଗକୁ ଦବେଇ ଦେଇ ଆଉ ଗୋଟିଏ ନୂଆ ରୋଗ ସୃଷ୍ଟି କରିବାକୁ ଉଦ୍ୟତ। ଆଧୁନିକ ଯୁଗର ନିୟାମକ ହେଲା ବିଜ୍ଞାନ। ବିଜ୍ଞାନର ଭିତ୍ତି ହେଲା ପ୍ରମାଣ, ଯାହା ସାର୍ବଜନୀନ। ମାତ୍ର ଆଧୁନିକ ବିଜ୍ଞାନର ଏଇ ତତ୍ତ୍ୱରେ ଆୟୁର୍ବେଦ ସବୁକ୍ଷେତ୍ରରେ ସଫଳ ହୋଇପାରେ ନାହିଁ, ଯାହାଫଳରେ ପୃଥିବୀର ଅତି ଉନ୍ନତ ଦେଶମାନେ ଆୟୁର୍ବେଦକୁ ଗ୍ରହଣ କରିପାରି ନାହାନ୍ତି। ଯଦିଓ କିଛି ଆଧୁନିକ ଦେଶ ଆୟୁର୍ବେଦକୁ କିଛିପ୍ରକାରେ ଗ୍ରହଣ କରିଛନ୍ତି, ତାହା ଔଷଧ ରୂପରେ ନୁହେଁ ବରଂ ଅତିରିକ୍ତ ଖାଦ୍ୟ ଭାବରେ। ଆମେରିକା ପରି ୪୦କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ମାତ୍ର ଅଢ଼େଇ ଲକ୍ଷ ଲୋକ ଆୟୁର୍ବେଦିକ ଔଷଧ ବ୍ୟବହାର କରନ୍ତି ବୋଲି ଏକ ପରିସଂଖ୍ୟାନରୁ ଜଣାପଡ଼ିଛି। ମାତ୍ର କିଛି ପୁରାତନ ରୋଗ ଏବଂ ଗଣ୍ଠିବ୍ୟଥା ପରି କେତେକ ନିର୍ଦ୍ଦିଷ୍ଟ ରୋଗରେ ଆୟୁର୍ବେଦିକ ଔଷଧ ଖୁବ୍ ଫଳପ୍ରଦ ବୋଲି ବିଚାର କରାଯାଏ।

୧୯୯୦ ଦଶକର କଥା। ସେତେବେଳର ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ଆସିଥିଲେ ଆୟୁର୍ବେଦିକ ଡାକ୍ତରଙ୍କର ଏକ ପ୍ରତିନିଧି ଦଳ। ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ନିଜର ଦାବି କହିବା ପୂର୍ବରୁ ତାଙ୍କୁ ପ୍ରଭାବିତ କରିବା ପାଇଁ କହିଲେ, 'ଆପଣ ସବୁବେଳେ ସ୍ୱାଭିମାନ କଥା କହୁଛନ୍ତି। ଆମେମାନେ ମଧ୍ୟ ଶତପ୍ରତିଶତ ତାହା ପାଳନ କରିବାକୁ ଚାହୁଁ। କିନ୍ତୁ ଆମେ ଏଲୋପାଥିକ ଡାକ୍ତରଙ୍କ ପରି ଦ୍ୱିତୀୟ ଶ୍ରେଣୀ ଗେଜେଟେଡ୍ ପାହ୍ୟା ପାଇନାହୁଁ (ତାହା ଥିଲା ସେତେବେଳର ସ୍ଥିତି)। ତେଣୁ ଆମର ସ୍ୱାଭିମାନ ସ୍ୱାଭାବିକ ଭାବରେ ବ୍ୟାହତ ହେଉଛି। ଏହା ଫଳରେ ଆମେ ଉଚ୍ଚସ୍ତରର ସେବା ଦେବା ପାଇଁ ଆବଶ୍ୟକ ପ୍ରେରଣା ପାଇ ପାରୁନାହୁଁ।' ମୁଖ୍ୟମନ୍ତ୍ରୀ କହିଲେ, 'ସେମାନେ ମୋ ଛାତିରେ ଅପରେସନ କରି କ'ଣ ଗୋଟାଏ ମେସିନ୍ ଲଗେଇ ଦେଇଛନ୍ତି, ମୋର ନିଃଶ୍ୱାସ ପ୍ରଶ୍ୱାସ ସେଇଥିଲେ ଚାଲିଛି। ତମେ ସେମିତି କରିପାରିବ?' ଗୋଟାଏ ନିଃଶବ୍ଦତା ଛାଇଗଲା ଚାରିଆଡ଼େ। ମୁଖ୍ୟମନ୍ତ୍ରୀ କହିଲେ, 'ତମେ ଖାଲି ମୋଦକ ତିଆରି କଲେ କ'ଣ ଚଳିବ? ଶଲ୍ୟ ଚିକିତ୍ସାରେ କିଛି କାମ କରି ଦେଖାଅ, ତା'ପରେ ଆସିବ।' ସର୍ଜରୀ କ୍ଷେତ୍ରରେ ପ୍ରଭୂତ ଉନ୍ନତି କରିଛି ଏଲୋପାଥିକ ଚିକିତ୍ସା ବ୍ୟବସ୍ଥା। ଏହା ଫଳରେ ବହୁ ଦୁରାରୋଗ୍ୟ ବ୍ୟାଧିର ଉପଶମ କରାଯାଇପାରୁଛି ଏବଂ ଏହା ଲୋକଙ୍କର ପ୍ରିୟ ହେବା ପଛର ଏକ ବିଶେଷ କାରଣ।

ଆୟୁର୍ବେଦ ପଛରେ ପଡ଼ିଯିବାର ଆଉ ଏକ ପ୍ରମୁଖ କାରଣ ହେଲା ଆୟୁର୍ବେଦିକ ଔଷଧ ପ୍ରସ୍ତୁତିରେ ଗୁଣାତ୍ମକମାନ ଠିକ୍ ରଖିବା ପାଇଁ ସେମିତି କଡ଼ାକଡ଼ି ବ୍ୟବସ୍ଥା ନାହିଁ। ଏହା ଫଳରେ ନ୍ୟୂନମାନର ବହୁ ଔଷଧ ବଜାରକୁ ଆସୁଛି ଏବଂ ଗ୍ରାହକ ବା ରୋଗୀମାନଙ୍କର ବିରାଗ ଭାଜନ ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମେଧାବୀ ଛାତ୍ରଛାତ୍ରୀମାନେ ଆଧୁନିକ ଚିକିତ୍ସା ବିଜ୍ଞାନ ସାଥୀରେ। ସେମାନେ ସବୁଦିନ ଗବେଷଣାରେ ଲାଗିଛନ୍ତି। ଉନ୍ନତ ଗବେଷଣା ବିନା କୌଣସି ଜ୍ଞାନ ଉତ୍କର୍ଷ ସ୍ତରରେ ପହଞ୍ଚି ପାରେ ନାହିଁ। ତାହା ହିଁ ହୋଇଛି ଅବଶ୍ୟମ୍ଭାବୀ ପରିସ୍ଥିତି।

ଗୁରୁକୁଳରେ ସବୁଠାରୁ ମେଧାବୀ ଥିଲେ ଚରକ। ବିଦ୍ୟା ଶିକ୍ଷା ଅନ୍ତେ ଗୁରୁ ଶିଷ୍ୟମାନଙ୍କ ପରୀକ୍ଷା ନେବା ପାଇଁ କହିଲେ, ସମସ୍ତେ ଅଲଗା ଅଲଗା ଯିବ ଏବଂ ଅନୁଧ୍ୟାନ ପୂର୍ବକ ଗୋଟିଏ ଗଛର ପତ୍ର ନେଇ ଆସିବ, ଯାହାର କୌଣସି ଔଷଧୀୟ ଗୁଣ ନଥିବ। କିଛି ସମୟ ପରେ କେବଳ ଚରକଙ୍କୁ ଛାଡ଼ି ସମସ୍ତ ଶିଷ୍ୟ ପତ୍ରଟିଏ ଲେଖାଏଁ ଧରି ଆଶ୍ରମକୁ ଫେରିଲେ। ସନ୍ଧ୍ୟା ଆଗତପ୍ରାୟ। ଚରକଙ୍କୁ ଖୋଜିବାକୁ ବଣ ଭିତରକୁ ଯାଇ ଗୁରୁ ଦେଖିଲେ ଚରକ ପରୀକ୍ଷା ନିରୀକ୍ଷାରେ ଲାଗିଛନ୍ତି। ଗୁରୁଙ୍କୁ ଦେଖି ଚରକ କହିଲେ, 'ମହାତ୍ମା ମୁଁ ଆଜି ଦିନର ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛି। କାରଣ ଏପର୍ଯ୍ୟନ୍ତ ମୁଁ କୌଣସି ବୃକ୍ଷର ସନ୍ଧାନ ପାଇଲି ନାହିଁ, ଯାହାର ଔଷଧୀୟ ଗୁଣ ନାହିଁ।' ସେଇ ପରୀକ୍ଷାରେ କେବଳ ଚରକ ହିଁ କୃତକାର୍ଯ୍ୟ ହୋଇଥିଲେ। ବହୁ ବର୍ଷପୂର୍ବରୁ ହୋଇଥିବା ସେଇ ପରୀକ୍ଷା ସୂଚେଇଦିଏ ଯେ ସବୁ ବୃକ୍ଷରେ କିଛିନା କିଛି ଔଷଧୀୟ ଗୁଣ ରହିଛି। ଏହାକୁ ଖୋଜି ବାହାର କରି ଉପଯୁକ୍ତ ପ୍ରୟୋଗ କରିବା ଆବଶ୍ୟକ। ଅଧିକ ମେଧାବୀ ଏ ବିଷୟରେ ଆଗ୍ରହୀ ହେଲେ ଏବଂ ସରକାରଙ୍କର ଶୁଭଦୃଷ୍ଟି ରହିଲେ ଏହି ପାରମ୍ପରିକ ଜ୍ଞାନଭିତ୍ତିକ ଚିକିତ୍ସା ପଦ୍ଧତି ଲୋକପ୍ରିୟ ହୋଇପାରିବ।

(ପୂର୍ବତନ ପ୍ରଶାସନିକ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

## ତିବ୍ବତରେ ପଦ୍ମସମ୍ଭବ

ପ୍ରବୀର କୁମାର ପଟ୍ଟନାୟକ

(ପୂର୍ବପ୍ରକାଶିତ ଉତ୍ତାରୁ...)



### ଦ୍ୱିତୀୟ-ବୁଦ୍ଧ କଥା

ତିବ୍ବତରେ ପଦ୍ମସମ୍ଭବ ପହଞ୍ଚିବା ପରେ ଶାନ୍ତରକ୍ଷିତଙ୍କ ସମୟରୁ ସୃଷ୍ଟି ହୋଇଥିବା ବୌଦ୍ଧଧର୍ମ ପ୍ରତି ଘୋର ବାଧା, ବିରୁଦ୍ଧାଚରଣ ଓ ତତ୍‌ଜନିତ ଆନ୍ଦୋଳନାତ୍ମକ ପରିସ୍ଥିତିକୁ କିପରି ସମ୍ମୁଖୀନ ହେଲେ, କିଭଳି ସେହି ବିରୋଧକୁ ଆୟତ୍ତ କଲେ, ସ୍ଥାନୀୟ 'ବନ୍' ଧର୍ମର ନେତୃମଣ୍ଡଳୀ କିଭଳି ଶାନ୍ତ ହୋଇ ତାଙ୍କୁ ଗ୍ରହଣ କଲେ ଏ ସବୁ ପ୍ରସଙ୍ଗ ବିଚାରଯୋଗ୍ୟ। ତିବ୍ବତରେ ଏସବୁକୁ ଏବଂ ପଦ୍ମସମ୍ଭବଙ୍କୁ ନେଇ ଯାହାସବୁ ତଥ୍ୟ ଉପଲବ୍ଧ, ସେ ସବୁ ଅତ୍ୟନ୍ତ ଅବାସ୍ତବ, ବିଚିତ୍ର, କାଳ୍ପନିକ ଓ ଅବିଶ୍ୱାସ ମନେ ହୁଏ। ତାଙ୍କର ଅସଂଖ୍ୟ ଜୀବନୀବୃତ୍ତାନ୍ତମୂଳକ ପୁସ୍ତକ ଓ ପାଣ୍ଡୁଲିପି ଏବଂ ଜନସାଧାରଣରେ ସେ ବିଷୟରେ ମତାମତ ମଧ୍ୟ ସେହିଭଳି ବୈଚିତ୍ର୍ୟପୂର୍ଣ୍ଣ। ପଦ୍ମସମ୍ଭବଙ୍କ ବ୍ୟକ୍ତିତ୍ୱ ତିବ୍ବତ ଓ ତିବ୍ବତୀୟ ବୌଦ୍ଧଧର୍ମ ବ୍ୟାପୀ ଥିବା ଅଞ୍ଚଳରେ ଏତେ ଉଚ୍ଚସ୍ତରର ଯେ ତାଙ୍କ ସମ୍ପର୍କରେ ଏହିଭଳି ତଥ୍ୟମାନ ସେ ଅଞ୍ଚଳମାନଙ୍କରେ ଭରପୂର ଏବଂ ସେଠାକାର ଅଧିବାସୀମାନେ ସେ ସବୁକୁ ମଧ୍ୟ ଗୁରୁତ୍ୱର ସହ ବିଶ୍ୱାସ କରିଥା'ନ୍ତି। ପଦ୍ମସମ୍ଭବଙ୍କ ସମ୍ପର୍କୀୟ ସମସ୍ତ ଆଲୋଚନା ଓ ତଥ୍ୟରେ ତାଙ୍କର ଅଲୌକିକ ଶକ୍ତି, ତାଙ୍କ ଉପରେ ଦେବତ୍ୱର ଆରୋପ ଆଦି ବହୁଳଭାବେ ଦର୍ଶାଯାଇଛି। ସେ ଜଣେ ଧର୍ମଗୁରୁ ହୋଇଥିବାରୁ ଏଭଳି ହେବା ସ୍ୱାଭାବିକ। ପୃଥିବୀରେ ପ୍ରାୟ ସମସ୍ତ ଧର୍ମଗୁରୁମାନଙ୍କର ସମ୍ପର୍କରେ ଏଭଳି ଧାରଣାମାନ କାଳେ କାଳେ ରହି ଆସିଛି।

ତିବ୍ବତୀୟ ସୂତ୍ରସବୁ ଯେତେ କିମ୍ବଦନ୍ତୀମୂଳକ ହେଲେ ମଧ୍ୟ ସେ ସବୁ ପଦ୍ମସମ୍ଭବଙ୍କ ସମ୍ପର୍କୀୟ ତଥ୍ୟର ଏକମାତ୍ର ସୂତ୍ର ହୋଇଥିବାର ତାହାକୁ ହିଁ ଛାଣି ଚିପୁଡ଼ି ସେଥିରୁ ଯଥାର୍ଥ ତଥ୍ୟ ବାହାର କରିବାକୁ ହୋଇଥାଏ। ସମସ୍ତ ତଥ୍ୟରୁ ଜଣାଯାଏ ଯେ ତିବ୍ବତର ପ୍ରାଚୀନ ତଥା ସେସମୟରେ ପ୍ରଚଳିତ ଥିବା ଧର୍ମମତଗୁଡ଼ିକୁ ସିଧାସଳଖ ଭାବେ ପ୍ରତ୍ୟାଖ୍ୟାନ ନ କରି ପଦ୍ମସମ୍ଭବ ସେସବୁର କିଛିଅଂଶ ଯଥା ରୀତିନୀତି ଓ ଧର୍ମୀୟ ଆଚାରବିଚାର ଆଦିକୁ ବୌଦ୍ଧଧର୍ମ ମଧ୍ୟରେ ଅନ୍ତର୍ଭୁକ୍ତ କରାଇ ଜନସାଧାରଣଙ୍କ ଦ୍ୱାରା ଗ୍ରହଣୀୟ କରାଇପାରିଥିଲେ। ଏହିଭଳି ସେ 'ବନ୍' ଧର୍ମ ଅବଲମ୍ବନ କରୁଥିବା ସମସ୍ତଙ୍କୁ ପ୍ରକାରାନ୍ତରେ ପରାଜିତ କରିପାରିଥିଲେ ମଧ୍ୟ ତାହା ମଧ୍ୟରେ ଥିବା ଉତ୍କୃଷ୍ଟ ନିର୍ଯାସକୁ ଅତ୍ୟନ୍ତ ବୁଦ୍ଧିମତ୍ତାର ସହ ଗ୍ରହଣ କରିପାରିଥିଲେ। ବର୍ତ୍ତମାନ ମଧ୍ୟ ତିବ୍ବତର ପୂର୍ବଭାଗରେ କିଛିସ୍ଥାନରେ ପ୍ରାଚୀନ 'ବନ୍' ଧର୍ମର ସ୍ଥିତି ରହିଛି। ମାତ୍ର 'ବନ୍' ଧର୍ମ ତିବ୍ବତୀୟ ବୌଦ୍ଧଧର୍ମ ସଦୃଶ ହୋଇଯାଇଥିବାରୁ ତଥା ତାହାର ପୂର୍ବସ୍ୱରୂପରେ ପରିବର୍ତ୍ତନ ଘଟିସାରିଥିବାରୁ ତାହାର ଉପସ୍ଥିତି ନଗଣ୍ୟ ହୋଇଯାଇଛି। 'ବନ୍' ଧର୍ମ ମଧ୍ୟ ବୌଦ୍ଧ ଧର୍ମରୁ ଅନେକ କିଛି ଆଚାରବିଚାର ନିଜ ସ୍ୱରୂପ ମଧ୍ୟରେ ଗ୍ରହଣ କରିଛି। ଏପରିକି 'ବନ୍' ମନ୍ଦିରରେ ବୁଦ୍ଧ ଓ ବୋଧିସତ୍ତ୍ୱମାନଙ୍କର ମୂର୍ତ୍ତିମାନ ମଧ୍ୟ ଦେଖିବାକୁ ମିଳୁଛି। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଋଷିକୂଲ୍ୟା ନଦୀ ସୁରକ୍ଷା ସମାବେଶରେ ପରିବେଶବିତ୍ ମେଧା ପାଟକର

# ପ୍ରକୃତିର ବିପଦ ସଂକେତକୁ ସରକାର ବୁଝନ୍ତୁ



**ଛତ୍ରପୁର, ୬।୬(ସମିସ):** ଋଷିକୂଲ୍ୟା ଆମ ଜୀବନରେଖା। କିଛି ବର୍ଷ ହେଲା, ନଦୀ ବାଲି ବ୍ୟାପକ ଚୋରା ଚାଲାଣ ଯୋଗୁଁ ନଦୀର ଜଳଧାରଣ କ୍ଷମତା କମି ଗଲାଣି। ତେଣୁ, ଭୂତଳ ମଧୁର ଜଳ ଶୁଖିଯାଉଛି। ନଦୀରେ ଜଳପ୍ରବାହ କମି କମି ଯାଉଥିବାରୁ ସମୁଦ୍ରର ଲୁଣି ପାଣି ନଦୀ ଭିତରକୁ ଓ ମାଟି ତଳେ ତଳେ ମାଡ଼ି ମାଡ଼ି ଆସୁଛି। ଫଳରେ କୂଅ, ନଳକୂଅ ଏବଂ ବିଭିନ୍ନ ପାଣି ଯୋଗାଣ ପ୍ରକଳ୍ପରେ ଲୁଣିଆ ପାଣି ଆସୁଛି। ସମୁଦ୍ରର ଲୁଣିପାଣି ଏବେ ଙ୍ଗସାରୀଗଣ୍ଡ ପର୍ଯ୍ୟନ୍ତ ଆସିବାରୁ ପିଇବା ପାଣି ଖାରିଆ ହୋଇଗଲାଣି। ଏହି ସ୍ଥିତି ଜାରି ରହିଲେ, ଆଗକୁ ସ୍ଥିତି ଭୟଙ୍କର ହେବ। ଚାଷ କାର୍ଯ୍ୟଠାରୁ ଆରମ୍ଭ କରି ପାନୀୟ ଜଳ ଟୋପାଏ ପାଇଁ ଲୋକଙ୍କୁ ସଂଘର୍ଷ କରିବାକୁ ପଡ଼ିବ। କିନ୍ତୁ ପ୍ରକୃତିର ଏ ବିପଦ ସଂକେତକୁ ବୁଝିବା ପରିବର୍ତ୍ତେ ନଦୀର ଏକମାତ୍ର ପ୍ରକୃତ ଜଳଧାରାକୁ ଅଟକାଇ ପିପଲପଙ୍କାଠାରେ ଜଳଭଣ୍ଡାର ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା, ବର୍ଷା ସରିଗଲା ପରେ ଟୋପାଏ ପାଣି ନଦୀରେ ଆସିବ ନାହିଁ। ନଦୀ ମରିଯିବ। ନଦୀକୂଳ, ବନ୍ଧକୂଳ ଓ ଉଠା ଜଳସେଚନ ପମ୍ପ ଅକାମି ହୋଇଯିବ। ଲୋକେ ପାଣି ପାଇଁ ହାହାକାର ହେବେ। ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ପୋଟଲାମ୍ପୁରଠାରେ ଋଷିକୁଲ୍ୟା ନଦୀ ସୁରକ୍ଷା ସମାବେଶରେ ଯୋଗଦେଇଥିବା ବିଶିଷ୍ଟ ପରିବେଶବିତ୍ ମେଧା ପାଟକର ଏପରି କହିବା ସହ ମାଡ଼ି ଆସୁଥିବା ଏକ ବଡ଼ ବିପଦ ସଂପର୍କରେ ଲୋକଙ୍କୁ ଚେତାଇ ଦେଇଛନ୍ତି। ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଋଷିକୂଲ୍ୟା ନଦୀ ସୁରକ୍ଷା ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ପରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ମେଧା ପାଟକର ଯୋଗ ଦେଇ ପରିବେଶ ସୁରକ୍ଷା ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଋଷିକୂଲ୍ୟାର ସୁରକ୍ଷା ପାଇଁ ଡ୍ୟାମ୍ ନିର୍ମାଣ ଓ ବାଲି ଚୋରିକୁ ବନ୍ଦ କରିବାକୁ ସରକାରଙ୍କ ପାଖରେ ଦାବି କରାଯାଇଥିଲା। ଏଥିନିମନ୍ତେ ଋଷିକୂଲ୍ୟା ସୁରକ୍ଷା କାର୍ଯ୍ୟାନୁଷ୍ଠାନ କମିଟି ତରଫରୁ ସୋରଡ଼ା ପିପଲପଙ୍କାଠାରୁ ନଦୀମୁହାଣ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

ପ୍ରଥମେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ସଭାସ୍ଥଳୀ ପର୍ଯ୍ୟନ୍ତ ଏକ ସଚେତନତା ରାଲି ହୋଇଥିଲା। ପରେ ଆୟୋଜିତ ସମାବେଶରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ଋଷିକୂଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ଆବାହକ ସୁଧୀର ରାଉତ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ରବି ରଥ, ବିଘ୍ନେଶ୍ୱର ସାହୁ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ସାନିଆ ସ୍ୱାଇଁ, ବିଜୟ ସ୍ୱାଇଁ, ରାଜେନ୍ଦ୍ର ନାହାକ, ବିଜୟ ବିଶ୍ୱାଳ, ଭାସ୍କର ସ୍ୱାଇଁ, ରଞ୍ଜନ ସେଠି, ମିନି ମହାପାତ୍ର, ଅନିଲ ସାହୁ, ଦୁର୍ଯ୍ୟୋଧନ ସ୍ୱାଇଁ, ପ୍ରମୋଦ ସାହୁ ଓ ପ୍ରବାସୀ ପ୍ରଧାନଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ।

## ମହିଳାଙ୍କୁ ଲୋଭନୀୟ ଅଫର୍

# ଭିଡିଓ କଲ୍‌ରେ ଷ୍ଟ୍ରେଚ୍‌ମାର୍କ ଦେଖାଇବାକୁ ହଜାରେ ଟଙ୍କା

**ରାଜକନିକା, ୬।୬ (ସମିସ):** ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କୁ ଲୋଭନୀୟ ଅଫର୍ ଦେଇ ସମ୍ବେଦନଶୀଳ ସ୍ଥାନରେ କଳାଜାଇ ବା ଷ୍ଟ୍ରେଚ୍‌ମାର୍କ ଦେଖାଇବାକୁ କହି ଜଣେ ମାଷ୍ଟର୍ ବୁକ୍ କିପର୍ (ଏମ୍‌ବିକେ) ହରଡ଼ଘଣାରେ ପଡ଼ିଛନ୍ତି। ଯେଉଁ ମହିଳାଙ୍କ ସମ୍ବେଦନଶୀଳ ସ୍ଥାନରେ ଯେତୋଟି କଳାଜାଇ ଅଥବା ଷ୍ଟ୍ରେଚ୍ ଚିହ୍ନ ଥିବ, ସେହି ମହିଳାଙ୍କୁ ଚିହ୍ନ ପିଛା ୧ ହଜାର ଟଙ୍କା ମିଳିବ। ଲୋଭନୀୟ ଓ ଆକର୍ଷଣୀୟ ଉପହାର ଆକାରରେ ଟଙ୍କା ମିଳିବା ଆଶାରେ ମହିଳାଙ୍କ ଅର୍ଦ୍ଧନଗ୍ନ ଭିଡିଓ ଉତ୍ତୋଳନ ମଧ୍ୟ କରାଯାଇଛି। ଏନେଇ ରାଜକନିକା ଥାନା ଅନ୍ତର୍ଗତ ତ୍ରୈଲୋକ୍ୟପୁର ପଞ୍ଚାୟତ ତେନ୍ତୁଳିକୋଳି ଗ୍ରାମ ମା’ ବୁଢ଼ୀ କନକେଇ ସ୍ୱୟଂସହାୟକ ଗୋଷ୍ଠୀର ସଭାପତି କଳ୍ପନା ସାମଲ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ୍ ଜଣେ ଏମବିକେଙ୍କୁ ଥାନାରେ ଅଟକ ରଖିଛି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଏମ୍‌ବିକେ କହିଥିଲେ ଯେ ଯେଉଁ ମହିଳାଙ୍କ ସମ୍ବେଦନଶୀଳ ସ୍ଥାନରେ ଯେତୋଟି କାଳିଜାଇ ଅଥବା ଷ୍ଟ୍ରେଚ ଚିହ୍ନ ଥିବ, ସେହି ମହିଳାଙ୍କୁ ଚିହ୍ନ ପିଛା ୧ହଜାର ଟଙ୍କା ମିଳିବ। ଏଥିପାଇଁ ମହିଳାମାନଙ୍କୁ ଏକ ମୋବାଇଲ୍ ନମ୍ବରକୁ ଭିଡିଓ କଲ୍ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଭିଡିଓ କଲରେ ଚିହ୍ନ ପ୍ରଦର୍ଶନ କଲେ, ଟଙ୍କା ମିଳିବ ବୋଲି ଏମ୍‌ବିକେ ଦିଦି କହିଥିବା ଗୋଷ୍ଠୀର ସଭାପତି ଏତଲାରେ ଉଲ୍ଲେଖ କରିଛନ୍ତି। ଟଙ୍କା ଲୋଭରେ ଗୋଷ୍ଠୀର କିଛି ମହିଳା ସମ୍ପୃକ୍ତ ଏମବିକେଙ୍କୁ ଯୋଗାଯୋଗ କରିଥିଲେ।

**ଟଙ୍କା ନମିଳିବାରୁ ଏସ୍‌ଏଚ୍‌ଜି ମହିଳା ଥାନାର ଦ୍ୱାରସ୍ଥ**

**ଏମବିକେଙ୍କୁ ପୁଲିସର ପଚରାଉଚରା**

ଏମ୍‌ବିକେଜଣକ ମହିଳାଙ୍କୁ ଏକ ନିରୋଳା ଘରକୁ ନେଇଥିଲେ। ସେଠାରେ ଏକ ମୋବାଇଲ୍ ନମ୍ବର୍ ଦେଇ ଜଣଜଣ କରି ଭିଡିଓ କଲ୍ କରିବାକୁ କରିଥିଲେ। ଅନ୍ୟପଟେ ଭିଡିଓ କଲ୍ ରିସିଭ କରିଥିବା ବ୍ୟକ୍ତିଜଣକ ଭିଡିଓ ରେକର୍ଡ଼ିଂ କରିଥିଲେ। ଭିଡିଓ କଲ୍ ସରିବା ପରେ ମହିଳାମାନେ ଏମବିକେ ଦିଦିଙ୍କୁ ଟଙ୍କା ମାଗିଥିଲେ। ଏହିଠାରୁ ବିବାଦ ଆରମ୍ଭ ହୋଇଥିଲା। ଏମବିକେଜଣକ ଟଙ୍କା ନ ଦେଇ ସାର୍ ଆସିଲେ ଦେବେ ବୋଲି କହିଥିଲେ। ଟଙ୍କା ନ ପାଇବା ଓ ଅର୍ଦ୍ଧନଗ୍ନ ହୋଇ ଚିହ୍ନ ଦେଖାଇଥିବା ମହିଳାମାନେ ଭୟଭୀତ ହୋଇଯାଇଥିଲେ। ଉପାୟଶୂନ୍ୟ ହୋଇ ଶେଷରେ ସେମାନେ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ରାଜକନିକା ପୁଲିସ ୩୩୪/୨୫ରେ ମାମଲା ରୁଜୁ କରି ସମ୍ପୃକ୍ତ ଏମବିକେ ଦିଦିଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଯେଉଁ ବ୍ୟକ୍ତିଙ୍କ ପାଖକୁ ଭିଡିଓ କଲ୍ କରାଯାଇଥିଲା, ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏମବିକେ ଦିଦିଙ୍କ ମୋବାଇଲ୍ ଫୋନରୁ ଫୋନ୍ କରାଯାଇ ଅଧିକ ତଦନ୍ତ ଚାଲିଛି। ତେବେ ରାତି ଅଧିକ ହୋଇଯିବା ଓ ଏମବିକେ ଦିଦି ଜଣେ ମହିଳା ହୋଇଥିବାରୁ ତାଙ୍କୁ ଛାଡ଼ି ଦିଆଯାଇଥିବା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକ କହିଛନ୍ତି।

## କର୍ତ୍ତବ୍ୟରେ ଅବହେଳା, ୫ କନେଷ୍ଟବଳ ନିଲମ୍ବିତ

**ବାଲେଶ୍ୱର, ୬।୬ (ସମିସ):** ଗତ ପାଞ୍ଚ ଦିନ ତଳେ ପାଞ୍ଚ ଜଣ ରିଜର୍ଭ କନେଷ୍ଟବଳ ବାଲେଶ୍ୱର ଜିଲ୍ଲାପାଳଙ୍କ ସରକାରୀ ଆବାସିକ କାର୍ଯ୍ୟାଳୟରେ ରାତି ଡ୍ୟୁଟି କରୁଥିବା ବେଳେ କିଛି ଅନିୟମିତତା କରିଥିବା ପ୍ରମାଣ ଓ ଭିଡିଓ ଏସପି ତଥା ରିଜର୍ଭ ପୁଲିସର କମାଣ୍ଡାଣ୍ଟ ପାଖରେ ପହଞ୍ଚିଥିଲା। ପ୍ରମାଣକୁ ଆଧାର କରି ଏସ୍‌ପି ଶୁକ୍ରବାର ସାନ୍ଧ୍ୟରେ ସମ୍ପୃକ୍ତ ପାଞ୍ଚ ଜଣ କନେଷ୍ଟବଳମାନଙ୍କୁ ନିଲମ୍ବନ କରିଛନ୍ତି। ତେବେ ଭିଡ଼ିଓରେ କ’ଣ ଥିଲା ତାହା ସ୍ପଷ୍ଟ ହୋଇପାରି ନଥିଲେ ବି, ଏକ ସମର୍ଥିତ ସୂତ୍ରରୁ ଜଣାଯାଇଛି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡ୍ୟୁଟିରେ ଥିବାବେଳେ ସେମାନେ ସେଠାରେ ଭୋଜି କରି ଖାଇଥିଲେ। ଯାହାର ଭିଡିଓ ସହ ପ୍ରମାଣନେଇ କେହି ବ୍ୟକ୍ତି ଏସ୍‌ପି ଓ କମାଣ୍ଡାଣ୍ଟଙ୍କ ଠାରେ ଅଭିଯୋଗ କରିଥଲେ ବୋଲି ଜଣାଯାଇଛି। ମାତ୍ର ଏସ୍‌ପି ରାଜ ପ୍ରାସାଦ ପ୍ରସାଦ କହିଛନ୍ତି କି, ସେମାନେ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବାର ପ୍ରମାଣ ମିଳିବା ପରେ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

## ପୁଲିସ-ଛତିଶା ନିଯୋଗ ଆଲୋଚନା

# ମହାପ୍ରଭୁଙ୍କ ଶୃଙ୍ଖଳିତ ଯାନିଯାତ୍ରା ଉପରେ ଗୁରୁତ୍ୱ

**ପୁରୀ, ୬।୬ (ସମିସ):** ପାଖେଇ ଆସିଲା ଦେବସ୍ନାନ ପୂର୍ଣ୍ଣିମା। ଆସନ୍ତା ୧୧ ତାରିଖରେ ସ୍ନାନଯାତ୍ରା। ପରେ ପରେ ରଥଯାତ୍ରା, ବାହୁଡ଼ା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜେ। ତେବେ ମହାପ୍ରଭୁଙ୍କ ଏହି ସବୁ ଯାନିଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଭିନ୍ନ ସମୟରେ ସେବାୟତଙ୍କ ସହ ମଧ୍ୟ ଆଲୋଚନା କରାଯାଉଛି। ଏହିକ୍ରମରେ ଶୁକ୍ରବାର ଏସ୍‌ପି ବିନୀତ୍ ଅଗ୍ରୱାଲ ଛତିଶା ନିଯୋଗ ସେବାୟତଙ୍କ ସହ ଆଲୋଚନା କରିଛନ୍ତି।

ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ ସ୍ନାନପୂର୍ଣ୍ଣିମାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସବୁ କିପରି ଶାନ୍ତିଶୃଙ୍ଖଳାର ସହ ସମାପନ ହେବ, ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସ୍ନାନମଣ୍ଡପରେ ଯେପରି କୌଣସି ପ୍ରକାର ବିଶୃଙ୍ଖଳା ନ ହୁଏ, ସେଥିପ୍ରତି ସମସ୍ତେ ଧ୍ୟାନ ଦେବାକୁ ଏସ୍‌ପି କହିଥିଲେ। ସେବାୟତମାନେ ରଥଯାତ୍ରା ସମୟରେ ସେମାନେ ଯେପରି ସୁରୁଖୁରରେ ଯାତାୟାତ କରିବେ ସେ ସମ୍ପର୍କରେ ଏସ୍‌ପିଙ୍କୁ ଅବଗତ କରାଯାଇଥିଲା। ସେବାୟତଙ୍କ ପାଇଁ ସ୍ୱତନ୍ତ୍ର ଗାଡି ପାର୍କିଂ ଏବଂ ଯାତାୟାତ ଲାଗି ସୁବିଧା କରାଯାଇଛି ବୋଲି କୁହାଯାଇଥିଲା। ବୈଠକରେ ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପତ୍ରଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ଯୋଗ ଦେଇଥିଲେ। ସେହିପରି ପୁଲିସ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯୋଗାଣ ମନ୍ତ୍ରୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ତ୍ରିଶୂଳିଆ, ୬।୬(ସମିସ):** ବାରଙ୍ଗ ଥାନା ଅନ୍ତର୍ଗତ ଷଣ୍ଢପୁର ବଜାର ଛକ ନିକଟରେ ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ଗାଡ଼ି ସହିତ ଗୋଟିଏ ଟ୍ରକ ଧକ୍କା ହୋଇଛି। ତେବେ ଏଥିରୁ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନାନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୯ଟାରେ ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର ନିଜ ନିର୍ବାଚନମଣ୍ଡଳୀ ଢେଙ୍କାନାଳରୁ କାରକେଡ ନେଇ ଭାୟା ଆଠଗଡରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ବାରଙ୍ଗ ଥାନା ଅନ୍ତର୍ଗତ ଷଣ୍ଢପୁର ଛକ ନିକଟରେ ଏକ ମିକ୍ସର ଗାଡ଼ି ସହିତ ଧକ୍କା ହୋଇଥିଲା। ଫଳରେ ମନ୍ତ୍ରୀଙ୍କ ଗାଡିର ଡ଼ାହାଣ ପାର୍ଶ୍ୱ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ଏକ ଦୁଘଟଣାରୁ ଅଳ୍ପକେ ଯୋଗାଣ ମନ୍ତ୍ରୀ ବର୍ତ୍ତିଯାଇଥିଲେ। ଖବର ପାଇ ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମିକ୍ସର ଗାଡ଼ିଟିକୁ ଥାନାକୁ ଆଣି ତଦନ୍ତ କରୁଥିବା ବେଳେ ମନ୍ତ୍ରୀ ଶ୍ରୀ ପାତ୍ର ଅନ୍ୟ ଏକ ଘରୋଇ ଗାଡ଼ିରେ ଭୁବନେଶ୍ୱର ଯାଇଥିଲେ।

## ଅବଶିଷ୍ଟାଂଶ

### ଟ୍ରମ୍ପ-ମସ୍କ...

ମସ୍କଙ୍କ ସମାଲୋଚନାର ଜବାବ ଦେଇଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ସେ କହିଛନ୍ତି ଯେ ଯେଉଁ ବିଲ୍ କଥା ମସ୍କ କହୁଛନ୍ତି ସେହି ବିଲକୁ ସେ ପ୍ରଥମେ ପ୍ରଶଂସା କରିଥିଲେ। ପ୍ରଶାସନରୁ ହଟିବା ପରେ ନିଜର ମତ ପରିବର୍ତ୍ତନ କରିଛନ୍ତି। ମସ୍କ ପାଗଳ ହୋଇଯାଇଛନ୍ତି ବୋଲି ଉଲ୍ଲେଖ କରି ଟ୍ରମ୍ପ କହିଛନ୍ତି ଯେ ଏଭଳି ବ୍ୟକ୍ତିଙ୍କ ସହିତ ସେ କଥା ହେବାକୁ ଚାହାନ୍ତି ନାହିଁ। ତାଙ୍କ ସହିତ ବୁଝାମଣା ପାଇଁ ମସ୍କ ଆଗ୍ରହ ପ୍ରକାଶ କରିଥିବା ନେଇ ଜଣେ ସାମ୍ବାଦିକ ପ୍ରଶ୍ନ କରିବାରୁ ଟ୍ରମ୍ପ କହିଲେ, ଏଭଳି ପାଗଳ ଲୋକ ସହିତ ସେ କଥା ହେବେନାହିଁ। ମସ୍କଙ୍କ କମ୍ପାନୀଗୁଡିକ ଉପରୁ ସରକାରଙ୍କ ଅନୁଦାନ ଓ ଅନ୍ୟାନ୍ୟ କଣ୍ଟ୍ରାକ୍ଟ ପ୍ରତ୍ୟାହାର କରିବାକୁ ଟ୍ରମ୍ପ ଧମକ ଦେଇଛନ୍ତି। ବିତର୍କିତ ବିଲ୍ ସପକ୍ଷରେ ଯୁକ୍ତି ରଖି ଟ୍ରମ୍ପ କହିଛନ୍ତି ଯେ ଏହି ବିଲ୍ ହେଉଛି ସବୁଠାରୁ ଉଚ୍ଚକୋଟୀର। ଏହାଦ୍ୱାରା ସରକାରଙ୍କ ଅର୍ଥ ବଞ୍ଚିପାରିବ। ମିଳିଥିବା ସୂଚନା ଅନୁସାରେ ମସ୍କଙ୍କ ସହିତ ବିବାଦ ପରେ ଟ୍ରମ୍ପ ତାଙ୍କର ଟେସ୍ଲା କାର ବିକିବାକୁ ସ୍ଥିର କରିଛନ୍ତି। ମସ୍କଙ୍କ କଂପାନୀର ଏହି କାରକୁ ଟ୍ରମ୍ପ ୮୦ ହଜାର ଡଲାର ଦେଇ କିଣିଥିଲେ।

### ଦୁର୍ଘଟଣାରେ ଗଡ଼ିଲା...

ଓ କବିସୂର୍ଯ୍ୟନଗର ଥାନା ଅଧୀନ ପଥରା ଗ୍ରାମର ଡି . ରୁଦ୍ରିକା ରେଡ୍ଡୀ (୬)। ଦକ୍ଷିଣପୁର ଗ୍ରାମରୁ ଭୋଜି ଖାଇ ୩ଜଣ ଯାକ ଦିଗପହଣ୍ଡିକୁ ଡ୍ରେସ୍ କିଣିବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଏହି ସମୟରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ତେଲ ଟ୍ୟାଙ୍କର୍ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ସେହି ସମୟରେ ଗଜପତି ଜିଲ୍ଲା ମୋହନାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ମୋହନା ଥାନା ଡେଙ୍ଗାମା ଗ୍ରାମର ଭାସ୍କର ବିଷୋୟୀ ମଧ୍ୟ ଟ୍ରକ୍‌କୁ ଧକ୍କା ଦେଇ ଗୁରୁତର ହୋଇଥିଲେ। ଦିଗପହଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସରେ ସମସ୍ତଙ୍କୁ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତ୍ରିନାଥ ଓ ତାଙ୍କ ୨ ଭାଣିଜୀଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଭାସ୍କରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

ସେହିପରି, ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ୪୯ ନମ୍ବର ଜାତୀୟ ରାଜପଥର ଶିରିଆପାଲିଠାରେ ବସ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ବୁର୍ଲା ଚିପିଲିମା ଅଞ୍ଚଳର ମନୋଜ ମେହେର(୪୫) ଏବଂ ସୁଶାନ୍ତ ମେହେର(୪୦)। ସୂଚନାନୁଯାୟୀ, କୁଚିଣ୍ଡାରୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ଜୟମାତାଦୀ ନାମକ ଘରୋଇ ବସ୍ ସହ ବିପରୀତ ଦିଗରୁ ଆସୁଥିବା ବାଇକ୍ ଶିରିଆପାଲିଠାରେ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଥିଲା।

ଅନ୍ୟ ଏକ ଦୁର୍ଘଟଣା ।।ରେ, ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ଅସନପାଳ ଗ୍ରାମ ନିକଟସ୍ଥ ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥରେ ଶୁକ୍ରବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଏକ ଟାଟା ମ୍ୟାଜିକ୍ ଗଛରେ ପିଟି ହୋଇଯିବାରୁ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ, ଖିଲେଇ ପଞ୍ଚାୟତ ରଞ୍ଜଣା ଗ୍ରାମର ମଥୁରା ଶବର ଓ ତାଙ୍କ ସ୍ତ୍ରୀ ଚାଇନା ଶବର। ସ୍ତ୍ରୀ ଚାଇନାଙ୍କୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇ ଏକ ଟାଟା ମ୍ୟାଜିକ୍‌ରେ ମଥୁରା ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଘରକୁ ପହଞ୍ଚିବାକୁ ମାତ୍ର ୨କିମି ବାକି ରହିଥିବା ବେଳେ ଅସନପାଳ ଗ୍ରାମ ନିକଟରେ ଚାଳକ ଭାରସାମ୍ୟ ହରାଇବାରୁ ଗାଡ଼ିଟି ରାସ୍ତାପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ମଥୁରାଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଚାଇନାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଚାଇନାଙ୍କ ମୃତ୍ୟୁ ହୋଇଯାଇଥିଲା।

### ୪ ପ୍ରସ୍ତାବକୁ...

ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ୧୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ୫ ବର୍ଷର ଅବଧି ମଧ୍ୟରେ ଏହି ଯୋଜନାରେ ୫୦୦୦୦ରୁ ଅଧିକ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ସୃଷ୍ଟି କରି ସହରାଞ୍ଚଳର ଉନ୍ନତି ଅଣାଯିବ ଏବଂ ୫ ଲକ୍ଷରୁ ଅଧିକ କୁଶଳୀ ଏବଂ ଅଣକୁଶଳୀ ଶ୍ରମିକଙ୍କୁ ମଜୁରୀ ପ୍ରଦାନ କରାଯିବ। ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ୫୦୦୦ରୁ ଅଧିକ ବନୀକରଣ ଏହି ଯୋଜନା ଅଧିନରେ କରାଯିବ। ସେହିପରି କ୍ୟାବିନେଟ ଅନୁମୋଦନ ପାଇଥିବା ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନା ୧୭ଟି ଉପଯୋଜନା, କାର୍ଯ୍ୟକ୍ରମକୁ ନେଇ ଗଠିତ ହୋଇଛି। ଜୈବ ପ୍ରଯୁକ୍ତି ବିଜ୍ଞାନର ସବୁଠାରୁ ଆସାଜନକ କ୍ଷେତ୍ରରେ ଉଚ୍ଚଶିକ୍ଷା, ଗବେଷଣା ଏବଂ ଭିତ୍ତିଭୂମି ବିକାଶକୁ ପ୍ରୋତ୍ସାହନ ଏହାର ଲକ୍ଷ୍ୟ । ଜୈବିକ ଶିଳ୍ପର ଆବଶ୍ୟକତାକୁ ପୂରଣ କରିବା ପାଇଁ ଶୈକ୍ଷିକ ଉତ୍କର୍ଷ, ଦକ୍ଷତା ବିକାଶକୁ ବାସ୍ତବ ରୂପ ଦେବା ଏବଂ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଜୈବ ପ୍ରଯୁକ୍ତି ଉଦ୍ଭାବନ ଉପଯୋଗ ଏହି ଯୋଜନାର ପ୍ରମୁଖ ଲକ୍ଷ୍ୟ । ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ଯାଏଁ ଯୋଜନା ଅଧୀନରେ ୧୧୧୩.୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତୃତୀୟ ପ୍ରସ୍ତାବ ଭାବେ କ୍ୟାବିନେଟରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ ଡ୍ୟାମ ଓ ସ୍ପିଲ ୱେ ନିର୍ମାଣ କାର୍ଯ୍ୟର ଆର୍ଥିକ ବିଡକୁ ଅନୁମୋଦନ ଦେଇଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୫୧ କୋଟି ୭୮ ଲକ୍ଷ ୨୦୪୭୬ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି। ୧୮ ମାସ ମଧ୍ୟରେ ପ୍ରକଳ୍ପ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାଦ୍ୱାରା ଗଜପତି ଜିଲ୍ଲାର ୫୦୦ ହେକ୍ଟର ଓ ଗଞ୍ଜାମ ଜିଲ୍ଲାର ୫୭୬୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ହେବ। ଏହି ପ୍ରକଳ୍ପ ଦ୍ୱାରା ୩୬ ମେଗାୱାଟ ଜଳବିଦ୍ୟୁତ୍ ଉତ୍ପାଦନ ସହ ବ୍ରହ୍ମପୁର ସହରରେ ଲୋକମାନଙ୍କୁ ପାନୀୟ ଜଳ ଏବଂ ଘରୋଇ ବ୍ୟବହାର ପାଇଁ ଜଳ ଉପଲବ୍ଧ କରାଇବ। ଚତୁର୍ଥ ପ୍ରସ୍ତାବ ଭାବେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ୟୁନିଟ-୪୧ଠାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ସପକ୍ଷରେ ଆବଣ୍ଟିତ ଅତିରିକ୍ତ ସରକାରୀ ଜମି ବାବଦକୁ ୨ କୋଟି ୬୦ ଲକ୍ଷ ୮୨ ହଜାର ଟଙ୍କା ଛାଡ଼ ନିଷ୍ପତ୍ତି ନେଇଛନ୍ତି।


**LOST**

Notice is hereby given to general public that, I Sri. Sambit has lost the original link RSD bearing no- 11081408405 dt. 03.10.2014 RSD NO- 11081402728 dt 10.03.2014 and ROR NO- 514/1937 AND ROR NO- 514/2137 of Mouza-Kesura. which was kept in my hand Bag while he was going to court from his residence at Kotasahi, on 28.05.2025 lost the original sale deed somewhere, around court area and in spite of his best efforts failed to trace the same. Therefore, if anyone has found the same, please contact Advocate Sri. N.C. Pattnaik, mob - 9853311189, of LICHFL at Chandrasekharpur within 15 days from the date of the publication, failing which the document will lose its legal force, and any misuse of the document will be punishable under law.

**AFFIDAVIT**

I, Amita Patra, aged about 50 years, W/o- B.Rajendra Patra, resident of At- gobindapur, Po/ps- Banpur, Dist- Khurda, Pin- 752031, Odisha declare by this affidavit No. 1147, dtd. 06/06/2025, that now onwards I shall be known as **AMITA NAYAK** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Jeypore dated- 31/01/2025. I **Biswanath Behera**, S/o- Bhaskar Chandra Behera, resident of At- Laxminarayan Nagar, Teliguda, PO- Umuri, PS- Jeypore Sadar, Dist- Koraput, Odisha declare that I have changed my name from **Biswanath Behera To Biswanath Bhagavad.** Henceforth, I shall be known as **Biswanath Bhagavad** for all future purposes.

**Biswanath Bhagavad**

**AFFIDAVIT**

By virtue of an affidavit sworn before The Executive Magistrate, Padampur, dated- 21/05/2025. I, **Cheheralal Majhi**, father of Sambhubati Majhi (minor) declare that, my daughter have changed her name from **Sambhubati Majhi to Somabati Majhi.** Henceforth, she will be known as **Somabati Majhi** in all proceeding, dealing and transaction request to all person at all times to designate and address her such assumed name of **Somabati Majhi** accordingly.

**AFFIDAVIT**

By virtue of an affidavit sworn before The Notary Public, Sunabeda dated 05/06/2025 I, Sri. Prasanta Khada S/O- Ghenu Khada Vill:- Andaraguda, PO- Pantalung PS- Padwa District- Koraput declare that I have changed my name from Prasanta Khara to Prasanta Khada. Henceforth, I shall be known as Prasanta Khada for all purposes.

**Prasanta Khada**

**LOST**

ମୁଁ ସସ୍ମିତା ନନ୍ଦ ସ୍ୱାମୀ-ଲକ୍ଷ୍ମୀନାରାୟଣ ନନ୍ଦ ମୋର ଜମିର ଡକ୍ୟୁମେଣ୍ଟ ଓ ପଟ୍ଟା ହଜିଯାଇଛି। ଖାତା ନଂ - ୧୮/୧୫୭ ଓ ପ୍ଲଟ ନଂ ୨୬/୧୯୬, ୩୬/୧୯୫, ୩୭, ୩୧, ୩୦,୨୯ ଏବଂ ୬ ଏବଂ ଡକ୍ୟୁମେଣ୍ଟ ନଂ- ୧୧୬୦୧୫୦୧୫୬୩, ୧୬୦୧୫୦୧୫୭୪ କୌଣସି ବ୍ୟକ୍ତିଙ୍କୁ ମିଳିଥାଏ ତାହା ୯୪୩୭୫୨୬୬୩୭ ମୋବାଇଲ ନମ୍ବର ଯୋଗାଯୋଗ କରନ୍ତୁ।

**AFFIDAVIT**

I, **Kalpana Mahapatra**, W/o- Girish Mahapatra, resident of Plot no 223, Near Empires Hotel, Sahid Nagar, Po/Ps- Sahid Nagar , Dist- Khordha , Pin-751007 Odisha declare by this affidavit No. 93 dtd- 11/02/2025 that now onwards I shall be known as **Kalpana Rath** for all future purposes.

**AFFIDAVIT**

I, **Puja Bai Agarwalla,** aged about 35 Years, D/o.: Ranjeet Kumar Agarwalla, Resident of At: Laxmi Bazar, P.S.: Town, Dist.: Dhenkanal, Odisha declare by this affidavit No.: 1837 dated 27 Jun 2024 That now onwards I shall be known as **Pooja Agarwal** for all future purpose.

**AFFIDAVIT**

By virtue of an affidavit sworn before the Executive Magistrate, Delanga, AF No: 903 dated 07/05/2025, I **RASMITA BEHERA,** D/o Ganeswar Prusty resident of Village At - Bhimda, Po- Bhimda, Ps- Bada Sahi, Dist- Mayurbhanj, Odisha Pin- 757083 declare that I have changed my name from **Rasmita Prusty,** DOB 18.12.1995 to **Rasmita Behera,** DOB 18.06.1999. Henceforth, I shall be known as **RASMITA BEHERA,** DOP 18.06.1999 for all future purposes.

**Sd- RASMITA BEHERA**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

**Contact**

**GADHWAL GROUP**

**Mob.: 9437015112**

**AFFIDAVIT**

By virtue of an affidavit No.6618, Dtd.30.05.2025 sworn before the Executive Magistrate, Balasore I, Minakhi Mishra, W/o.Bijay Kumar Mishra, At. Dadhibamanpur, Po. Kanheibinda, Ps. Simulia, Dist. Balasore, Odisha, declare that my name has been mentioned inadvertently in my LIC policy no. 586251643 as Smt. DRAUPADI MISHRA (DASH). Henceforth, I shall be known as **Minakhi Mishra** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Nayagarh on date- 29/05/2025. I, **Sumanta Mahanta,** resident of At- Champatipur Patanasahi, Po- Champatipur, Ps- Itamati, Dist- Nayagarh, Odisha. I declared by my minor son Name has been changed from **Deepankar Mahanta** (old name) to **Aditya Mahanta** (new name), Henceforth, he shall be known as **ADITYA MAHANTA** for all future purposes.

**Sumanta Mahanta**

**AFFIDAVIT**

I Sharmila, D/o. D. Sathyanarayanan, R/o. SA-16, CSIR-IMMT, Bhubaneswar-751013 declare that my name may be written as S Sharmila as per affidavit 12AA 808342 dt 8 May2025. My father's name Sathyanaryanan may be written as D Sathyanarayanan as per affidavit 12AA 808342 dt 8 May2025.

**S SHARMILA**

**AFFIDAVIT**

I, Taruna Kumar Pradhana, S/o- Late Raghunatha Pradhan resident of Plot no.- B-103, Shreekhetra Green Wood, Aiginia, Ps.- Bharatpur, Bhubaneswar-751019, Dist.- Khordha, Odisha state that my father's actual & correct name is **Raghunatha Pradhan** but in my service documents, it is wrongly mentioned as **Raghunath Pradhan.** Therefore, it is submitted that both **Raghunatha Pradhan** and **Raghunath Pradhan** is one and the same person who is my deceased father.

**AFFIDAVIT**

By virtue of affidavit before Notary Bolangir, I MRUNALA KUMAR MOHANTY(50) S/O - MAHENDRA PRASAD MOHANTY, SAGARPADA, PO BALANGIR, PS BALANGIR TOWN, Dist BALANGIR, Odisha, PIN - 767001, do hereby declare by this affidavit no. 621, dt.04.06.2025, that now onwards I shall be known as MRUNAL KUMAR MOHANTY for all future purposes.


**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL** B-181
Email – eedklpwd@gmail.com
**INVITATION FOR BIDS THROUGH e-Procurement**

Bid Identification No. SE DKL (R&B). 08/ 2025-26

Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 4 Nos Electrical Works & 1 No Civil works |
| 3. | No. of work | : | 05 Nos. |
| 4. | Bid Cost. | : | ₹ 6,000/- |
| 5. | Class of Contractor | : | 'MV','HT' License & 'C' & 'D' License |
| 6. | Availability of Bid Documents in the website | : | From 10.00 AM of 10.06.2025 to 5.00 PM of 24.06.2025 |
| 7. | Date of Opening of Bid | : | Dt. 25.06.2025 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

**Superintending Engineer**
**Dhenkanal (R&B) Division**

OIPR-34016/11/0046/2526

**PANCHAYAT SAMITI OFFICE: TANGARPALI, DIST.- SUNDARGARH** i-143
**TENDER CALL NOTICE 02/2025-26**
**No. 3104 / Date 03.06.2025**

Tender is hereby invited vide Tender Call Notice No. 01 of 2025-26 from eligible contractors for the following work. The details documents will be downloaded from district website www.sundargarh.odisha.gov.in w.e.f. 03.06.2025 to 16.06.2025.

| Sl. No | Name of the Work | No. of Godown/ / AWC Building / GPLF Building | Amount put to Tender in ₹. (Excluding GST) @ per AWC | Cost of Tender paper (Non-refundable) in ₹. @ per AWC | Bid security/EMD (1%) @ per AWC | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | | 3 | 4 | 5 | 6 | 7 |
| 1 | Const. of G.P.L.F Office Building with Market Complex at Mangaspur GP Level | 1 | 2227060/- | 6,000/- | 22,270/- | Six Months | 'C' & 'B' Class |
| 2 | Const. of G.P.L.F Office Building with Market Complex at Meghdega GP Level | 1 | 2227060/- | 6,000/- | 22,270/- | Six Months | 'C' & 'B' Class |
| 3 | Const. of G.P.L.F Office Building with Market Complex at Mahulpali GP Level | 1 | 2227060/- | 6,000/- | 22,270/- | Six Months | 'C' & 'B' Class |
| 4 | Const. of Model AWC at Amkunipada Sanpatrapali | 1 | 2253459/- | 6000/- | 22535/- | Six Months | 'C' & 'B' Class |
| 5 | Const. of New Office Building & Godown of 50 MT at Meghdega | 1 | 2282896/- | 6000/- | 22829/- | Six Months | 'C' & 'B' Class |

1. Date and time for download Tender Paper: From Dt. 03.06.2025 to 16.06.2025.
2. Last Date of Receipt of Tender Paper: Dt. 16.06.2025 (5.00 P.M.)
3. Date of Opening of Tender Paper: Dt. 18.06.2025 (11.00 A.M.)

**Sd/- Block Development Officer, Tangarpali**

OIPR-19342/11/0006/2526

# ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ସାଲେପୁର,୬ ।୬(ସମିସ): ଆଜି ଏକ ସଡ଼କ ଦୁର୍ଘଟଣା ଘଟି ସ୍ତ୍ରୀର ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଗୁରୁତର ଆହତ ହୋଇଥିବା ଜଣାଯାଇଛି । ଖବରରୁ ପ୍ରକାଶ ଯେ, ଆଜି ଦିନ ପ୍ରାୟ ୧୨ଟା ସମୟରେ ନଈଗୁଆଁ ଗ୍ରାମର ଡମ୍ବରୁଧର ପାଢ଼ୀ ଓ ତାଙ୍କ ସ୍ତ୍ରୀ ଝରାଶ୍ରୀ ପାଢ଼ି (୪୨) ଏକ ସ୍କୁଟି ଯୋଗେ ଘରୁ କଟକ ବଡ଼ ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ବାହାରିଥିଲେ । ନାଦୋଳଗଡ଼ା ନିକଟରେ ଏକ ପେଟ୍ରୋଲ ପମ୍ପରେ ସ୍କୁଟିରେ ପେଟ୍ରୋଲ ପକାଇ ଯାଉଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେବା ଫଳରେ ସ୍ତ୍ରୀ ଝରାଶ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଡମ୍ବରୁଧର ଗୁରୁତର ଆହତ ହୋଇଥିବା ଜଣାଯାଇଛି । ପ୍ରକାଶ ଯେ ମୃତା ଝରାଶ୍ରୀ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ଆଜି ଚିକିତ୍ସା ନିମନ୍ତେ କଟକ ବଡ଼ ମେଡ଼ିକାଲକୁ ଯାଉଥିବାବେଳେ ଏହି ଅଘଟଣ ଘଟିଥିବା ଜଣାଯାଇଛି । ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଖବର ପାଇ ସାଲେପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି ।

# ବାର୍‌ହା ଆକ୍ରମଣରେ ବୃଦ୍ଧ ଗୁରୁତର

ନରସିଂହପୁର,୬ ।୬(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ଜୟପୁର ଅନନ୍ତପ୍ରସାଦ ଗ୍ରାମର ସୁବଳ ଚରଣ ନାୟକ (୬୨) ବର୍ଷ ବାରହା ଆକ୍ରମଣରେ ଗୁରୁତର ହୋଇଛନ୍ତି । ସୂଚନା ମୁତାବକ ଶୁକ୍ରବାର ସୁବଳ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଦାନ୍ତକାଠି ସଂଗ୍ରହ କରିବା ପାଇଁ ଯାଇଥିବା ସମୟରେ ଗୋଟିଏ ଦନ୍ତା ବାରାହା ଆକ୍ରମଣ କରିଥିଲା । ତାଙ୍କର ପାଟିଶୁଣି ନିକଟସ୍ଥ ବନ୍ଧରେ ଗାଧୋଉଥିବା ବଳିଆ ନାୟକ ଓ ଅନ୍ୟମାନେ ଦୌଡ଼ି ଆସି ସୁବଳଙ୍କୁ ଉଦ୍ଧାର କରିଥିଲେ । ତାଙ୍କୁ ପ୍ରଥମେ ନରସିଂହପୁର ଡାକ୍ତରଖାନାକୁ ଆଣି ଚିକିତ୍ସା କରାଯାଇଥିଲା । ମାତ୍ର ତାଙ୍କର ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ତେବେ ଏହି ଘଟଣାରେ ବନାଞ୍ଚଳ ବିଭାଗର ନିଦ ଭାଙ୍ଗୁନାହିଁ । ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ମାହାଙ୍ଗା ବ୍ଲକରେ କର୍ମଚାରୀ ମରୁଡ଼ି

## ପ୍ରଶାସନିକ ଅଚଳାବସ୍ଥା ଯୋଗୁଁ ଲୋକେ ହିନସ୍ତା

ଭଦ୍ରେଶ୍ୱର,୬।୬(ସମିସ):

ସମସ୍ୟା ବହୁଳ ମାହାଙ୍ଗା ବ୍ଲକରେ କର୍ମଚାରୀ ମରୁଡି ଯୋଗୁ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି । ଫଳରେ ଦୂର ଦୂରାନ୍ତରୁ ଆସୁଥିବା ସାଧାରଣ ଲୋକେ ନ୍ୟାୟ ନ ପାଇ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି । ସମସ୍ୟା ବହୁଳ ମାହାଙ୍ଗା ବ୍ଲକ ୩୭ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ । ନଦୀ ନାଳ ଘେରା ଏହି ବ୍ଲକର ଲୋକେ ବିଭିନ୍ନ ସମସ୍ୟା ନେଇ ମାହାଙ୍ଗା ବ୍ଲକ ଉପରେ ନିର୍ଭର କରିଥାନ୍ତି । ସରକାର ପରିବର୍ତ୍ତନ ହେବା ପରେ ଏହି ବ୍ଲକରେ ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ଓ ପ୍ରାକ୍ତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରତାପ ଜେନାଙ୍କ ଗୋଷ୍ଠୀ ମଧ୍ୟରେ କ୍ଷମତା ଲଢେଇ ଚାଲିଛି । ଏହି ବ୍ଲକରେ ପ୍ରତାପ ସମର୍ଥକଙ୍କ ଦବଦବା ରହିଛି । ପ୍ରତାପଙ୍କ ସମର୍ଥିତ ଦୀପା ମଲିକ ବ୍ଲକର ଅଧ୍ୟକ୍ଷା ରହିଛନ୍ତି । ସେହିପରି ଭାବେ ଏହି ବ୍ଲକର ନାମକୁ ମାତ୍ର କେତୋଟି ଗ୍ରାମପଞ୍ଚାୟତକୁ ଛାଡିଦେଲେ ଅଧିକାଂଶ ଗ୍ରାମପଞ୍ଚାୟତରେ ପ୍ରତାପଙ୍କ ସମର୍ଥିତ ଜିଲ୍ଲାପରିଷଦ ସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ରହିଛନ୍ତି । ସେପଟେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ଏହି ବ୍ଲକ ଅଞ୍ଚଳରେ ନିଜର ଦବଦବା ଜାହିର କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ମାତ୍ର ବିଜେଡି ସମର୍ଥିତ ଲୋକ ପ୍ରତିନିଧିମାନେ ପ୍ରତାପଙ୍କ ପ୍ରତ୍ୟକ୍ଷ ଇଙ୍ଗିତରେ ଓ ନିର୍ଦ୍ଦେଶରେ ତାଙ୍କୁ କଡା ଜବାବ ଦେଉଛନ୍ତି । ଫଳରେ ସାରଦା ଏହି ବ୍ଲକ ଅଞ୍ଚଳରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ଠିକ୍ ଭାବେ କରି ନ ପାରି ଚରମ ହଟହଟାର ସମ୍ମୁଖିନ ହେଉଛନ୍ତି । ଏପରିସ୍ଥଳେ ୮ମାସ ମଧ୍ୟରେ ଏହି ବ୍ଲକରେ ୨ଜଣ ବିଡିଓ ବଦଳି ହୋଇ ଅନ୍ୟତ୍ର ପଳାଇ ଗଲେଣି । ଫଳରେ ପ୍ରଶାସନିକ ଅଧିକାରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି । ଏପରିକି ଏହି ପ୍ରଶାସନିକ ଅଧିକାରୀମାନେ ଧର୍ମ ସଙ୍କଟରେ ପଡି ଠିକ୍ ଭାବେ କାର୍ଯ୍ୟ କରିପାରୁ ନ ଥିବା କାରଣରୁ ବ୍ଲକ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହିପରି ଭାବେ ଏହି ବ୍ଲକରେ ଏବିଡିଓ, ହିସାବ ରକ୍ଷକ, ସମାଜ ମଙ୍ଗଳ ଅଧିକାରୀ, ୧୦ରୁ ଉର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ବରିଷ୍ଠ କିରାଣୀ ସମେତ ବହୁ ପଦ ଖାଲି ପଡିଛି । ଏହି ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ଏକ ରକମ ଠପ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ବ୍ଲକରେ ରହିଥିବା ନାମକୁ ମାତ୍ର କେତେକ ହାତ ଗଣତି କର୍ମଚାରୀ କାର୍ଯ୍ୟାଳୟକୁ ଆସି ବସି ବସି ନିରାଶରେ ଫେରିବାକୁ ବାଧ ହେଉଥିବାର ଅଭିଯୋଗ ହୋଇଛି । କର୍ମଚାରୀ ଅଭାବରୁ ଏହି ବ୍ଲକ ଚଳଚଞ୍ଚଳ ହେବା ପରିବର୍ତ୍ତେ କାର୍ଯ୍ୟାଳୟ ପରିସରରେ ସତେ ଯେପରି କାଉ ଉଡୁଛନ୍ତି । ଦୂର ଦୂରାନ୍ତରୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଗରିବ ଶ୍ରେଣୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ନ ପାଇ ନିରାଶରେ ଫେରିବାକୁ ବାଧ୍ୟ ହେଉଛନ୍ତି । ଏପରିକି ଗରିବ ଶ୍ରେଣୀର ଲୋକେ ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡି ଆର୍ଥିକ ଖର୍ଚ୍ଚାନ୍ତର ସମ୍ମୁଖିନ ହେଉଥିଲା ବେଳେ କୌଣସି ବିଭାଗୀୟ ଅଧିକାରୀଙ୍କ ଦେଖା ସାକ୍ଷାତ ପାଉନାହାନ୍ତି । ପ୍ରଶାସନ ତରଫରୁ ତୁରନ୍ତ ଏହି ବ୍ଲକ କାର୍ଯ୍ୟାଳୟରେ ଖାଲି ପଡିଥିବା ପଦ ଗୁଡିକ ତୁରନ୍ତ ପୁରଣ କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି ।

# ମା’ ଜାଗେଶ୍ୱରୀଙ୍କ ମହାଯଜ୍ଞ କଳସ ଶୋଭାଯାତ୍ରା



ଫୁଲନଖରା,୬।୬(ସମିସ): କଟକ ସଦର ଥାନା ଅନ୍ତର୍ଗତ ସଇନ୍ଧା ବାଲିସାହିସ୍ଥିତ ମା’ ଜାଗେଶ୍ୱରୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଉକ୍ତ ମହାଯଜ୍ଞ ନିମନ୍ତେ ନିକଟସ୍ଥ ସିଡୁଆ ନଦୀରୁ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଭକ୍ତମାନେ ସଂକଳ୍ପ ପୂର୍ବକ ମାଟି କୁମ୍ଭରେ ଜଳ ଉଠାଇଥିଲେ । ଘଣ୍ଟ, ଘଣ୍ଟା ଓ ସଂକୀର୍ତ୍ତନ ସହ ଶୋଭାଯାତ୍ରାରେ ଆସି ମା’ଙ୍କ ମନ୍ଦିର ପରିସରେ ଥିବା ଯଜ୍ଞମଣ୍ଡପରେ କସଳ ସ୍ଥାପନ କରିଥିଲେ । ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ଅଗ୍ନି ସ୍ଥାପନ କରାଯାଇ ଯଜ୍ଞର ଶୁଭାରମ୍ଭ କରାଯାଇଥିଲା । ଯଜ୍ଞର କର୍ତ୍ତା ଭାବରେ ନିମାଇଁ ସ୍ୱାଇଁ, ରାଜଲକ୍ଷ୍ମୀ ସ୍ୱାଇଁ ଓ ଦିତୀମୟ ସାହୁ, ବିଜୟଲକ୍ଷ୍ମୀ ସାହୁ କାର୍ଯ୍ୟ ତୁଲାଇଥିଲେ । ଯଜ୍ଞର ଦ୍ୱିତୀୟ ଦିବସରେ ଯଜ୍ଞାହୂତି ଓ ବ୍ରହ୍ମଜ୍ଞାନ ଚର୍ଚ୍ଚା ଓ ତୃତୀୟ ଦିବସରେ ଯଜ୍ଞର ପୂର୍ଣ୍ଣାହୁତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଅନୁଷ୍ଠାନ ତରଫରୁ ପ୍ରତ୍ୟେହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଯଜ୍ଞାଦି କାର୍ଯ୍ୟକ୍ରମକୁ ସଇନ୍ଧା ଓ ବାଲିସାହି ଉଭୟ ଗ୍ରାମ୍ୟ କମିଟିର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି ।

# ମଦନମୋହନ ରାମଲୀଳା ପ୍ରଚାର ସମିତ ପକ୍ଷରୁ ରାମଲୀଳା

କଟକ,୬।୬(ସମିସ): କଟକ ୱାର୍ଡ ନଂ ୫୭ ସ୍ଥିତ ମଦନମୋହନ ରାମଲୀଳା ପ୍ରଚାର ପ୍ରସାର ସମିତି ଆନୁକୂଲ୍ୟରେ ତିନଦିନ ବ୍ୟାପି ୨୦୨୫ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ରାମଲୀଳା ମାଧ୍ୟମରେ ସାଂସ୍କୃତିକ ସହରରେ ଭାଇଚାରା ଭାବ ସୃଷ୍ଟି ହେଉଛି । ପ୍ରଥମ ରଜନୀରେ ମା’ ଧାକୁଲେଇ ପ୍ରଚାର ସମିତି ରାମ ବନବାସ, ଦ୍ୱିତୀୟ ରଜନୀରେ ମା ବିମଳା ରାମଲୀଳା ପ୍ରଚାର ସମିତି ଦ୍ୱାରା କୁମ୍ଭକର୍ଣ୍ଣ ବଧ ପରିବେଷଣ କରିଥିଲେ । ଅନ୍ତିମ ସନ୍ଧ୍ୟାରେ ଶ୍ରୀ ଶ୍ରୀ ମଦନମୋହନ ରାମଲୀଳା ପ୍ରଚାର ଓ ପ୍ରସାର ସମିତି ଗୋପାଳପୁର ଭୂଇଁପୁର ସାହି ଦ୍ୱାରା ପ୍ରଭୁ ଶ୍ରୀ ମର୍ଯ୍ୟାଦା ପୁରୁଷୋତ୍ତମ କଥାମୃତ ଦ୍ୱାରା ଆଧାରିତ ଲୀଳା ମହିରାବଣ ବଧ ଗୋପାଳପୁରର କଳାକାରମାନେ ବହୁ ଉଚ୍ଚକୋଟିର କଳା ପ୍ରଦର୍ଶନ କରିଥିଲେ । ଏହି ଅବସରରେ କଟକ ମେୟର ସୁବାସ ସିଂ, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ଓମ ପ୍ରକାଶ ମହାନ୍ତି, ଜୋନ -୪ ଏସିପି ଅମିତାଭ ମହାପାତ୍ର, ଲାଲବାଗ ଥାନାର ଭାରପ୍ରାପ୍ତ ଅଧିକାରୀ ସୁଧାଂଶୁ ଭୂଷଣ ଜେନା, ଆଇନଜୀବୀ ଅନ୍ନପୂର୍ଣ୍ଣା ସାହୁ, ସମାଜସେବୀ ସୁଶାନ୍ତ ପାତ୍ର, ସମାଜସେବୀ ପ୍ରଶାନ୍ତ ମହାରଣା, ସମାଜସେବୀ ରଞ୍ଜନ ପାଳ ଅଭିଭାଷଣ ରଖିଥିଲେ । କଟକ ସହର ଭାଇଚାରା ଓ ପରମ୍ପରା ଅନୁଷ୍ଠାନର କର୍ମକର୍ତ୍ତା ସଭାପତି ନିଖିଳ ରଞ୍ଜନ ଲେଙ୍କା ସମ୍ପାଦକ ଲୋକନାଥ ନାୟକ, ସଞ୍ଜୟ ଲେଙ୍କା, ନିର୍ମଳ ମହାନ୍ତି, ଅବିନାଶ ମହାନ୍ତି, ପ୍ରିୟବ୍ରତ ସ୍ୱାଇଁ, କିଶୋର ସାହୁ, ବିଜୟ ମହାନ୍ତି, ଅଜୟ ସାହୁ, ପାର୍ଥସାରଥୀ ମହାଜନ, ବିଭୂତି ବାରିକ, ଶିବ ସୁନ୍ଦର ଲେଙ୍କା, ପପୁନା ପାଳ, ସମୀର ପ୍ରଧାନ ଉପସ୍ଥିତ ରହି କଟକର ଭଲ କଳା ପ୍ରଦର୍ଶନକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହାକୁ ଅନୁଷ୍ଠାନର ଉପଦେଷ୍ଟା ଲକ୍ଷ୍ମୀନାରାୟଣ ସାହୁ ପରିଚାଳନା କରିଥିଲେ ।



# ଆଠଗଡ ଛାତ୍ର କଂଗ୍ରେସର ସାଂଗଠନିକ ବୈଠକ

ଟିଗିରିଆ,୬।୬(ସମିସ): ଆଠଗଡ ନିର୍ବାଚନ ମଣ୍ଡଳୀର ଛାତ୍ର କଂଗ୍ରେସର ଏକ ସାଂଗଠନିକ ବୈଠକ ଗୁରୁବାର ହୋଇଯାଇଛି । ବୈଠକରେ ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ନେଇ ସ୍ୱର ଉଠାଇବ ଆଠଗଡ ଛାତ୍ର କଂଗ୍ରେସ । ଆଗକୁ ଥିବା ଛାତ୍ର ସଂସଦ ନିର୍ବାଚନରେ ଯେମିତି ଆଠଗଡ ଛାତ୍ର କଂଗ୍ରେସ ଭଲ ପ୍ରଦର୍ଶନ କରିବ ସେ ନେଇ ଆଲୋଚନା ହୋଇଥିଲା । ବୈଠକରେ କଟକ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ରତିକ ମହାପାତ୍ର, ଆଠଗଡ ଛାତ୍ର କଂଗ୍ରେସ ସଭାପତି ସୁବାଶିଷ ମିଶ୍ର, ପୂର୍ବତନ ଛାତ୍ର ସାଂସଦ ସଭାପତି ପାର୍ଥି ପ୍ରଶାନ୍ତ ବେହେରା ଛାତ୍ର କଂଗ୍ରେସ କର୍ମୀ ସମ୍ବିତ ଦଳେଇ, ଅଭିଷେକ ତୁଙ୍ଗ ସାମନ୍ତ, ନିଖିଲ୍ ବେହେରା, ରାଜେଶ ବେହେରା, ସଂଗ୍ରାମ ବେହେରାଙ୍କ ସମେତ ବହୁ ଛାତ୍ର କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

# ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ

**କଟକ ଜିଲ୍ଲାର ବିଭିନ୍ନ ବ୍ଲକରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ପରିବେଶର ସୁରକ୍ଷା ଉପରେ ବହୁ ଅନୁଷ୍ଠାନ, ଶିକ୍ଷା ନିକେତନ, ଶିଳ୍ପସଂସ୍ଥା ଓ ସାମାଜିକ ସଂଗଠନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ଏହି ମହତ କାର୍ଯ୍ୟକ୍ରମରେ ବହୁ ବିଶଷ୍ଟ ବ୍ୟକ୍ତି ସାମିଲ ହୋଇଛନ୍ତି ।**



ଟିଗିରିଆ,୬।୬(ସମିସ):

ଟିଗିରିଆ ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ବ୍ଲକ ଶିକ୍ଷା ଅଧିକାରୀ ଅମର କୁମାର ମହାରଣାଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି । ପରିବେଶ ଦିବସରେ ପ୍ରତ୍ୟେକ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଗୋଟିଏ ଗୋଟିଏ ଗଛ ଲଗାଇବା ସହିତ ତାହାର ଯତ୍ନ ନେବାକୁ ଅନୁରୋଧ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଶିକ୍ଷାଅଧିକାରୀ ଶ୍ରୀ ମହାରଣାଙ୍କ ନେତୃତ୍ୱରେ ଏକ ଦଳ ବ୍ଲକରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପାଇଁ ମନୋନୀତ ହୋଇଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗଦାଧରପୁର, ମହାଶ୍ୟମଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋଡିଝରିଆ, କ୍ଷେତ୍ରମୋହନ ଚୌଧୁରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଜେମାଦେଇପୁର, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆପଟଣା ଏବଂ ପିଏମ୍ ଶ୍ରୀ ବିଦ୍ୟାଳୟ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ନୂଆପଟଣାରେ ‘ମା ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଆଧାରରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସରପଞ୍ଚ, ସମିତିସଭ୍ୟ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସହିତ ଗଛ ଲଗାଇଥିଲେ । କାର୍ଯ୍ୟକ୍ରମରେ ବ୍ଲକ ସହ ଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ଦେଉରୀ, ସିଆରସିସି ଚନ୍ଦ୍ରମଣି ସ୍ୱାଇଁ, ବିଶ୍ୱରଞ୍ଜନ ଜେନା, ଉମାଶଙ୍କର ରାଉତ, ଅଶୋକ ଦାସ, ମହେଶ୍ୱର ସେଠୀ ଏବଂ ପୂର୍ବତନ ସିଆରସିସି ଚନ୍ଦ୍ରକାନ୍ତ ମିଶ୍ର, ପ୍ରମୋଦ ଗୋଚ୍ଛି ଏବଂ ଏହି ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗଦେଇଥିଲେ ।

## ■ ଚୌଦ୍ୱାର ମହାବିଦ୍ୟାଳୟ



ଚୌଦ୍ୱାର : ଚୌଦ୍ୱାର ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । କଟକ ଗ୍ରୁପ୍ ହେଡକ୍ୱାର୍ଟର ଅନ୍ତର୍ଗତ ଫାଷ୍ଟ ଓଡିଶା ଅର୍ଟି ବ୍ୟାଟେରୀ ଏନସିସି କଟକ ଆନୁକୂଲ୍ୟରେ ଗତ ୩ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବାର୍ଷିକ ପ୍ରଶିକ୍ଷଣ ଶିବିର ତରଫରୁ ଅଫିସର କମାଣ୍ଡିଂ କର୍ଣ୍ଣେଲ ଡି.ମୈତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଉପଲକ୍ଷେ କ୍ୟାଡେଟ୍‌ଙ୍କ ଦ୍ୱାରା ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା । ପରେ ଚୌଦ୍ୱାର କଲେଜ ପରିସରରେ ବିଭିନ୍ନ ଔଷଧୀୟ ବୃକ୍ଷ ଓ ଫଳ ଗଛ ଚାରାରୋପଣ କରିଥିଲେ । କଲେଜ ଅଧ୍ୟକ୍ଷା ରଶ୍ମୀ ରାଉତରାୟ, କ୍ୟାପଟେନ ଅକ୍ଷୟ ଦାଶ, ଲେଫନାଣ୍ଟ ସୁଶାନ୍ତ ସାହୁ, ରତିକାନ୍ତ ସ୍ୱାଇଁ, ଫାଷ୍ଟ ଅଫିସର ମହେନ୍ଦ୍ର ଘଡାଇ, ଜିତେନ ରାଉତ, ସେକେଣ୍ଡ ଅଫିସର ହରିଶ୍ ନାୟକ, ଥାର୍ଡ ଅଫିସର ସୂର୍ଯ୍ୟନାରାୟଣ ସାହୁ, ସୁବେଦାର ଅନନ୍ତ ଶୁକ୍ଳା, ନାଏବ ସୁବେଦାର ସନ୍ଦୀପ ପାଟିଲ, ଜି.ସି.ଆଇ ପ୍ରଶଂଶା ତ୍ରୀପାଠି, ଏଚ୍‌ଏସ୍ ରାଓ, ସୁଶାନ୍ତ ବିଷୋଇ, ସେନ୍ଥୀଲ କୁମାର, କମଲା ବଚନ, ପ୍ରଭାକରନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରସନ୍ନଜୀତ୍ ଶୁକ୍ଳା, ଅନାଦି ଚରଣ ବେହେରା, ଜୟଦେବ ପାଢୀ ପ୍ରମୁଖ ସହଯୋଗ କରିଥିଲେ ।

## ■ ଇମ୍ଫା

ଚୌଦ୍ୱାର : ଚୌଦ୍ୱାର ସ୍ଥିତ ଇମ୍ଫା ଶିଳ୍ପ ଗୋଷ୍ଠୀ ପକ୍ଷରୁ ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସକୁ ମାସ ତମାମ ପାଳନ କରାଯାଇଥିବା ବେଳେ ଏହି ଅବସରରେ ଏକାଧିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶିଳ୍ପ କର୍ମଚାରୀ ଏବଂ ଅଭିଭାଷଣ ରଖିଥିଲେ । ଏହି ଅବସରରେ ବ୍ୟାପକ ଚାରାରୋପଣ କରାଯାଇଥିଲା । ପରିବେଶ ବିଭାଗର ମୁଖ୍ୟ ଶୁକଦେବ ସାହୁ କାର୍ଯ୍ୟକ୍ରମ ପରିଚାଳନା କରି ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ପରିବେଶ ସୁରକ୍ଷା ଉପରେ ଶପଥପାଠ



ଶ୍ରମିକଙ୍କ ମଧ୍ୟରେ ପରିବେଶ ସଚେତନତା ବୃଦ୍ଧି ପାଇଁ ବିଭିନ୍ନ ପ୍ରତିଯୋଗିତା ଏବଂ ପ୍ରଶିକ୍ଷଣ ଚକ୍ର ଆୟୋଜିତ ହୋଇଥିଲା । ପାୱାରପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପ୍ଲାଷ୍ଟିକ୍ ଉପରେ ଏକ ଗଭୀର କରାଇଥିଲେ । ଏହି ଉତ୍ସବରେ ବାୟୁ ପ୍ରଦୁଷଣ ବିଷୟରେ ଏକ ଆଲୋଚନାଚକ୍ର, ଶ୍ରମିକଙ୍କ ପାଇଁ ‘ମୋ କାର୍ଯ୍ୟକ୍ଷେତ୍ର ଏବଂ ମୁଁ ‘ବକ୍ତବ୍ୟ ପ୍ରତିଯୋଗିତା, ପାନୀୟ ଜଳ ପ୍ରଶିକ୍ଷଣ, ପ୍ରଶ୍ନ ଓ ଉତ୍ତର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା ।

ଟାଙ୍ଗୀ : ବିଶ୍ୱର ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି । ଏହି କ୍ରମରେ ଟାଙ୍ଗୀ ଚୌଦ୍ୱାର ବ୍ଲକର ବିଭିନ୍ନ ସ୍ଥାନରେ ସଲିଡାରିଡାଡ, ଶରତ କର ଓ ଅନିମା କର ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ସଫା, ଉଚ୍ଚପଦା, କହ୍ନେଇପୁର, ମଙ୍ଗରାଜପୁର, କରଞ୍ଜି, ଶଙ୍କରପୁର, ମହିଷାଲଣ୍ଡା, ବ୍ରହ୍ମପୁର, ଶାଳଗାଁ ଓ ଗରୁଡ଼ଗାଁ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ବିଭିନ୍ନ ସ୍ଥାନରେ ଅତିଥିଭାବେ ପ୍ରାକ୍ତନ ବିଧାୟକ ଧର୍ମାନନ୍ଦ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର, ସଫା ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ସଫା ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସକ ଡ. ଶ୍ରୀକୁମାର ଦାସ, ପଞ୍ଚାୟତ ସମିତିସଭ୍ୟ ଅଜିତ ନାୟକ, ସୁକାନ୍ତ ରାଉତ ଓ ସମାଜସେବୀ କ୍ଷେତ୍ରବାସୀ ବରାଳ ପ୍ରମୁଖ ଯୋଗଦାନ କରି ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିବା ସହ ଚାରାରୋପଣ କରିଥିଲେ । ପଞ୍ଚାୟତ ସଂଯୋଜକ ସନ୍ତୋଷ ବେହେରା, ରିନାରାଣୀ ପାତ୍ର, ଚିନ୍ମୟ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।




## ■ ପିପି କଲେଜ




ନିଶ୍ଚିନ୍ତକୋଇଲି : ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି । ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଶିଶିର କୁମାର ସାହୁଙ୍କ ନେତୃତ୍ୱରେ ମାଆଙ୍କ ପାଇଁ ଗଛଟିଏ ଯୋଜନାରେ କଲେଜ ପରସରରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଅଲେଖଚନ୍ଦ୍ର ସାମଲ, ଶିଶିର ସାହୁ, ରମେଶ ବାହାଦୂର ସୂନାର, ଦିଲ୍ଲୀପ ବାରିକ ଏବଂ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ କଲେଜ ପରିସରକୁ ସଫେଇ କରି ପରିଷ୍କାର, ପରିଚ୍ଛନ୍ନ କରିଛନ୍ତି । ଶେଷରେ ପରିବେଶକୁ କିଭଳି ସୁସ୍ଥ ରଖାଯିବ ଓ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ବଗିଚାରେ ଗୋଟିଏ ଲେଖାଏଁ ଚାରାରୋପଣ କରି ତାହାକୁ ବଞ୍ଚାଇ ରଖିବେ ସେ ନେଇ ସମୂହ ଶପଥ ଗ୍ରହଣ କରିଛନ୍ତି ।



ଆଠଗଡ଼ : ବିଶ୍ୱ ପରିବେଶ ଦିବସ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଠଗଡ଼ ଅଦାଲତ ତଥା ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ବୀରକିଶୋରପୁର ସ୍ଥିତ ଇଶ୍ୱରୀୟ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ ପରିସରରେ ଚାରାରୋପଣ କରାଯାଇଛି । ଆଇନସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ରାଜ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଆଇନଜୀବୀ ଅରୁଣ ମହାନ୍ତି, ସୁଶାନ୍ତ ମିଶ୍ର, ସୁବାସ ଚନ୍ଦ୍ର ସାହୁ ଓ ଆଶ୍ରମର ସମସ୍ତ ବ୍ରହ୍ମକୁମାରୀ ଭଉଣୀ ଓ ଭାଇମାନେ ବିଭିନ୍ନ ଉପାଦେୟ ବୃକ୍ଷ ଚାରାରୋପଣ କରିଥିଲେ । ସେହିପରି ଅବକାରୀ ବିଭାଗ ପକ୍ଷରୁ ଉପ ଅଧୀକ୍ଷକ ସିଏଚ ତିରୁପତିଙ୍କ ସମେତ ସମସ୍ତ କର୍ମଚାରୀମାନେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ମୁତାବକ ଚାରାରୋପଣ କରିଛନ୍ତି । ସେହିପରି ଆଠଗଡ ଛାତ୍ର କଂଗେସ ପକ୍ଷରୁ ଛାତ୍ରନେତା ମନୋରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅବକାରୀ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଚାରାରୋପଣ କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ଆଠଗଡ଼ ଏନଏସି ନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ତହସିଲଦାର କୁଞ୍ଜବିହାରୀ ବଡଜେନା, ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭଞ୍ଜଙ୍କ ସମେତ ବ୍ଲକ, ତହସିଲ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସାମିଲ ହୋଇଥିଲେ ।

## ■ କାଇଜେନ୍ ଓ ପ୍ରେରଣା



ନରସିଂହପୁର : ନରସିଂହପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ କାଇଜେନ୍ +୨ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ପ୍ରେରଣା ଫାଉଣ୍ଡେସନର ମିଳିତ ସହଯୋଗରେ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କଲେଜ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରେରଣା ସଂଗଠନ ତରଫରୁ ଟ୍ରଫି ସାର୍ଟିଫିକେଟ ଓ କିଛି ଅର୍ଥରାଶି ପ୍ରଦାନ କରାଯାଇଥିଲା । କାଇଜେନ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଚିତ୍ତରଞ୍ଜନ ଭୂୟାଁ ଏଥିରେ ସଭାପତିତ୍ୱ କରିଥିଲେ । ପ୍ରେରଣା ଫାଉଣ୍ଡେସନର ସଭାପତି ପ୍ରତ୍ୟୁଷ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷା ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ ଉପଦେଶ ଦେଇଥିଲେ । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରତିଷ୍ଠାତା ତଥା ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ ସୂଚନା ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ପ୍ରେରଣା ଫାଉଣ୍ଡେସନର ସହ ସମ୍ପାଦକ ବିଷ୍ଣୁ ପ୍ରସାଦ ଦାସ ଏବଂ ବିଭୂତି ଭୂଷଣ ସେଠୀ, ସିଦ୍ଧାନ୍ତ ଦାଶ, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବଟି ଆଦାୟ କରି ଅଡୁଆରେ କନେଷ୍ଟବଳ

ଭଦ୍ରେଶ୍ୱର, ୬।୬(ସମିସ): ପୁଲିସ ଲୋକଙ୍କ ରକ୍ଷକ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏପରିସ୍ଥଳେ ରକ୍ଷକ ଭକ୍ଷକ ସାଜିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। କଟକ ଜିଲ୍ଲା ଭଦ୍ରେଶ୍ୱର ଥାନାରେ କାର୍ଯ୍ୟରତ ଜଣେ କନେଷ୍ଟବଳ ମାଟି ମାଫିଆଙ୍କଠାରୁ ମୋଟାଅଙ୍କର ବଟି ଆଦାୟ କରି ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବା ଘଟଣାଟି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ମୁତାବକ ଗତ ମାସରେ ୫ଟି ବେଆଇନ ମାଟି ବୋଝେଇ ଟ୍ରାକ୍ଟରକୁ ଧରି ନିଜର ପାରିବାପଣିଆ ଦେଖାଇଥିଲା ଭଦ୍ରେଶ୍ୱର ଥାନା ପୁଲିସ। ଏବେ ପୁଲିସର ଡର ଦେଖାଇ ବେଆଇନ ମାଟି ଚାଲାଣ ଟ୍ରାକ୍ଟର ଠାରୁ ଥାନାର ଜନୈକ କନେଷ୍ଟବଳ ମୋଟା ଅଙ୍କର ବଟି ଆଦାୟ କରୁଥିବା ଅଭିଯୋଗ ଉଠିଛି। ଶୁକ୍ରବାର ଭଦ୍ରେଶ୍ୱର ପଞ୍ଚାୟତ ପୁରୁଷୋତ୍ତମପୁରଠାରେ ବେଆଇନ ଭାବେ ମାଟି ଚାଲାଣ ହେଉଥିଲା। ଖବର ପାଇ ଉକ୍ତ କନେଷ୍ଟବଳ ଜଣକ ଘଟଣାସ୍ଥଳରେ ପହଞ୍ଚି ନିଜର ଚିରାଚରିତ ଢଙ୍ଗରେ ଧମକ ଚମକ ଦେବା ସହ ଟ୍ରାକ୍ଟର ଡ୍ରାଇଭରଙ୍କ ଠାରୁ ୧୦ ହଜାର ଟଙ୍କା ଧରି ସେଠାରୁ ଚମ୍ପଟ ମାରିଥିଲେ। ତେବେ ଘଟଣାଟି ପ୍ରଘଟ ହେବା ପରେ ଥାନା ଅଞ୍ଚଳରେ ଏହା ଆଲୋଚନାର ବିଷୟ ପାଲଟିଛି। ଯାହାକୁ ନେଇ ବଟି ଆଦାୟକାରୀ ସମ୍ପୃକ୍ତ ପୁଲିସ କର୍ମଚାରୀ ଏବେ ଅଡୁଆରେ।

# ଚୌଦ୍ୱାର-କଟକ ବିଜେପିରେ ବଢୁଛି ଫାଟ

## ନେତାଙ୍କ ସ୍ୱାର୍ଥପର ନୀତି ଯୋଗୁଁ ଦଳରେ ତେଜୁଛି ଅସନ୍ତୋଷ

ଚୌଦ୍ୱାର, ୬।୬(ସମିସ)

ରାଜ୍ୟରେ ବିଜେପି ସରକାରକୁ ୧ବର୍ଷ ପୂରଣ ହୋଇଛି। ନିର୍ବାଚନ ସମୟରେ ଭୋଟରମାନଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ବିଜେପି ଓଡ଼ିଶାରେ କ୍ଷମତାକୁ ଆସିଥିଲା। କିନ୍ତୁ ଏହି ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି। ଏପରିସ୍ଥଳେ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ଅଧିକ ଜନ ଅସନ୍ତୋଷ ଦେଖିବାକୁ ମିଳିଛି। ଏହି ନିର୍ବାଚନ ମଣ୍ଡଳୀରେ ଦଳ ଭିତରେ ସୃଷ୍ଟି ହୋଇଥିବା ଫାଟ ଏବେ ଜଳଜଳ ହୋଇ ଦେଖାଯାଉଛି। ବିଶେଷ କରି ଦୀର୍ଘ ୨୫ ବର୍ଷ ଧରି ବିଜେଡି ସରକାରରେ ଯେଉଁ ଜନହିତକର କାମ ହୋଇଥିଲା; ଏବେ ତୁଳନାତ୍ମକ ଭାବେ ଦେଖିବାକୁ ମିଳୁନାହିଁ। ସେହିଭଳି ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ଥିବା ଯୋଗୁଁ ବିଜେପି ସରକାର ଏଥିପ୍ରତି ଦରଦ ଦେଖାଉ ନ ଥିବା ଏବେ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଦଳୀୟ ନେତାଙ୍କୁ ନେଇ ବିଜେପି କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଗତ ନିର୍ବାଚନରେ ବିଜେପି ରାଜ୍ୟରେ ଯେଉଁଭଳି ପରିସ୍ଥିତିରେ ବିଜୟ ହାସଲ କରିଥିଲା ଚୌଦ୍ୱାର କଟକରେ ତାହାର କୌଣସି ଝଲକ ଦେଖିବାକୁ ମିଳି ନ ଥିଲା। ଏପରିକି ବିଧାୟକ ପ୍ରାର୍ଥୀଙ୍କ ଅପାରଗତା, ମନମୁଖୀ କାର୍ଯ୍ୟ ଏବଂ ଲୋକପ୍ରିୟତାର ଅଭାବ ଯୋଗୁଁ ତାଙ୍କୁ ଦଳୀୟ ଛାମୁଆ କର୍ମୀମାନେ ମଧ୍ୟ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଦଳର ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ବିରୋଧରୁ କର୍ମୀମାନେ ଓହରିଥିଲେ ସତ; ମାତ୍ର ନିର୍ବାଚନ ପରବର୍ତ୍ତୀ ସମୟରେ ବିଧାୟକ ପ୍ରାର୍ଥୀଙ୍କ ଭଳି ନେତା କର୍ମୀଙ୍କ ସହ ନ ରହିବା, ସଂଗଠନ ମଜଭୁତ କରିବା ପରିବର୍ତ୍ତେ ବ୍ୟକ୍ତିଗତ ବ୍ୟାପାରରେ ବ୍ୟସ୍ତ ରହିବା ଯୋଗୁଁ ଏବେ କର୍ମୀମାନେ ତାଙ୍କ ଠାରୁ ମୁହଁ ଫେରାଇ ନେଉଥିବା ଦେଖିବାକୁ ମିଳିଛି।

ସେହିଭଳି ନିର୍ବାଚନ ପରେ ପରେ ୨୦୨୪ ମସିହା ଜୁଲାଇ ୨୭ ତାରିଖରେ ବିଧାୟକ ପ୍ରାର୍ଥୀଙ୍କ ଆବାହକତ୍ୱରେ କଟକ ସାଂସଦ ଚୌଦ୍ୱାର ଗାନ୍ଧିଛକ ଟାଉନ ହଲ ଠାରେ ଯେଉଁ ଜନଶୁଣାଣି କରିଥିଲେ ସେଥିରେ ପ୍ରାୟ ୮୦୦ ଜନସାଧାରଣ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ପତ୍ର ଦେଇଥିଲେ। ମାତ୍ର ସରକାର ଗଠନକୁ ବର୍ଷେ ପୂରଣ ହୋଇଥିଲେ ମଧ୍ୟ ଗୋଟିଏ ବି ସମସ୍ୟାର ସମାଧାନ ହୋଇପାରି ନାହିଁ। ଏନେଇ ବିଭିନ୍ନ ୱାର୍ଡ଼ରୁ ଅଭିଯୋଗ ଆଣିଥିବା ଲୋକେ ତାଙ୍କ ପ୍ରତିନିଧିଙ୍କୁ ପ୍ରଶ୍ନ କରିବା ପରେ ସେମାନେ ମଧ୍ୟ ମୁହଁ ଲୁଚାଇଲେଣି। ତେଣୁ ଆଗକୁ ଏହି ନିର୍ବାଚନମଣ୍ଡଳୀରେ ବିଜେପି ସତ୍ତା ହରାଇବ ବୋଲି ନିର୍ବାଚନ ସମୀକ୍ଷକମାନେ ଚର୍ଚ୍ଚା କଲେଣି। ଅନ୍ୟପକ୍ଷରେ ଏନେଇ ଦଳର କିଛି ନେତାଙ୍କୁ ଦଳର ବିପର୍ଯ୍ୟୟ ନେଇ ପଚାରିବାରେ ପରୋକ୍ଷରେ ମଧ୍ୟ ସ୍ୱୀକାର କରିଛନ୍ତି। ସେହିଭଳି ଚୌଦ୍ୱାର ପୌରାଞ୍ଚଳ ୧୯ ନଂ ୱାର୍ଡର ବିଜେପି ପ୍ରାର୍ଥୀ ତନ୍ମୟ କୁମାର ସାହୁ କହିଛନ୍ତି ଯେ ରାଜ୍ୟରେ ସରକାର ଗଠନର ୧ ବର୍ଷ ପୂରଣ ନେଇ ରାଜ୍ୟବ୍ୟାପୀ ଆନନ୍ଦ ଉଲ୍ଲାସ ଚାଲିଥିବାବେଳେ ଏଠାରେ ଦଳୀୟ ସଂଗଠନରେ ମତବିଭେଦ, ଗୋଷ୍ଠୀକନ୍ଦଳ ଯୋଗୁଁ କାର୍ଯ୍ୟକର୍ତ୍ତାମାନେ ଏବେ ଅବହେଳିତ ଓ ନିରାଶ ହୋଇ ପଡ଼ିଛନ୍ତି। ଏପରିସ୍ଥିତିରେ ଅଞ୍ଚଳର ବିକାଶ ଦୂରର କଥା କର୍ମୀ ଦ୍ୱନ୍ଦ୍ୱରେ ଅଛନ୍ତି ଯେ, ସେମାନଙ୍କ ନେତା କିଏ? ଅନ୍ୟତମ କାର୍ଯ୍ୟକର୍ତ୍ତା ପ୍ରତାପ କୁମାର ଜେନା କହିଛନ୍ତି ଯେ ଗତ ନିର୍ବାଚନରେ ବିଜେପିର ଜନସମର୍ଥନ ଥିବାବେଳେ ଚୌଦ୍ୱାର କଟକରେ ଏହାର ପ୍ରଭାବ ପଡ଼ି ନ ଥିଲା। ତେଣୁ ଅପାରଗ, ସ୍ୱାର୍ଥବାଦୀ ନେତାଙ୍କ ଯୋଗୁଁ ଏଠାରେ ବିଜେପି ଲୋକପ୍ରିୟତା ହରାଉଛି।

## ଜବରଦଖଲ ନ ହଟିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ

● ତୁରନ୍ତ ହଟାଇବା ପାଇଁ ଦାବି



ନରସିଂହପୁର, ୬।୬(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ଅଲରା ପଞ୍ଚାୟତର ଲେମ୍ବୋ ଓ ଜେନାସାହି ରାସ୍ତା ଦେଇ ଯାଉଥିବା, ନନ୍ଦକିଶୋରପୁର, ମହୁରାଖିଆ ଗ୍ରାମକୁ ଯାଉଥିବା ସ୍ଥାୟୀ ମୁଖ୍ୟ ରାସ୍ତାରେ କିଛି ଖଳପ୍ରବୃତ୍ତି ଲୋକ ରାସ୍ତା ଉପରେ ଜବରଦଖଲ କରି ରହିଛନ୍ତି। ଫଳରେ ଦୀର୍ଘ ୩ ମାସରୁ ଊର୍ଦ୍ଧ୍ୱ ଦିନ ଧରି ରାସ୍ତା ନିର୍ମାଣ ହୋଇପାରୁନି। ଏହି ରାସ୍ତା ଜବରଦଖଲ ଉଚ୍ଛେଦ ଦାବିରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ରାସ୍ତାର ମାପଚୁପ ପରେ ଜବରଦଖଲକାରୀଙ୍କୁ ରାସ୍ତାରୁ ହଟିବା ପାଇଁ ନିର୍ଦ୍ଦେଶ ରହିଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ଏହି ଜବରଦଖଲରୁ ହଟି ନ ଥିବାରୁ ଗ୍ରାମବାସୀ ସେମାନଙ୍କୁ ସେହି ରାସ୍ତାରୁ ହଟାଇବାକୁ ନେଇ ଏକ ଦାବିପାତ୍ର ସ୍ଥାନୀୟ ତହସିଲଦାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ତହସିଲଦାରଙ୍କ ଅନୁପସ୍ଥିତ ଯୋଗୁଁ ଅତିରିକ୍ତ ତହସିଲଦାର କୌସ୍ତବ ଷଡ଼ଙ୍ଗୀଙ୍କୁ ପ୍ରଦାନ କରିଛନ୍ତି। ତୁରନ୍ତ ଏହାର ସମାଧାନ କରା ନ ଗଲେ ରାସ୍ତା ଅବରୋଧ ପାଇଁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ସଚେତନତା ରଥର ଶୁଭାରମ୍ଭ



ଆଠଗଡ଼, ୬।୬(ସମିସ): ଆଠଗଡ଼ ଅବକାରୀ ବିଭାଗ ଏବଂ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପାରିଣାମ ବିଷୟରେ ସଚେତନତା ନିମନ୍ତେ ଏକ ସଚେତନତା ରଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଶୁଭାରମ୍ଭ କରାଯିବା ସହ ଉପଜିଲ୍ଲାପାଳ ଆଠଗଡ଼ଙ୍କ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ନିଶା ନିବାରଣ, ବିଭିନ୍ନ ମାଦକ ଦ୍ରବ୍ୟ ବ୍ୟବହାରକୁ ପରିଣାମ ଏବଂ ଏହାଠାରୁ ଜନ ସାଧାରଣ କିପରି ଭାବରେ ଦୁରେଇ ରହିବା ଆଜିର କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ଅଧୀକ୍ଷକ ଜିଲ୍ଲା ଅବକାରୀ ବିଭାଗ କରୁଣାକର ତିୱାରୀ ସଚେତନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଆଠଗଡ଼ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ତିଗିରିଆ ତହସିଲଦାର ଅକ୍ଷୟ ପରିଡ଼ା, ବଡମ୍ବା ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ, ନରସିଂହପୁର ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ନିଜର ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ବିଭାଗର ସମସ୍ତ କର୍ମଚାରୀ ଓ ଅଧିକାରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବାଙ୍କୀରେ ଗଡ଼ିଲା 'ଆମ ସଙ୍କଳ୍ପ' ସଚେତନତା ରଥ



କଟକ, ୬।୬(ସମିସ): ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧୀ ଜନସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବାଙ୍କୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଡେପୁଟି କଲେକ୍ଟର ସୌମ୍ୟରଞ୍ଜନ ମହାପାତ୍ର, ଅବକାରୀ ବିଭାଗ ଡିଏସପି ସିଏଚ ତିରୁପତି, ଏସଆଇ ସୌମ୍ୟରଞ୍ଜନ ମାଝୀ, ସହକାରୀ ଜିଲ୍ଲାପାଳ ପ୍ରିୟଙ୍କା ଜୁଝାର ସିଂହ ପ୍ରମୁଖ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ବିଭିନ୍ନ ମାଦକ ତଥା ଅପମିଶ୍ରିତ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଜନସାଧାରଣଙ୍କୁ ଅବଗତ କରିବା ସହିତ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରାମଦ କାରବାର ରୋକିବା ଲାଗି ବାଙ୍କୀ ଉପଖଣ୍ଡରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରଥ ପରିକ୍ରମା କରିବ। ଆମ ସଙ୍କଳ୍ପ ନିଶା ନୁହେଁ ଜୀବନ' ଅଭିଯାନକୁ ପ୍ରତ୍ୟେକ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି ରଥ ବିଭିନ୍ନ ସ୍ଥାନ ପରିକ୍ରମା କରି ସଚେତନତା ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାଳୀଚରଣ ତ୍ରିପାଠୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଉପବିଭାଗ ଅଧିକାରିଣୀ ଜୟନ୍ତୀ ରାଉତ, ନାଜର ପଠାଣୀ ବାରିକ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବଡମ୍ବାରେ ରଥଯାତ୍ରା ପ୍ରସ୍ତୁତି ବୈଠକ

ବଡମ୍ବା, ୬।୬(ସମିସ): ବଡମ୍ବା ବ୍ଲକ ସମ୍ମିଳନୀ ଗୃହରେ ଅତିରିକ୍ତ ତହସିଲଦାର ସୁବାଷ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଚଳିତ ବର୍ଷର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ବଡମ୍ବା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାର୍ଯ୍ୟସୂଚୀ ଅନୁସାରେ ଚଳିତ ବର୍ଷ ଦେବସ୍ନାନ ପୂର୍ଣ୍ଣିମା ଠାରୁ ବିଧିବଦ୍ଧ ଭାବେ ଜଗନ୍ନାଥଙ୍କ ସମସ୍ତ କାର୍ଯ୍ୟକ୍ରମ ହେବା ପାଇଁ ସେବାୟତମାନେ ଆଲୋଚନା କରିଥିଲେ। ପୁନର୍ବାର ଚଳିତ ବର୍ଷ ନୂତନ କାଠରେ ରଥ ନିର୍ମାଣ ପାଇଁ ଦେବୋତ୍ତର ପର୍ଯ୍ୟବେକ୍ଷକ ବିପିନ ବିହାରୀ ପୂର୍ବରା ସୂଚନା ପ୍ରଦାନ କରିଥିଲେ। ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଭିନ୍ନ ବିଭାଗ ଯଥା ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ, ଗ୍ରାମ୍ୟ ଓ ଜଳଯୋଗାଣ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗର ନିଜ ନିଜର କାମ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଚଳିତ ବର୍ଷ ପାଇଁ ଏକ ରଥଯାତ୍ରା କମିଟି କରିବା ପାଇଁ ବଡମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଏକ ପ୍ରସ୍ତାବ ଆଗତ କରିଥିଲେ ଯାହା ସର୍ବସମ୍ମତିରେ ଗୃହୀତ ହୋଇଥିଲା। ଚଳିତବର୍ଷ ରଥଯାତ୍ରା ପାଇଁ ଏକ ୧୭ ଜଣିଆ କମିଟି ଗଠନ କରାଯାଇଥିଲା। ଯେଉଁଥିରେ ବଡମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ, ତହସିଲଦାର ବଡମ୍ବା, ପଟ୍ଟାୟତ ତ୍ରିଭୁବନ ଚନ୍ଦ୍ର ଦେବ, କଟକ ସାଂସଦଙ୍କ ବଡମ୍ବା ପ୍ରତିନିଧି ଦୀପକ କୁମାର ସାହୁ, ବଡମ୍ବା ଆମ୍ରା ଅଧ୍ୟକ୍ଷ ମହେନ୍ଦ୍ର ପଡ଼ିଆରୀ, ମୁରଲୀଧର ମହାପାତ୍ର, ସୂର୍ଯ୍ୟ କିଶୋର ମହାନ୍ତି, ସନ୍ତୋଷ ପଟ୍ଟନାୟକ, ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ରାଜକିଶୋର ରଣା, ବୃନ୍ଦାବନ ପରିଡ଼ା, ରବୀନ୍ଦ୍ର କିଶୋର ରଣା, ଶିବ ନାରାୟଣ ମିଶ୍ର, ଅଧିବକ୍ତା ଗିରିଜା ପ୍ରସାଦ ମିଶ୍ର, ସେବାୟତ ସରୋଜ ରଥଶର୍ମା, ଜିତେନ୍ଦ୍ର ସାହୁ ଓ ସୁଆଁଶିଆ ଶିବ ପ୍ରସାଦ ବେହେରା ପ୍ରଭୃତିଙ୍କୁ ଚୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରୋଜ ପଟ୍ଟନାୟକ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଶେଷରେ ଆମ୍ରା ଅଧ୍ୟକ୍ଷ ମହେନ୍ଦ୍ର ପଡ଼ିଆରୀ ଧନ୍ୟବାଦ ଦେଇଥିଲେ।




## ପୂର୍ତ୍ତ ବିଭାଗକୁ ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଲେ ବିଧାୟକ

ନିଶ୍ଚିନ୍ତକୋଇଲି, ୬।୬(ସମିସ): ସାଲେପୁର ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାମକୃଷ୍ଣପୁରର ଅର୍ଜୁନମାହାରା ଠାରୁ ତଳନହଙ୍ଗ ପର୍ଯ୍ୟନ୍ତ ରାସ୍ତାକୁ ବହୁ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ଉକ୍ତ ରାସ୍ତାର ଶେଷ ଭାଗ ତଳନହଙ୍ଗ ଝାଙ୍କିଅଙ୍କାଠାରୁ ଓସ୍ତପୁର ଗିରିଧାରୀ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ୧ କିମି ବ୍ୟାପି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାଟି ଏବେ ଯାତାୟତ ଉପଯୋଗୀ ହୋଇପାରୁ ନ ଥିବା ସଂକ୍ରାନ୍ତରେ ଲୋକମାନେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନିକଟରେ ଅଭିଯୋଗ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ବିଧାୟକ ଶ୍ରୀ ପ୍ରଧାନ ଉକ୍ତ ରାସ୍ତାକୁ ପରିଦର୍ଶନ କରିବା ସହିତ ରାସ୍ତାର ଏଭଳି ଅବସ୍ଥାକୁ ଉପଲବ୍ଧି କରିଥିଲେ। ତୁରନ୍ତ ଉକ୍ତ ରାସ୍ତାକୁ ନୂତନ ଭାବେ ନିର୍ମାଣ କରିବା ପାଇଁ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ରାସ୍ତା ପରିଦର୍ଶନ ସମୟରେ ପୂର୍ତ୍ତ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଂଜିନିୟର ଜ୍ୟୋତିରଞ୍ଜନ ପତି ଓ ସହକାରୀ ଯନ୍ତ୍ରୀ ଦେବାଶିଷ ବେହେରା ଉପସ୍ଥିତ ରହିଥିବାରୁ ସେମାନେ ମଧ୍ୟ ସିଧାସଳଖ ଭାବେ ଗ୍ରାମବାସୀମାନଙ୍କ ଅଭିଯୋଗ ଶୁଣିଥିଲେ। ବିଧାୟକଙ୍କ ସହିତ ପୂର୍ବତନ ବ୍ଲକ ଅଧ୍ୟକ୍ଷା କମଳା ବସ୍ତିଆ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ସ୍ୱାଇଁ, ରଞ୍ଜନ ରାଉତ, ଅନ୍ତକିଶୋର ମଲ୍ଲ, ସମରେନ୍ଦ୍ର ରାଉତଙ୍କ ସମେତ ବହୁ ନେତୃବୃନ୍ଦ ଯୋଗଦେଇଥିଲେ।



## ମା' ନିମ ଦେଇଙ୍କ ବାର୍ଷିକ ଉତ୍ସବ



କଟକ, ୬।୬(ସମିସ): କଟକ ଗଙ୍ଗାମନ୍ଦିର ମା' ନିମ ଦେଇଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ଆୟୋଜିତ କଳସ ଶୋଭାଯାତ୍ରାରେ ସାହିର ବହୁ ମହିଳାମାନେ ସାମିଲ ହୋଇ ନଦୀରୁ ପବିତ୍ର ଜଳ ସଂଗ୍ରହ କରି ମା'ଙ୍କ ମନ୍ଦିରକୁ ଆସିଥିଲେ। ପରେ ମା'ଙ୍କ ପୂଜା ପାଠ ସାଙ୍ଗକୁ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥି ସହିତ ସହରର ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସାମୁହିକ ସଂକୀର୍ତ୍ତନର ଆୟୋଜନ କରାଯାଇଥିଲା। ଦିନତମାମ ତଥା ସଂଧ୍ୟାରେ ଶହ ଶହ ଭକ୍ତଙ୍କ ମା'ଙ୍କ ପୂଜାରେ ସାମିଲ ହେବା ସହ ଆଶିଷ ଲାଭ କରିଥିଲେ।

## ପଣ୍ଡିତ ଶ୍ରୀଧର ସ୍ୱାମୀ ଓଡ଼ିଆ ଜାତିର ଗୌରବ ଓ ଅସ୍ମିତାର ପ୍ରତୀକ

କଟକ, ୬।୬(ସମିସ): ୪୨ମୌଜାର ବେଣ୍ଟକାର ବଜାର ସ୍ଥିତ ଭଜଗୋବିନ୍ଦ ପୀଠରେ ମାଳିକା ପ୍ରସିଦ୍ଧ ହଁସନାଥ ମହାପ୍ରଭୁଙ୍କ କୃପାରୁ ବିଶ୍ୱଗୁରୁ ଶ୍ରୀଧର ସ୍ୱାମୀଙ୍କର ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାଣ ପ୍ରସିଦ୍ଧ ହଁସନାଥ ପୀଠରୁ ଆଜ୍ଞାମାଳା ସଂକୀର୍ତ୍ତନ ସହ ଆସି ମଞ୍ଚରେ ପ୍ରତିଷ୍ଠା ହେବା ପରେ ଭୁବନେଶ୍ୱର ଇସ୍କନ ମନ୍ଦିରରୁ ଆସିଥିବା ସଂକୀର୍ତ୍ତନମଣ୍ଡଳୀ ଦ୍ୱାରା ହରିନାମର ପ୍ରକମ୍ପିତ କୀର୍ତ୍ତନରେ ମହୋତ୍ସବର ଶୁଭାରମ୍ଭ ହୋଇଥିଲା। ଓଡ଼ିଶାର ବିଶିଷ୍ଟ ସାମ୍ବାଦିକ, ସଂସ୍କୃତ ପଣ୍ଡିତ, ଗବେଷକ, ବିଦ୍ୱାନ, ସନ୍ୟାସୀ ବାଗ୍ମୀ ପ୍ରବକ୍ତା ପ୍ରଦ୍ୟୁମ୍ନ ଶତପଥୀ, ଡ. ହରେକୃଷ୍ଣ ଶତପଥୀ, ଅସିତ ମହାନ୍ତି, ଇସ୍କନର ସନ୍ୟାସୀ କୃଷ୍ଣଗତି ଦାସ, ମନୋରଞ୍ଜନ ପତି, ହରେକୃଷ୍ଣ ପଣ୍ଡା, ପ୍ରଦୀପ୍ତ ମହାନ୍ତି, ଗିରିଶ ପ୍ରସାଦ ଦାସ ଏବଂ ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଚତୁର୍ଦ୍ଦଶ ଶତାବ୍ଦୀର ଓଡ଼ିଆ ଯୋଗୀ, ମହାପୁରୁଷ ଏବଂ ପୁରୀ ଗୋବର୍ଦ୍ଧନ ପୀଠର ଦଶମ ଶଙ୍କରାଚାର୍ଯ୍ୟ ଶ୍ରୀଧର ସ୍ୱାମୀଙ୍କର ସ୍ମୃତିଚାରଣ କରିବା ସହ ତାଙ୍କ ଜନ୍ମବୃତ୍ତାନ୍ତ, କୃତି, କାର୍ଯ୍ୟାବଳୀ ଏବଂ ମାନବ ସମାଜକୁ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରି ତାଙ୍କୁ ଜଣେ ଶ୍ରେଷ୍ଠ ଓଡ଼ିଆ ଭାବେ ପ୍ରତିପାଦିତ କରିଥିଲେ।

୧୩୨୫ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱର ଜିଲ୍ଲାର ରେମୁଣାସ୍ଥିତ ମୟୂର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଏହି ପଥିତଯଶା ମହାପୁରୁଷ ବାରଣାସୀରେ ସଂସ୍କୃତ ଏବଂ ଶାସ୍ତ୍ର ଅଧ୍ୟୟନ କରି ପାଣ୍ଡିତ୍ୱ ଲାଭ କରି କାଶୀ ମହାରାଜଙ୍କ ସଭାରେ ମହାପଣ୍ଡିତ ଭାବେ ଅବସ୍ଥାପିତ ହୋଇ ବ୍ୟାସଦେବ କୃତ ଭାଗବତକୁ ସରଳ ଟୀକାକାରଣ କରି ଭାବାର୍ଥ ଦୀପିକା ଗ୍ରନ୍ଥ ରଚନା କରିଥିଲେ। ପରେ ସେ ପୁରୀ ଶଙ୍କର ମଠର ମହନ୍ତ ପଦ ଅଳଙ୍କୃତ କରିବା ସହ ପୁରୀ ଗୋବର୍ଦ୍ଧନ ପୀଠର ଦଶମ ଶଙ୍କରାଚାର୍ଯ୍ୟ ପଦରେ ଆସିନ ହୋଇ ସମଗ୍ର ଓଡ଼ିଆ ଜାତିକୁ ଗୌରବାନ୍ୱିତ କରିଥିଲେ। ଏତଦ ବ୍ୟତୀତ ପୁରୀ ଏବଂ ଭୁବନେଶ୍ୱରରେ ଥିବା ଶଙ୍କର ମଠର ପୁନରୁଦ୍ଧାର କରାଯାଇ ତାଙ୍କର ପୂର୍ଣ୍ଣାବୟବ ପ୍ରତିଷ୍ଠା କରାଯିବାକୁ ମଧ୍ୟ ଦାବି ଉପସ୍ଥାପିତ କରାଯାଇଥିଲା। ଅଧିକନ୍ତୁ ରାଜ୍ୟ ସରକାର ଶ୍ରୀଧର ସ୍ୱାମୀଙ୍କ ନାମରେ ରାଜ୍ୟ ରାଜଧାନୀରେ ଏକ ରାସ୍ତାର ନାମକରଣ କରିବା ସହ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନା କରିବାକୁ ନିଷ୍ପତି ନେଇଛନ୍ତି ବୋଲି ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି ପ୍ରକାଶ କରିବାରୁ ଉପସ୍ଥିତ ସମସ୍ତେ ତାଳିମାରି ସ୍ୱାଗତ କରି ଏହି ନିଷ୍ପତ୍ତିକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ସନ୍ଧ୍ୟାରେ ଆଧାତ୍ମିକ ସେବକ ମନୋରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଅମୃତ ମହୋତ୍ସବକୁ ଦିବ୍ୟ ଅତିଥିଗଣ ଭବାନୀ ପଣ୍ଡିତଙ୍କ ବେଦ ଧ୍ୱନୀର ଝଙ୍କାରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦର ସମ୍ପାଦକ ମୟୂର ଗ୍ରାମର ହରେକୃଷ୍ଣ ପଣ୍ଡା ପରିଷଦର କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଦିବ୍ୟ ଅତିଥିମାନେ ସ୍ୱାମୀଜୀଙ୍କର ବହୁମୁଖୀ ପ୍ରତିଭା, ସାଧନା, ଲେଖନୀ, ପାଣ୍ଡିତ୍ୱ, ସମାଜ ସଂସ୍କାର କାର୍ଯ୍ୟକ୍ରମ ଏବଂ ଓଡ଼ିଆ ଅସ୍ମିତା ପ୍ରଭୃତି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ତାଙ୍କୁ ଜଣେ ଶ୍ରେଷ୍ଠ ଓଡ଼ିଆ ଏବଂ ଅସ୍ମିତାର ପ୍ରତିକ ବୋଲି ବର୍ଣ୍ଣନା କରିଥିଲେ। ସ୍ୱାମୀଜୀଙ୍କ ଭକ୍ତ ଗିରିଶ ପ୍ରସାଦ ଦାସ ତାଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ଆବାହକ ପ୍ରଦୀପ୍ତ ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



### ସାଲେପୁର ସହରରୁ ବର୍ଷାପାଣି ନିଷ୍କାସନ ପ୍ରସଙ୍ଗ

## ପ୍ରଶାସନିକ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କଲେ ବିଧାୟକ

ସାଲେପୁର, ୬।୬(ସମିସ)

ସାଲେପୁରରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ସାଲେପୁର ସହର ବର୍ଷାପାଣିରେ ଉବୁଟୁବୁ ହୋଇପଡ଼ିଥାଏ। ଏପରିକି ଦୋକାନ ଘରେ ମଧ୍ୟ ଆଣ୍ଠୁଏ ଲେଖାଁ ପାଣି ପଶିଯାଏ। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସାଲେପୁରରେ ବର୍ଷାଦିନେ ବର୍ଷାପାଣି ନିଷ୍କାସିତ ହୋଇପାରେ ନାହିଁ। ଏହି ସମସ୍ୟା ସାଲେପୁର ସହରବାସୀଙ୍କ ମୁଖ୍ୟ ସମସ୍ୟା ହୋଇଥିବାବେଳେ ଏହା ଉପରେ ସ୍ଥାୟୀ ପ୍ରତିକାର ଗ୍ରହଣ କରାଯାଇନାହିଁ। ଅପର ପକ୍ଷରେ ବର୍ଷାଦିନ ଆସିଲେ ବର୍ଷାଦିନ ପୂର୍ବରୁ ବର୍ଷାପାଣି ନିଷ୍କାସନ କଥା ସାଲେପୁର ବିଧାୟକଙ୍କର ମନେପଡେ। ପ୍ରତିବର୍ଷ ବର୍ଷାଦିନ ପୂର୍ବରୁ ସାଲେପୁର ବଜାର ସମେତ ଖେଳପଡ଼ିଆ ଓ ମଧୁସୂଦନ ମଣ୍ଡପ ସମ୍ମୁଖରୁ କିପରି ବର୍ଷା ପାଣି ନିଷ୍କାସନ ହେବ, ସେଥିପାଇଁ ଜୋରସୋରରେ ପ୍ରସ୍ତୁତି କରାଯାଏ। ପ୍ରଶାସନିକ ଅଧିକାରୀଙ୍କ ଠାରୁ ସ୍ଥାନୀୟ ଜନସାଧାରଣଙ୍କୁ ଡାକି ଆକ୍ସନ୍ ପ୍ଲାନ୍ ମଧ୍ୟ ତିଆରି କରାଯାଏ। କିନ୍ତୁ ଏହି ପ୍ଲାନ୍ ପ୍ଲାନ୍‌ରେ ହିଁ ରହିଯାଏ। ପୁଣି ଆସନ୍ତା ବର୍ଷକୁ ଅପେକ୍ଷା କରାଯାଏ। ଏହି ଘଟଣା ପ୍ରତିବର୍ଷ ଚାଲୁରହିଥିବାବେଳେ ବର୍ଷାପାଣି ନିଷ୍କାସନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପ୍ରତିବର୍ଷ ଭଳି ଆଜି ମଧ୍ୟ ବିଧାୟକ ପ୍ରଶାନ୍ତ ବେହେରା ସାଲେପୁର ଅଞ୍ଚଳର କିଛି ଲୋକ, ତହସିଲଦାର, ପୂର୍ତ୍ତ ବିଭାଗ ଏସଡିଓ, ସ୍ଥାନୀୟ ସରପଞ୍ଚଙ୍କ ସହ ସାଲେପୁର ସହରରୁ କିପରି ବର୍ଷାପାଣି ନିଷ୍କାସିତ ହେବ ସେଥି ପାଇଁ ଆଜି ପରିଦର୍ଶନ କରିଛନ୍ତି। ସାଲେପୁର ଖେଳପଡ଼ିଆ ପାର୍ଶ୍ୱ ତଥା ସାହେଶ୍ୱରୀ ମନ୍ଦିର ସମ୍ମୁଖରେ ଥିବା ଡ୍ରେନ୍‌କୁ ସଫା କରାଯାଇ ଡ୍ରେନେଜ୍ ନିର୍ମାଣ କରାଯିବା ସହ ହାଟ ପାଖରେ ଥିବା ଡ୍ରେନ୍ ସହ ସଂଯୋଗୀକରଣ କରାଯିବା ପାଇଁ ସ୍ଥିର କରାଯାଇଛି। ଫଳରେ ଏହି ଡ୍ରେନ୍ ନିର୍ମାଣ ହେଲେ ସାଲେପୁର ସହର ସମେତ ଖେଳପଡ଼ିଆରୁ ବର୍ଷା ପାଣି ନିଷ୍କାସିତ ହୋଇପାରିବ। ତେଣୁ ଏ ନେଇ ବିଧାୟକ ଶ୍ରୀ ବେହେରା ଜାଗା ଚିହ୍ନଟ କରିବା ସହ ତୁରନ୍ତ ଡ୍ରେନେଜ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିବା ଜଣାଯାଇଛି। ଦେଖାଯାଉ ଏହି ଡ୍ରେନ୍ ବର୍ଷାଦିନ ପୂର୍ବରୁ ନିର୍ମାଣ ହେଉଛି କି ବର୍ଷାଦିନ ପରେ ନିର୍ମାଣ କରାଯାଉଛି, ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି।



## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ

ପ୍ଲାଷ୍ଟିକ୍ ପ୍ରଦୂଷଣକୁ ନା

କଟକ/ତ୍ରିଶୂଳିଆ, ୬।୬(ସମିସ): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଅନ୍ତର୍ଗତ ରୋଭର୍ସ ଆଣ୍ଡ ରେଞ୍ଜର୍ସ ୟୁନିଟ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଚଳିତ ବର୍ଷ 'ବିଟ୍ ଦି ପ୍ଲାଷ୍ଟିକ୍' ଥିମ୍ ଉପରେ ଆୟୋଜିତ ଏହି ଦିବସ ଅନ୍‌ଲାଇନ୍ ମୋଡରେ ଅନୁଷ୍ଠିତ ହୋଇଥିଲା। ପରିବେଶ ସୁରକ୍ଷା ସମ୍ପର୍କରେ ହୋଇଥିବା ଆଲୋଚନାରେ ପ୍ରାୟ ୧୩୦ ଜଣ ଛାତ୍ରଛାତ୍ରୀ, ପ୍ରାଧ୍ୟାପକ, କର୍ମଚାରୀ ଓ ବାହାର ଅତିଥି ଅଂଶଗ୍ରହଣ କରିଥିଲେ। ଓଡ଼ିଶାର କ୍ଲାଇମେଟ୍ ମେନ୍ ଭାବରେ ପରିଚିତ ସାତ୍ତ୍ୱିକ ସୋଲ୍ ଫାଉଣ୍ଡେସନର ପ୍ରତିଷ୍ଠାତା ସତ୍ୟବ୍ରତ ସାମଲ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଭାରତ ସ୍କାଉଟ୍ ଓ ଗାଇଡ୍ସ ଓଡ଼ିଶା ଶାଖାର ଯୁଗ୍ମ ସମ୍ପାଦକ ତଥା ରାଜ୍ୟ ସଂଗଠନ କମିଶନର (ଗାଇଡ୍) ଅନାମିକା ଦାସ ସମ୍ମାନିତ ଅତିଥି ଓ ତେଲଙ୍ଗାନା କାବେରୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପିକା ଡଃ. ଜି. ମାଧୁରୀ ଏବଂ ନୂଆଦିଲ୍ଲୀସ୍ଥିତ ମୋବିଅସ୍ ଫାଉଣ୍ଡେସନର କାର୍ଯ୍ୟକ୍ରମ ସହଯୋଗୀ ଡ. ଭାଗ୍ୟଶ୍ରୀ କେସରୱାନୀ ସମ୍ମାନିତ ବକ୍ତା ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପେଣ୍ଟିଂ ଓ ଡ୍ରଇଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। "ଲୋକାଲ୍ ଟୁ ଗ୍ଲୋବାଲ୍ ଏନଭିରନମେଣ୍ଟାଲ ଚ୍ୟାଲେଞ୍ଜେସ୍" ଶୀର୍ଷକରେ ପରିବେଶ ସୁରକ୍ଷା ସମ୍ପର୍କିତ ବକ୍ତୃତାମାଳା ଆୟୋଜିତ ହୋଇଥିଲା। ଏଥିସହ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସମେତ ସ୍ଥାନୀୟ ଜନସାଧାରଣଙ୍କୁ ବିଭିନ୍ନ ଫଳଚାରାରୋପଣ କରିବାକୁ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ସହ ପୁନଃ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ଏକାଧିକ ଥର ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଛାତ୍ର କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଜୟପ୍ରକାଶ ଭଞ୍ଜ ପ୍ରମୁଖ କୃଷି ବିଭାଗ ସହକାରୀ ପ୍ରାଧ୍ୟାପକ ଡ. ସନ୍ଦୀପ ରାଉତଙ୍କ ତତ୍ତ୍ୱବଧାନରେ ଆୟୋଜକ ଟିମର ସଦସ୍ୟମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।



## ଯୁଦ୍ଧରେ ହାରିଲେ ଶିଶୁପାଳ
# ରୁକ୍ମିଣୀଙ୍କୁ ବିବାହ କଲେ ମହାପ୍ରଭୁ



ପୁରୀ, ୬।୬ (ସମିସ): ବିଦର୍ଭ ରାଜା ଭୀଷ୍ମକଙ୍କ କନ୍ୟା ରୁକ୍ମିଣୀ ମା' ବିମଳାଙ୍କ ଦର୍ଶନ ସାରି ଫେରୁଥିବା ବେଳେ ମହାପ୍ରଭୁ ତାଙ୍କୁ ହରଣ କରିନେଉଥିଲେ। ଏହି ସମୟରେ ବାଟ ଓଗାଳିଥିଲେ ଶିଶୁପାଳ। ଦୁହିଁଙ୍କ ମଧ୍ୟରେ ଯୁଦ୍ଧ ହେଲା। ଶେଷରେ ଶିଶୁପାଳଙ୍କୁ ପରାସ୍ତ କରି ରଥରେ ବାନ୍ଧି ରୁକ୍ମିଣୀଙ୍କୁ ବିବାହ କଲେ ମହାପ୍ରଭୁ। ଶୁକ୍ରବାର ପବିତ୍ର ଜ୍ୟେଷ୍ଠ ଶୁକ୍ଳ ଏକାଦଶୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରୁକ୍ମିଣୀ ହରଣ ଓ ବିବାହ ନୀତି ସମ୍ପନ୍ନ ହୋଇଛି। ଏହି ଦିବସକୁ ରୁକ୍ମିଣୀ ହରଣ ଏକାଦଶୀ ମଧ୍ୟ କୁହାଯାଏ। ମହାପ୍ରଭୁଙ୍କ ବାହାଘର ପାଇଁ ଶ୍ରୀମନ୍ଦିରକୁ ଫୁଲରେ ସଜା ଯାଇଥିବା ବେଳେ ସିଂହଦ୍ୱାରରେ ବାଜୁଥିଲା ଶୁଭ ଶଙ୍ଖ, ମହୁରି ଓ ତେଲିଙ୍ଗି ବାଜା।

ସକାଳ ଧୂପ ପୂଜା ବସିଥବା ସମୟରେ ଦକ୍ଷିଣୀ ଘରେ ମଦନମୋହନ (ଶ୍ରୀକୃଷ୍ଣ)ଙ୍କ ବେଶ ହୋଇଥିଲା। ପରେ ମଦନମୋହନ ରତ୍ନସିଂହାସନକୁ ବିଜେ ହୋଇଥିଲେ।

ଭୋଗମଣ୍ଡପ ସରିବା ପରେ ମଦନମୋହନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଜୟବିଜୟ ଦ୍ୱାରକୁ ବିଜେ କରିଥିଲେ। ସକାଳ ଧୂପ ପୂଜା ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଶ୍ରୀଦେବୀ (ରୁକ୍ମିଣୀ)ଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ରୁକ୍ମିଣୀଙ୍କୁ ସାତପାହାଚଠାରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ମହାଲକ୍ଷ୍ମୀ ମନ୍ଦିରକୁ ନେଇଥିଲେ। ସେଠାରେ ରୁକ୍ମିଣୀଙ୍କ ପଞ୍ଚାମୃତ ମହାସ୍ନାନ, ମାଜଣା, ବନକଲାଗି ଏବଂ ଅଳଙ୍କାର ଲାଗି ହୋଇ ବେଶ ହୋଇଥିଲା। ମଦନମୋହନ ସାତପାହାଚଠାରେ ଥିବା ରଥରେ ବିଜେ କରି ବିମଳା ମନ୍ଦିର ନିକଟକୁ ଯାଇ ରୁକ୍ମିଣୀଙ୍କୁ ଅପେକ୍ଷା କରିଥିଲେ। ମହାଲକ୍ଷ୍ମୀ ମନ୍ଦିରରୁ ରୁକ୍ମିଣୀ ପାଲିଙ୍କିରେ ବିଜେ ହୋଇ ଦର୍ଶନ ପାଇଁ ବିମଳା ମନ୍ଦିରକୁ ଆସିଥିଲେ। ଦର୍ଶନ ସାରି ବାହାରକୁ ଆସିବା ସମୟରେ ମହାପ୍ରଭୁ ମନ୍ଦିର ଦ୍ୱାର ନିକଟରୁ ହରଣ କରି ରଥରେ ବସାଇ ନେଇଥିଲେ। ସରସ୍ୱତୀଙ୍କ ଦେଉଳ ସମ୍ମୁଖରେ ଶିଶୁପାଳ ପ୍ରତିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ମହାପ୍ରଭୁ ଶିଶୁପାଳଙ୍କୁ ପରାସ୍ତ କରି ରଥରେ ବାନ୍ଧି ଦେଇଥିଲେ। ପରେ ମଦନମୋହନ ଓ ରୁକ୍ମିଣୀ ବିବାହ ମଣ୍ଡପକୁ ବିଜେ କରିଥିଲେ। ସନ୍ଧ୍ୟାଧୂପ ପୂଜା ବସିବା ସମୟରେ ବିବାହ ନୀତି ସମ୍ପନ୍ନ ହୋଇଥିଲା।

■ ଫୁଲରେ ଝଲସୁଛି ଶ୍ରୀମନ୍ଦିର
■ ସିଂହଦ୍ୱାରରେ ବାଜିଲା ମହୁରି, ତେଲିଙ୍ଗି ବାଜା

## ରାଜ୍ୟ ସରକାରଙ୍କ ନବମ ନିଯୁକ୍ତି ମେଳା
# ୭ଟି ବିଭାଗରେ ୧୨୯୪ ଜଣଙ୍କୁ ନିଯୁକ୍ତି



ଭୁବନେଶ୍ୱର,୬।୬(ସମିସ): ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମଠାରେ ଶୁକ୍ରବାର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭାଗର ନବନିଯୁକ୍ତ ୧,୨୯୪ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଗାମୀ ଦିନରେ ଆମ ରାଜ୍ୟରେ କେବଳ ଶିଳ୍ପ କ୍ଷେତ୍ରରେ ଅତି କମରେ ୧୩ ଲକ୍ଷ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି। ଏଥିପାଇଁ ଆମ ଯୁବପିଢ଼ିଙ୍କୁ ଇଣ୍ଡଷ୍ଟ୍ରି ରେଡି ହେବାପାଇଁ ପଡିବ। ଉତ୍କର୍ଷ ଓଡ଼ିଶା ଆୟୋଜନର ମାତ୍ର ୪ ମାସ ମଧ୍ୟରେ ଏବେ ଶିଳ୍ପକ୍ଷେତ୍ରରେ ୯୦ ହଜାର ନିଯୁକ୍ତି ପାଇଁ ବାଟ ଖୋଲିଛି। ଆଜିଠାରୁ ଆପଣମାନେ ସରକାରଙ୍କ ଅଙ୍ଗଭାବେ ଓଡ଼ିଶାର ଜନସାଧାରଣଙ୍କ ସେବା କରିବାର ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଭଲ କାମ କରିବାକୁ ପରାମର୍ଶ ଦେଇଥିବା ବେଳେ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ସମସ୍ତେ ମିଶି ସରକାରଙ୍କ ଟିମ୍ ଭାବେ ଲୋକଙ୍କ ସେବା କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳୀନି ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍. ଧନ୍ୟବାଦ ଅର୍ପଣ କରିଥିଲେ।

■ ଓଏଚ୍‌ପିସି ଏବଂ ୱାପ୍‌କୋସ୍ ଲିମିଟେଡ୍ ମଧ୍ୟରେ ଚୁକ୍ତି
# ଅପର ଇନ୍ଦ୍ରାବତୀ ପମ୍ପ୍‌ଡ ଷ୍ଟୋରେଜ୍‌ରୁ ଉତ୍ପାଦିତ ହେବ ୬୦୦ ମେଗାୱାଟ ବିଜୁଳି

ଭୁବନେଶ୍ୱର,୬।୬(ସମିସ): ଆସନ୍ତା ୨୦୩୦ ସୁଦ୍ଧା ରାଜ୍ୟରେ ମୋଟ ୧୦.୯୫ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରରିପେକ୍ଷୀରେ ଶୁକ୍ରବାର ମୁଖ୍ୟଗୃହରେ ୬୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଅପର ଇନ୍ଦ୍ରାବତୀ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପ ପରିଚାଳନା ପରାମର୍ଶ ସେବା ପାଇଁ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ(ଓଏଚପିସି) ଏବଂ ୱାପ୍‌କୋସ୍ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଅପର ଇନ୍ଦ୍ରାବତୀ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ୱାପ୍‌କୋସ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି। ବିଭାଗୀୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉନ୍ନୟନ କମିଶନର ଅନୁ ଗର୍ଗ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଓଏଚ୍‌ପିସି ଏହାର ୬୦୦ ମେଗାୱାଟ୍ ପାରମ୍ପରିକ ଜଳ ବିଦ୍ୟୁତ୍ ଗୃହ ସହ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିକଟରେ ଏକ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ କରୁଛି। ଏହି ସହଭାଗିତା ଦକ୍ଷତା ବୃଦ୍ଧି କରିବା ସହିତ ଓଡ଼ିଶାର ଶକ୍ତି କ୍ଷେତ୍ରକୁ ଆଗକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ ଭି ସିଂହଦେଓ କହିଛନ୍ତି।

# ଗୋଠଛଡ଼ା ଦନ୍ତା ଆକ୍ରମଣରେ ଜଣେ ମୃତ

ବୈଶିଙ୍ଗା,୬।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ ସଇତପୁର ପଞ୍ଚାୟତର ଡେଉଁଚପଦା ଗାଁ ମୁଣ୍ଡରେ ଏକ ଗୋଠଛଡ଼ା ଦନ୍ତା ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ମୋରଡ଼ା ଥାନା କୁଆଳିଭଙ୍ଗା ପଞ୍ଚାୟତ ଅଧୀନ ଅଙ୍ଗାରିଆ ଗ୍ରାମର ଲୁସ୍କୁ ମାର୍ଣ୍ଡିଙ୍କ ପୁଅ ବାବୁଲା ମାର୍ଣ୍ଡି। ସବୁଦିନ ଭଳି ବାବୁଲା ଗୁରୁବାର ରାତି ପ୍ରାୟ ସାଢ଼େ ୮ଟାରେ ସାଇକଲରେ ଘରକୁ ଫେରୁଥିବା ବେଳେ ଡେଉଁଚପଦାଠାରେ ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଦନ୍ତାଟି ତାଙ୍କୁ ଟେକି କଚାଡ଼ି ଦେବା ସହ ମୁଣ୍ଡକୁ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବେତନଟୀ ବନବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବାବୁଲାଙ୍କ ଶବକୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା।

■ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୮କୁ ବୃଦ୍ଧି
# କରୋନା ସଂକ୍ରମିତଙ୍କୁ ରଥଯାତ୍ରା ମନା

ଭୁବନେଶ୍ୱର,୬।୬(ସମିସ): ରାଜ୍ୟରେ କୋଭିଡ ସଂକ୍ରମଣ ବଢ଼ିବା ଆରମ୍ଭ କରିଛି। ଆଗକୁ ରାଜ୍ୟର ସବୁଠାରୁ ବଡ଼ ପର୍ବ ରଥଯାତ୍ରା ଆସୁଛି। ପୁରୀରେ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହେବ। ଅସମ୍ଭାଳ ଭିଡ଼ରେ ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି। ଏହାକୁ ନେଇ ଚିନ୍ତାରେ ପଡ଼ିଯାଇଛି ସ୍ୱାସ୍ଥ୍ୟ ବିଭାଗ। ଲୋକଙ୍କୁ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟ ସଚିବ ଅମରେନ୍ଦ୍ର ମହାନ୍ତି ପରାମର୍ଶ ଦେଇଛନ୍ତି। କୋଭିଡରେ ଆକ୍ରାନ୍ତଥିଲେ ରଥଯାତ୍ରାକୁ ନ ଆସିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାସହ ଯେଉଁମାନେ ଆକ୍ରାନ୍ତ ନାହାନ୍ତି, ସେମାନଙ୍କୁ ହାତଧୁଆ ବ୍ୟବହାର ଏବଂ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି। ସମସ୍ତ ଯନ୍ତ୍ରପାତି, ଆଇସିୟୁ ଠିକ ରଖିବା ସହ ଆମ୍ବୁଲାନ୍ସ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଆଉ ୭ ନୂଆ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ଏଯାବତ୍ ମୋଟ ୭୫୫ଟି କୋଭିଡ ନମୁନା ପରୀକ୍ଷଣ ହୋଇଛି। ଏଥିମଧ୍ୟରୁ ୩୮ଟି ପଜିଟିଭ ଆସିଛି। ପଜିଟିଭଙ୍କ ମଧ୍ୟରୁ ୯ ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ସାରିଥିବା ବେଳେ ବଳକା ଆକ୍ରାନ୍ତ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଛନ୍ତି ବୋଲି ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଯାବତ୍ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୬, କଟକ ଜିଲ୍ଲାରୁ ୯ ଜଣ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହି ପ୍ରଜାତି ୨୦୨୩ ଅଗଷ୍ଟରେ ଚିହ୍ନଟ ହୋଇଥିଲା। ଏହା ଓମିକ୍ରନ୍‌ର ଏକ ଉପପ୍ରଜାତି। ଏଥିରେ ମଧ୍ୟମ ଧରଣର ଜ୍ୱର, କାଶ ଓ ଥଣ୍ଡା ହୋଇଥାଏ। ତେବେ ବୟସ୍କ ଓ ଏକାଧିକ ଜଟିଳ ରୋଗ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଘାତକ ହୋଇପାରେ। ତେଣୁ ଏହି ବର୍ଗର ଲୋକମାନେ କୋଭିଡ୍ ନିର୍ଦ୍ଦେଶାବଳୀକୁ ପାଳନ କରିବାର ଆବଶ୍ୟକତା ରହିଛି।

## ଆଉଟ୍‌ସୋର୍ସିଂ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉଚ୍ଛେଦ ଦାବି
# ଖାଲି ପଡ଼ିଥିବା ପଦବୀ ନେଇ ଶ୍ୱେତପତ୍ର ଦାବିକଲା କଂଗ୍ରେସ

ଭୁବନେଶ୍ୱର,୬।୬(ସମିସ): ରାଜ୍ୟରେ ମୋହନ ସରକାର ୧ବର୍ଷ ପୂରଣ କରିବାକୁ ଯାଉଛନ୍ତି। ଏହି ବର୍ଷପୂର୍ତ୍ତିକୁ ମହାଆଡ଼ମ୍ବରରେ ପାଳନ କରିବାକୁ ରାଜ୍ୟ ସରକାର ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ଯୋଜନା କରିଛନ୍ତି। ମାତ୍ର ରାଜ୍ୟର ବେକାରୀ ସମସ୍ୟା ଦୂରୀକରଣ ପାଇଁ ଯେଉଁ ପ୍ରତିଶ୍ରୁତି ଦେଇ ବିଜେପି ଗତ ସାଧାରଣ ନିର୍ବାଚନରେ କ୍ଷମତାକୁ ଆସିଥିଲା, ତାହା ପୂରଣ କରିବାକୁ ଭୁଲିଯାଇଛି ବୋଲି ପୂର୍ବତନ ଯୁବ କଂଗ୍ରେସ ସଭାପତି ତଥା ରାଷ୍ଟ୍ରୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଡଃ ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି। ଶୁକ୍ରବାର ଡଃ ଲେଙ୍କା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଆଜି ମଧ୍ୟ ରାଜ୍ୟର ବିଭିନ୍ନ ବିଭାଗରେ ବହୁ ପଦବି ଖାଲି ପଡ଼ିଛି। ହଜାର ହଜାର ଶିକ୍ଷିତ ଯୁବକଯୁବତୀ ଚାକିରି ପାଇଁ ଲଢ଼େଇ ଜାରି ରଖିଛନ୍ତି। ହେଲେ ଶୌଚାଳୟରୁ ସଚିବାଳୟ ପର୍ଯ୍ୟନ୍ତ ସବୁ ଆଉଟ୍ ସୋର୍ସିଂରେ ଚାଲିଛି। ସମାନ କାମକୁ ସମାନ ଦରମା, ସ୍ଥାୟୀ ନିଯୁକ୍ତି ଦାବିରେ ଆଜି ମଧ୍ୟ ବହୁ କର୍ମଚାରୀ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ତେଣୁ ଏନେଇ ରାଜ୍ୟ ସରକାର ଆଉ କେବେ ପଦକ୍ଷେପ ନେବେ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ଅବସରରେ ଡଃ ଲେଙ୍କା ଦୁଇଟି ପ୍ରମୁଖ ଦାବି ଉପସ୍ଥାପନ କରି ଏହାର ସମାଧାନ ପାଇଁ ଦାବି କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ବିଭାଗରେ ବହୁ ପଦବୀ ଖାଲିପଡ଼ିଛି। ତେଣୁ କେଉଁ ବିଭାଗରେ କେତେ ପଦବି ଖାଲିପଡ଼ିଛି ସେ ନେଇ ସରକାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ। ଏଥିସହ କେବେ ସେହି ପଦବି ସବୁ ପୂରଣ କରାଯିବ ତାହା ସ୍ପଷ୍ଟ କରନ୍ତୁ। ଅନ୍ୟପକ୍ଷରେ ରାଜ୍ୟରେ ପାଖାପାଖି ୬୦ ହଜାରରୁ ଊର୍ଦ୍ଧ୍ୱ ଆଉଟ୍‌ସୋର୍ସିଂ କର୍ମଚାରୀ ରହିଛନ୍ତି। ଦିନମଜୁରିଆ ଭଳି ସ୍ୱଳ୍ପ ଦରମାରେ ସେମାନେ ପରିବାର ଭରଣପୋଷଣ କରୁଛନ୍ତି। ସେମାନଙ୍କ ଚାକିରିର କୌଣସି ସ୍ଥାୟିତ୍ୱ ନାହିଁ। ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ଦେଇ ସରକାର ରାଜ୍ୟର ଯୁବକଯୁବତୀଙ୍କୁ ୟୁଜ୍ ଆଣ୍ଡ ଥ୍ରୋ ଭଳି ବ୍ୟବହାର କରୁଛନ୍ତି। ଝିଣ୍ଟିକା ମାରି ବଣି ପୋଷିବା ନୀତିରେ ଆଉଟ୍‌ସୋର୍ସିଂ ଏଜେନ୍ସିମାନଙ୍କ ସ୍ୱାର୍ଥ ପାଇଁ ଏହି କର୍ମଚାରୀମାନଙ୍କୁ ଅବହେଳା କରିଚାଲିଛନ୍ତି। ସମାନ ବିଭାଗରେ ସମାନ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ସମାନ ଦରମା ମିଳିପାରୁନାହିଁ। ତେଣୁ ସରକାର ଏହି କର୍ମଚାରୀମାନଙ୍କ ଚାକିରିକୁ ନିୟମିତ କରିବା ସହ ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତି ବ୍ୟବସ୍ଥାକୁ ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା କରିବାକୁ ଡଃ ଲେଙ୍କା ଦାବି କରିଛନ୍ତି।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୯୯ ● ପାଉଣ୍ଡ ୧୧୬.୬୪
- ୟୁରୋ ୯୮.୬୮ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୩୧୦ (ନୂଆଦିଲ୍ଲୀ)
- ରୁପା : ୧,୦୪,୧୦୦ (କେଜି)

## ଷ୍ଟକ୍ ମାର୍କେଟ୍




ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୧୮୮.୦୦
- ନିଫ୍ଟି ୨୫,୦୦୩.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## କ୍ରମାଗତ ତୃତୀୟ ଥର ପାଇଁ କମିଲା ସୁଧହାର
# ରେପୋ ହାରରେ ୫୦ ବେସିସ୍ ପଏଣ୍ଟ ହ୍ରାସ



■ କମିବ ଇଏମ୍‌ଆଇ, ଶସ୍ତା ହେବ ଋଣ

ନୂଆଦିଲ୍ଲୀ୬।୬(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଋଣ ସୁଧ ହାର ଅର୍ଥାତ୍ ରେପୋ ହାର ହାରରେ ୫୦ ବେସିସ୍ ପଏଣ୍ଟ ବା ୦.୫୦% ହ୍ରାସ କରିଛି। ଫଳରେ ରେପୋ ହାର ୫.୫୦%କୁ ଖସିଆସିଛି। ଏହି କାରଣରୁ ବ୍ୟାଙ୍କଗୁଡ଼ିକ ଆର୍‌ବିଆଇଠାରୁ କମ୍ ସୁଧ ହାରରେ ଋଣ ପାଇବେ। ଯଦି ବ୍ୟାଙ୍କଗୁଡ଼ିକ ଏହି ସୁଧ ହ୍ରାସକୁ ସେମାନଙ୍କ ଗ୍ରାହକଙ୍କୁ ହସ୍ତାନ୍ତର କରନ୍ତି, ତେବେ ଆଗାମୀ ଦିନରେ ଋଣ ଶସ୍ତା ହୋଇପାରେ। ଋଣ ଶସ୍ତା ହେଲେ ଲୋକଙ୍କ ଉପରେ ଇଏମ୍‌ଆଇ ମଧ୍ୟ ହ୍ରାସ ପାଇବ। ଚଳିତମାସ ୪ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକରେ ସୁଧ ହାର ହ୍ରାସ କରିବାର ନିଷ୍ପତ୍ତି ନିଆଯାଇଛି। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଆଜି ଏହି ସୂଚନା ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଫେବୃଆରୀରେ ଅନୁଷ୍ଠିତ ବୈଠକରେ ଆର୍‌ବିଆଇ ସୁଧ ହାର ୬.୫% ରୁ ୬.୨୫% କୁ ହ୍ରାସ କରିଥିଲା। ସେତେବେଳେ ପ୍ରାୟ ୫ ବର୍ଷ ପରେ ଏହି ହ୍ରାସ କରାଯାଇଥିଲା। ଏପ୍ରିଲରେ ଅନୁଷ୍ଠିତ ବୈଠକରେ ଦ୍ୱିତୀୟ ଥର ପାଇଁ ସୁଧ ହାରରେ ୦.୨୫% ଏବଂ ଏବେ ତୃତୀୟ ଥର ପାଇଁ ସୁଧହାର ହ୍ରାସ କରାଯାଇଛି। ଅର୍ଥାତ୍, ମୁଦ୍ରା ନୀତି କମିଟି ଏହି ତିନି ଥରରେ ୧% ସୁଧ ହାର ହ୍ରାସ କରିଛି। ରେପୋ ହାର ହ୍ରାସ ପରେ ବ୍ୟାଙ୍କଗୁଡ଼ିକ ଗୃହ ଏବଂ ଅଟୋ ଭଳି ଋଣ ଉପରେ ମଧ୍ୟ ସୁଧ ହାର ହ୍ରାସ କରିବେ। ସୁଧ ହାର ହ୍ରାସ ହେଲେ ଗୃହ ଚାହିଦା ବୃଦ୍ଧି ପାଇବ। ଅଧିକ ଲୋକ ରିଅଲ ଇଷ୍ଟେଟରେ ନିବେଶ କରିପାରିବେ। ଏହା ରିଅଲ୍ ଇଷ୍ଟେଟ୍ କ୍ଷେତ୍ରକୁ ପ୍ରୋତ୍ସାହନ ଦେବ। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ନଗଦ ସଂରକ୍ଷଣ ଅନୁପାତ (ସିଆର୍‌ଆର୍)କୁ ୪% ରୁ ୩%କୁ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେ କହିଛନ୍ତି ଯେ ଆର୍‌ବିଆଇ ର ଏହି ପଦକ୍ଷେପ ଯୋଗୁଁ ୨.୫ ଲକ୍ଷ କୋଟି ଟଙ୍କା ଆର୍ଥିକ ବ୍ୟବସ୍ଥାକୁ ଆସିବ।

ଏଠାରେ ସୂଚନାଯୋଗ୍ୟ ଯେ, ସିଆର୍‌ଆର୍ ହେଉଛି ସେହି ଟଙ୍କା ଯାହାକୁ ବ୍ୟାଙ୍କଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ସେମାନଙ୍କର ମୋଟ ଜମାର ଏକ ଅଂଶ ରଖିବାକୁ ପଡିଥାଏ। ଏହା ସହିତ ଆର୍‌ବିଆଇ ନିୟନ୍ତ୍ରଣ କରେ ଯେ ବଜାରରେ କେତେ ଟଙ୍କା ରହିବ। ଯଦି ସିଆର୍‌ଆର୍ ହ୍ରାସ କରାଯାଏ, ତେବେ ବ୍ୟାଙ୍କଗୁଡ଼ିକ ନିକଟରେ ଋଣ ଦେବା ପାଇଁ ଅଧିକ ଟଙ୍କା ରହିବ। ଯେମିତି ଏଥର ୧% ରେପୋ ହ୍ରାସ ଯୋଗୁଁ ୨.୫ ଲକ୍ଷ କୋଟି ଟଙ୍କା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଆସିବ।

# ଖୁବ୍‌ଶୀଘ୍ର ଭାରତରେ ମିଳିପାରେ ଷ୍ଟାର୍‌ଲିଙ୍କ୍ ଇଣ୍ଟରନେଟ୍ ସେବା

● ମସ୍କଙ୍କ କମ୍ପାନୀକୁ ମିଳିଲା ଜିଏମ୍‌ପିସିଏସ୍ ଲାଇସେନ୍ସ

ନୂଆଦିଲ୍ଲୀ,୬।୬(ଏଜେନ୍ସି): ଖୁବ୍ ଶୀଘ୍ର ଭାରତରେ ସାଟେଲାଇଟ ଇଣ୍ଟରନେଟ ସେବା ଆରମ୍ଭ ହେବାକୁ ଯାଉଛି। ଏଲନ ମସ୍କଙ୍କ କମ୍ପାନୀ ଷ୍ଟାରଲିଙ୍କ୍‌କୁ ଟେଲିକମ ମନ୍ତ୍ରଣାଳୟ ପକ୍ଷରୁ ମିଳିଛି ଗ୍ଲୋବାଲ ମୋବାଇଲ ପର୍ସନାଲ କମ୍ୟୁନିକେସନ ବାୟ ସାଟେଲାଇଟ ବା ଜିଏମ୍‌ପିସିଏସ୍ ଲାଇସେନ୍ସ। ଏହା ପୂର୍ବରୁ ଗତ ମାସରେ ଷ୍ଟାରଲିଙ୍କକୁ ଲେଟର ଅଫ୍ ଇଣ୍ଟେଣ୍ଟ ମିଳିସାରିଛି। ଏମିତିରେ ଏବେ କେବଳ କମ୍ପାନିକୁ ଇନ୍‌ସ୍ପେସ୍‌ରୁ ଅନ୍ତିମ ଅନୁମୋଦନର ଆବଶ୍ୟକତା ରହିଛି। ମଞ୍ଜୁରୀ ମିଳିବା ପରେ ଭାରତରେ ସାଟେଲାଇଟ ଆଧାରିତ ଇଣ୍ଟରନେଟ ସର୍ଭିସ ଷ୍ଟାରଲିଙ୍କର ବ୍ୟବହାର କରିପାରିବେ। ସୂଚନାଥାଉକି, ପୂର୍ବରୁ ୱାନ୍‌ୱେବ୍ ଏବଂ ରିଲାଏନ୍ସକୁ ମଧ୍ୟ ଏହି ଲାଇସେନ୍ସ ମିଳିସାରିଛି। ଅର୍ଥାତ ଷ୍ଟାରଲିଙ୍କ ଏହି ଲାଇସେନ୍ସ ପାଇବାରେ ତୃତୀୟ କମ୍ପାନୀ। ଷ୍ଟାରଲିଙ୍କ୍‌ର ସେବା ବର୍ତ୍ତମାନ ୧୦୦ରୁ ଅଧିକ ଦେଶରେ ସକ୍ରିୟ ଅଛି। ଏହି କମ୍ପାନୀର ଉଦ୍ଦେଶ୍ୟ ଲେଟେନ୍ସୀ ବ୍ରଡବ୍ୟାଣ୍ଡ ଦ୍ୱାରା ଦ୍ରୁତ ଇଣ୍ଟରନେଟ ସେବା ପ୍ରଦାନ କରିବା। ରିପୋର୍ଟ ଅନୁଯାୟୀ, ଭାରତରେ ଷ୍ଟାରଲିଙ୍କ ପ୍ରାରମ୍ଭିକ ଭାବରେ ପ୍ରାୟ ୮୪୦ ଟଙ୍କାରେ ସାଟେଲାଇଟ ଇଣ୍ଟରନେଟ ସେବା ଆରମ୍ଭ କରିପାରେ। ଉଲ୍ଲେଖଯୋଗ୍ୟ, ଭାରତରେ ଏବେ ବି ଅନେକ ଦୁର୍ଗମ ଅଞ୍ଚଳ ରହିଛି ଯେଉଁଠାରେ ଭିତ୍ତିଭୂମିର ଅଭାବ ଯୋଗୁ ଇଣ୍ଟରନେଟ ପହଞ୍ଚିପାରିନାହିଁ। କିନ୍ତୁ ଷ୍ଟାରଲିଙ୍କ ଏବଂ ଅନ୍ୟ କମ୍ପାନୀଙ୍କ ଆସିବା ପରେ ଏଭଳି ଅଞ୍ଚଳରେ ମଧ୍ୟ ଲୋକଙ୍କୁ ଇଣ୍ଟରନେଟ୍ ସେବା ମିଳିପାରିବ।



# କାନାରା ବ୍ୟାଙ୍କ ପକ୍ଷରୁ କରେନ୍ସି ଏକ୍ସଚେଞ୍ଜ ମେଳା

ଭୁବନେଶ୍ୱର,୬।୬(ସମିସ): କାନାରା ବ୍ୟାଙ୍କ ପକ୍ଷରୁ କରେନ୍ସି ଏକ୍ସଚେଞ୍ଜ ମେଳା ଅନୁଷ୍ଠିତ ହୋଇଯାଇଛି। କାନାରା ବ୍ୟାଙ୍କ ଜିଏମ୍ ଜଗଦୀଶ ଚନ୍ଦରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ପୁରୁଣା/ମଇଳା କଏନ୍ ଏବଂ ସ୍ୱଳ୍ପ ମୂଲ୍ୟର ନୋଟ୍‌ଗୁଡିକୁ ସମସ୍ତ ପ୍ରମୁଖ ସେଣ୍ଟରଗୁଡିକରେ ଏକ୍ସଚେଞ୍ଜ କରାଯାଇଥିଲା। ଇଦ୍-ଉଲ୍-ଜୁହା ଏବଂ ରଜ ପର୍ବ ପୂର୍ବରୁ ଅନୁଷ୍ଠିତ ଏହି ମେଳାକୁ ଗ୍ରାହକଙ୍କ ଆଡୁ ବେଶ ଭଲ ପ୍ରତିକ୍ରିୟା ମିଳିଛି। ବହୁ ସଂଖ୍ୟାରେ ଲୋକ ଏହି ସେଣ୍ଟର ଗସ୍ତ କରିଥିଲେ।



# ଡିଏସ୍‌ପି ମ୍ୟୁଚୁଆଲ୍ ଫଣ୍ଡର ଦୁଇ ନୂଆ ଇଣ୍ଡେକ୍ସ ଫଣ୍ଡ

ମୁମ୍ବଇ,୬।୬(ଏଜେନ୍ସି): ଡିଏସପି ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଦୁଇଟି ନୂଆ ଇଣ୍ଡେକ୍ସ ଫଣ୍ଡ ଡିଏସପି ନିଫ୍ଟି ଆଇଟି ଇଣ୍ଡେକ୍ସ ଫଣ୍ଡ ଏବଂ ଡିଏସପି ହେଲ୍ଥକେୟାର ଫଣ୍ଡ ଘୋଷଣା କରିଛି। ଏହି ଫଣ୍ଡଗୁଡିକ ନିବେଶକଙ୍କୁ ଏକ ପ୍ରଶସ୍ତ ଇକ୍ୱିଟି ବଜାର ତୁଳନାରେ ଅଧିକ ମଜଭୁତ ଭାବରେ ପରିଚିତ କ୍ଷେତ୍ରଗୁଡିକରେ ଅଂଶଗ୍ରହଣ କରିବାକୁ ଏକ ରଣକୌଶଳାତ୍ମକ ପନ୍ଥା ଯୋଗାଇଦେବା ଲକ୍ଷ୍ୟ ରଖୁଛି। ସୂଚନା ପ୍ରଯୁକ୍ତି (ଆଇଟି) ଓ ସ୍ୱାସ୍ଥ୍ୟସେବା ଭଳି ପ୍ରତିରକ୍ଷାତ୍ମକ କ୍ଷେତ୍ରଗୁଡିକ ଐତିହାସିକ ଦୃଷ୍ଟିକୋଣରୁ ବ୍ୟାପକ ଇକ୍ୱିଟି ମାର୍କେଟ ତୁଳନାରେ କମ୍ ବିଟା ପ୍ରଦର୍ଶନ କରିଛି, ଏହା ଅର୍ଥ ସେଗୁଡିକ ବଜାରର ମାନ୍ଦା ଅବସ୍ଥା, ଅର୍ଥନୈତିକ ସଙ୍କଟ ଅଥବା ଭୂରାଜନୈତିକ ଘଟଣାଗୁଡିକ ଦ୍ୱାରା କମ୍ ପ୍ରଭାବିତ ହୋଇଥାନ୍ତି। ବୈଶ୍ୱିକ ଆର୍ଥିକ ସଙ୍କଟ ଏବଂ କୋଭିଡରେ ନିଫଟି ୫୦୦ ଇଣ୍ଡେକ୍ସରେ ଉଲ୍ଲେଖପ୍ରଦର୍ଶନ କରିଥିଲେ।

# ଟାଟା ପାୱାର୍‌ର ସ୍ମାର୍ଟ ସର୍କୁଲାରିଟି କାର୍ଯ୍ୟକ୍ରମ



ଭୁବନେଶ୍ୱର,୬।୬(ସମିସ): ଟାଟା ପାୱାରର ଅନୋଖା ଧାଗା ସ୍ମାର୍ଟ ସର୍କୁଲାରିଟି କାର୍ଯ୍ୟକ୍ରମ ୫୦୦୦ କେଜିର ଏକକ ବ୍ୟବହାର ପ୍ଲାଷ୍ଟିକ୍ ବର୍ଜ୍ୟକୁ ଉଚ୍ଚ ଗୁଣାତ୍ମକ ମାନର, ରିସାଇକଲ୍ ଫ୍ୟାବ୍ରିକ୍ ଉତ୍ପାଦରେ ପରିଣତ କରିଛି। ୬ଟି କେନ୍ଦ୍ରର ମହିଳାମାନଙ୍କ ନେତୃତ୍ୱାଧୀନ ଏହି ଅଭିଯାନ ପ୍ଲାଷ୍ଟିକ୍ ପ୍ରଦୂଷଣର ଜରୁରୀକାଳୀନ ଆହ୍ୱାନର ମୁକାବିଲା କରୁଥିବା ବେଳେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ଉଚିତ୍ ବ୍ୟବସାୟ ଆୟ ସହିତ ସ୍ଥାନୀୟ ସମାଜକୁ ସଶକ୍ତ କରୁଛି। ଏହି କାର୍ଯ୍ୟକ୍ରମ ଡେନିମ୍ ଦାନ ସହିତ ସମନ୍ୱିତ ରହିଛି ଯାହା ପ୍ରାକ୍-ପସନ୍ଦର ପୋଷାକକୁ ଏକ ନୂଆ ଦୃଷ୍ଟିକୋଣ ପ୍ରଦାନ କରୁଥିବା ବେଳେ ୟୁଜଡ୍ ପୋଷାକର ଜୀବନକାଳକୁ ବଢ଼ାଉଛି। ଟାଟା ଗ୍ରୁପ୍‌ର ପ୍ରୋଜେକ୍ଟ ଆଲିଙ୍ଗନ ଓ ସର୍କୁଲାର ଇକୋନିମ୍ ସମାଧାନ ପାଇଁ ଟାଟା ପାୱାର୍‌ର ପ୍ରତିବଦ୍ଧତା ସହିତ ସମନ୍ୱିତ ହୋଇ ଶୁଭାରମ୍ଭ କରାଯାଇଥିବା ଏହି ଅଭିଯାନ ବିଶ୍ୱ ପରିବେଶ ଦିବସ ୨୦୨୫ ଭାବ ଓ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ଶେଷ କରିବାର ବିଷୟବସ୍ତୁ ସହିତ ଯୋଡ଼ିହୋଇରହିଛି। ବର୍ଜ୍ୟ ପରିଚାଳନା ସାମାଜିକ ସଂସ୍ଥା ରିସର୍କଲ୍ ଓ ସଫାଇ ସାଥୀଙ୍କ ସହଯୋଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗ୍ରହ କରାଯାଇଥିବା ବର୍ଜ୍ୟକୁ ଆର୍‌ପିଇଟି (ରିସାଇକଲ୍‌ଡ ପଲିଥିଲିନ୍ ଟେରେଫଥାଲେଟ୍) ରେ ରୂପାନ୍ତରିତ କରାଯାଇଥିଲା।

● ମସ୍କ-ଟ୍ରମ୍ପ ବିବାଦରେ ଟେସ୍‌ଲା ସେୟାର ୧୪% ଖସିଲା
# ଦିନକରେ ବଜାର ପୁଞ୍ଜିରେ ୧୫୦ ବିଲିୟନ ଡଲାର ହ୍ରାସ

ୱାଶିଂଟନ୍, ୬।୬(ଏଜେନ୍ସି): ଟେସ୍‌ଲା ମାଲିକ ଏଲନ୍ ମସ୍କ ମଧ୍ୟରେ ବିବାଦ ଏବେ ସାରା ଦୁନିଆରେ ଏବେ ବେଶ ଚର୍ଚ୍ଚାର ବିଷୟ। ଏଥିଯୋଗୁ ମସ୍କଙ୍କ ଟେସଲାକୁ ବଡ଼ କ୍ଷତି ସହିବାକୁ ପଡିଛି। ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରସ୍ତାବିତ ବଜେଟ୍ ବିଲ୍ ଉପରେ ମସ୍କଙ୍କ ମତଭେଦ ଏବଂ ମସ୍କ -ଟ୍ରମ୍ପ ବାକ୍ ଯୁଦ୍ଧ ମଧ୍ୟରେ ଗୁରୁବାର ଟେସଲା ସେୟାର ୧୪%ରୁ ଅଧିକ ହ୍ରାସ ଘଟିଛି। ଏମିତିକି ମାତ୍ର ଗୋଟିଏ ଦିନରେ ଟେସଲାର ବଜାର ମୂଲ୍ୟରେ ପ୍ରାୟ ୧୫୦ ବିଲିୟନ ଡଲାର ହ୍ରାସ ଘଟିଛି। ଟ୍ରମ୍ପଙ୍କ ସହ ତାଙ୍କ ବିବାଦ ଯୋଗୁଁ କମ୍ପାନୀ କ୍ଷତି ସହିବ ବୋଲି ନିବେଶକଙ୍କ ମଧ୍ୟରେ ବଢୁଥିବା ଭୟ ଯୋଗୁଁ ଏହି ହ୍ରାସ ଘଟିଛି। ଟ୍ରମ୍ପ ତାଙ୍କ ସାହାଯ୍ୟ ବିନା ଜିତିପାରି ନ ଥାନ୍ତେ ବୋଲି ନିକଟରେ ମସ୍କ ଏହାପରେ ଟ୍ରମ୍ପ ସୂଚାଇ ଦେଲେ ଯେ, ସେ ଟେସଲା ଏବଂ ସ୍ପେସଏକ୍ସ ସମେତ ମସ୍କଙ୍କ ସମସ୍ତ କମ୍ପାନୀ ବିରୁଦ୍ଧରେ ଫେଡେରାଲ୍ ସରକାରଙ୍କୁ ବ୍ୟବହାର କରିପାରିବେ। ଏବେ ନିବେଶକମାନେ ଭୟ କରୁଛନ୍ତି ଯେ ଟ୍ରମ୍ପ ଆମେରିକାରେ ସ୍ୱୟଂଚାଳିତ କାରର ଭବିଷ୍ୟତ ଆରମ୍ଭ କରିବା ପାଇଁ ଏତେ ଶୀଘ୍ର କରି ନ ପାରନ୍ତି, ଏବଂ ଏହା ଟେସଲାକୁ କ୍ଷତି ପହଞ୍ଚାଇପାରେ।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପାଇପାରନ୍ତି। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ପ୍ରେମ ବ୍ୟାପାରରେ ସଫଳ ହେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟାର ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ।

**ବିଛା:** ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଅଫିସ୍ ସହକର୍ମୀଙ୍କୁ ସହଯୋଗ କରିବେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

## ଆଜିର ଇତିହାସ

- ୧୯୫୫-ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ସୋଭିଏତ୍ ସଂଘକୁ ଯାତ୍ରା କଲେ।
- ୧୯୮୯- ଭାରତର ଦ୍ୱିତୀୟ କୃତ୍ରିମ ଉପଗ୍ରହ ଭାସ୍କରକୁ ସୋଭିଏତ୍ ରକେଟ୍‌ରେ ମହାକାଶକୁ ପ୍ରକ୍ଷେପଣ କରାଗଲା।
- ୧୯୯୯- ଶ୍ରୀଲଙ୍କାରେ ପ୍ରଚଳିତ ଆବର୍ଜନ ନିୟମକୁ ନିଷ୍କ୍ରିୟ କରି ଦିଆଗଲା।
- ୨୦୦୦- ଆମେରିକୀୟ ଅଦାଲତ ମାଇକ୍ରୋସଫ୍ଟ କମ୍ପାନିକୁ ଦୁଇ ଭାଗରେ ବିଭକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ।

# ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ



କୁହାଯାଏ ସ୍ୱାସ୍ଥ୍ୟ ହିଁ ସମ୍ପଦ । ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟ ନିତ୍ୟାନ୍ତ ଆବଶ୍ୟକ। ମଣିଷ ସୁଖରେ ଜୀବନ ଜୀଇଁବା ପାଇଁ ତଥା ନିରୋଗ ରହିବା ଲାଗି ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟ ଖାଇବା ସହିତ ଅପମିଶ୍ରିତ ଖାଦ୍ୟ ପଦାର୍ଥଠାରୁ ଦୂରେଇ ରହିବା ଉଚିତ। ଦୂଷିତ ଖାଦ୍ୟ ଓ ଜଳ ଦ୍ୱାରା ହେଉଥିବା କ୍ଷତି ବିଷୟରେ ଲୋକଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ଜୁନ୍ ୭ ତାରିଖକୁ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଭାବେ ପାଳନ କରାଯାଇଥାଏ। ବିଶେଷକରି ଯେଉଁମାନେ ପୁଷ୍ଟିହୀନ ଖାଦ୍ୟ ଯୋଗୁଁ ଗମ୍ଭୀର ରୋଗରେ ପୀଡ଼ିତ ହେଉଛନ୍ତି, ସେମାନଙ୍କୁ ଖାଦ୍ୟ ନିରାପତ୍ତା ବିଷୟରେ ଅବଗତ କରାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ପଦକ୍ଷେପ । ଏହି ଦିନ ଖାଦ୍ୟ ସୁରକ୍ଷା ବିଷୟରେ ଲୋକଙ୍କୁ ସଚେତନ କରାଯାଏ। ଖାଦ୍ୟ ଏବଂ କୃଷି ସଂଗଠନ ସହଯୋଗରେ ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ଡିସେମ୍ବର ୨୦୧୮ ରେ ଏହି ଦିବସର ପାଳନ ପାଇଁ ଘୋଷଣା କରାଯାଇଥିଲା। ୭ ଜୁନ୍, ୨୦୧୯ ରେ ପ୍ରଥମ ଥର ପାଇଁ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରାଯାଇଥିଲା, ଯାହା ଖାଦ୍ୟ ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏକ ମାଇଲଖୁଣ୍ଟ ଭାବରେ ପରିଗଣିତ ହୋଇଛି। ଏହାପୂର୍ବରୁ ୧୬ ଅକ୍ଟୋବରକୁ 'ଖାଦ୍ୟ ସୁରକ୍ଷା ଦିବସ' ଭାବେ ପାଳନ କରାଯାଉଥିଲା। ଏହି କ୍ଷେତ୍ର ସହିତ ଜଡ଼ିତ ଅନ୍ୟ ସଂଗଠନଗୁଡ଼ିକର ସହଯୋଗରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଖାଦ୍ୟ ଏବଂ କୃଷି ସଂଗଠନ ମିଳିତ ଭାବେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରିବା ପାଇଁ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଦିନ ଲୋକେ ବହୁତ ପ୍ରକାରର ଖାଦ୍ୟ ଖାଇଥାନ୍ତି । ତେବେ ମଣିଷ ଖାଉଥିବା ଖାଦ୍ୟଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ କି ନୁହଁ ଏହା ଜାଣିବା ପାଇଁ ଉତ୍ପାଦନ, ମାନକ, ପ୍ରକାର, ପ୍ରସ୍ତୁତିକରଣ ଆଦିର ମାନ ଯାଞ୍ଚ ହେବା ଆବଶ୍ୟକ। କାରଣ ଆମ ଦେଶରେ ଖାଦ୍ୟରେ ବିଷକ୍ରିୟା ଯୋଗୁଁ ଅନେକ ଲୋକ ଅକାଳରେ ଜୀବନ ହରାଉଛନ୍ତି । ତେବେ ଏନେଇ ଲୋକଙ୍କୁ ଜାଗ୍ରତ କରିବାର ଉଦ୍ଦେଶ୍ୟ ନେଇ ଖାଦ୍ୟ ସୁରକ୍ଷା ଦିବସ ପାଳନ କରାଯାଉଛି। ପୃଥିବୀରେ ବସବାସ କରୁଥିବା ସମସ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ଖାଦ୍ୟ ମିଳୁ, ଫଳରେ ସେମାନଙ୍କ ସ୍ୱାସ୍ଥ୍ୟଗତ ତ୍ରୁଟି ଦେଖାନଯାଉ, ଏହା ହିଁ ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । କିନ୍ତୁ ସମ୍ପ୍ରତି ଆମ ଦେଶରେ ଅଧିକାଂଶ ଲୋକ ଅତି ନିମ୍ନମାନର ଖାଦ୍ୟ ଗ୍ରହଣ କରିବା ଫଳରେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି ଓ ତାହା ସାମାଜିକ ଚିନ୍ତାର କାରଣ ମଧ୍ୟ ପାଲଟୁଛି। ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରେ ଯେ, ଖାଦ୍ୟ ଉତ୍ପାଦନ ଠାରୁ ଅମଳ, ପ୍ରକ୍ରିୟାକରଣ, ସଂରକ୍ଷଣ, ବଣ୍ଟନ, ବ୍ୟବହାର ପୂର୍ବରୁ ପ୍ରସ୍ତୁତି ସମ୍ପୂର୍ଣ୍ଣ ନିରାପଦ ଅଟେ। ଏହି ସଚେତନତା ପାଇଁ ଖାଦ୍ୟ ସୁରକ୍ଷା ଦିବସର ଯୁକ୍ତିଯୁକ୍ତତା ଏବଂ ଗୁରୁତ୍ୱ ବଢ଼ିଥାଏ।



# ପୁରୁଷଙ୍କ ତୁଳନାରେ ମହିଳା କରନ୍ତି ଅଧିକ କାମ

ବିବାହିତ ଯୋଡ଼ିଙ୍କ ଉପରେ ଏବେ ଏକ ସର୍ଭେ କରାଯାଇଛି। ଏଥିରୁ ଦେଖାଯାଇଛି ଯେ, ବାହାଘର ପରେ ମହିଳାଙ୍କ ଉପରେ ଘରୋଇ ଦାୟିତ୍ୱ ବହୁ ଅଧିକ ବଢ଼ିଯାଏ। ଏଭଳି ସ୍ଥିତିରେ କିନ୍ତୁ ପୁରୁଷଙ୍କ ଦିନଚର୍ଯ୍ୟାରେ କୌଣସି ପରିବର୍ତ୍ତନ ଆସି ନ ଥାଏ। ସେହିପରି ମହିଳାମାନେ ଘରୋଇ କାର୍ଯ୍ୟରେ ନିତିଦିନ ୬ ଘଣ୍ଟା ଅତିବାହିତ କରୁଥିବା ବେଳେ ପୁରୁଷମାନେ କେବଳ ୪୭ ମିନିଟ୍ ସମୟ ଦେଇଥାନ୍ତି। ଅଧିକାଂଶ ପୁରୁଷ ଏହି ୪୭ ମିନିଟ୍‌ର କାମ ଛୁଟିଦିନରେ ହିଁ କରୁଥିବାର ଦେଖାଯାଏ। ସର୍ଭେରୁ ଏକଥା ସାମ୍ନାକୁ ଆସିଛି ଯେ, ରୋଷେଇ କରିବାରେ ମହିଳାମାନେ ନିତିଦିନ ୩ ଘଣ୍ଟା ଲଗାନ୍ତି। ପୁରୁଷମାନେ ଖାଦ୍ୟ ପ୍ରସ୍ତୁତିରେ ପ୍ରାୟ ୪ ମିନିଟ୍ ନିଅନ୍ତି। ତେବେ ଏହି ୪ ମିନିଟ୍ ଚା' ତିଆରି ପାଇଁ ଯଥେଷ୍ଟ ହୋଇ ନ ଥାଏ। ତେଣୁ ଏହି ତଥ୍ୟ ଘରୋଇ ଦାୟିତ୍ୱରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ଅସମାନତାକୁ ଦର୍ଶାଇଛି। କେବଳ ଘର କାମ ନୁହେଁ, ବାହାଘର ପରେ ମହିଳାଙ୍କ ବୃତ୍ତିଗତ ଜୀବନ ଉପରେ ବି ଏହାର ବଡ଼ ପ୍ରଭାବ ପଡ଼ିଥାଏ। ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ, ଭାରତରେ ବାହାଘର ପରେ ମହିଳାଙ୍କ ରୋଜଗାର ହାର ପ୍ରାୟ ୧୨ ପ୍ରତିଶତ ହ୍ରାସ ପାଏ। ଏହାର ଅର୍ଥ ହେଉଛି ପ୍ରତି ୧୦୦ ଜଣ ମହିଳାଙ୍କ ମଧ୍ୟରେ ପ୍ରାୟ ୧୨ ଜଣ ମହିଳା ବାହାଘର ପରେ ଚାକିରି କିମ୍ବା ବ୍ୟବସାୟ ଛାଡ଼ି ଦେଇଥାନ୍ତି। ଅନ୍ୟପଟେ ପୁରୁଷମାନେ ବିବାହ କରିବା ପରେ ସେମାନଙ୍କର କ୍ୟାରିୟରରେ ଉନ୍ନତି ୧୩ ପ୍ରତିଶତ ବୃଦ୍ଧି ପାଏ ଏବଂ ଏହି ଧାରା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜାରି ରହେ।

# ଅପ୍ରେଲରୁ ଆରମ୍ଭ ହେବ 'ଧୂମ୍-୪'ର ସୁଟିଂ



ଯଶରାଜ ବ୍ୟାନର୍‌ର 'ଧୂମ୍' ଭାରତୀୟ ସିନେମା ଇଣ୍ଡଷ୍ଟ୍ରିର ଏକ ସଫଳ ଫ୍ରାଞ୍ଚାଇଜ୍ ଭାବେ ଜଣାଯାଏ। ବିଗତ ୧୨ ବର୍ଷ ହେଲାଣି 'ଧୂମ୍-୪'କୁ ନେଇ ଚର୍ଚ୍ଚା ଲାଗି ରହିଛି। ଏବେ ଏହାର ସୁଟିଂକୁ ନେଇ ଖବର ଆସିଛି। ଆଦିତ୍ୟ ଚୋପ୍ରା ଏହାର ସୁଟିଂ ଆସନ୍ତା ବର୍ଷ ଏପ୍ରିଲ୍‌ରୁ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଶ୍ରୀଧର ରାଘବନ୍‌ଙ୍କ ସହ ମିଶି ଆଦିତ୍ୟ ଏବେ ଏହାର କାହାଣୀ ଫାଇନାଲ କରୁଛନ୍ତି। ଏଥିରେ ରଣବୀର କପୁର ଲିଡ୍ ରୋଲରେ ନଜର ଆସିବେ। ତେବେ ଏଥିରେ ଅନ୍ତର୍ଜାତୀୟ ସ୍ତରର ଆକ୍ସନ୍ ସିନ୍ ରଖିବାକୁ ଆଦିତ୍ୟ ପ୍ରୟାସ ଚଳାଇଥାନ୍ତି। ଅୟାନ୍ ମୁଖାର୍ଜୀ ଏହାର ନିର୍ଦ୍ଦେଶନା ଦେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। 'ୱାର୍-୨' ରିଲିଜ୍ ହେବା ପରେ ଅୟାନ୍ ଏହାର ପ୍ରିପ୍ରଡକ୍ସନ୍ କାମରେ ଲାଗିଯିବେ। ୨୦୨୬ ଶେଷ ଆଡ଼କୁ ସୁଟିଂ ସରିବା ପରେ ୨୦୨୭ରେ 'ଧୂମ୍-୪' ରିଲିଜ୍ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ରଣବୀର ଏବେ ସଞ୍ଜୟ ଲୀଳା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍' ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହାପରେ ସେ 'ରାମାୟଣ-୨'ର ସୁଟିଂରେ ଯୋଗ ଦେବେ। ଅପ୍ରେଲ୍, ୨୦୨୬ରୁ ରଣବୀର 'ଧୂମ୍-୪'ର ସୁଟିଂ ଆରମ୍ଭ କରିବେ।

# ସୁମନ

### ସକାଳ ଶିଶୁ କୁଇଜ୍-୧୬୭

(୧) ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର ନେତୃତ୍ୱ କିଏ ନେଇଥିଲେ?
ଉତ୍ତର: ____________

(୨) 'ଗୀତାଞ୍ଜଳି'ର ରଚୟିତା କିଏ?
ଉତ୍ତର: ____________

(୩) ଚିକିତ୍ସା କ୍ଷେତ୍ରରେ ନୋବେଲ ପୁରସ୍କାର ଜିତିଥିବା ପ୍ରଥମ ଭାରତୀୟ କିଏ ଥିଲେ?
ଉତ୍ତର: ____________

(୪) ଓଟାବା କେଉଁ ଦେଶର ରାଜଧାନୀ?
ଉତ୍ତର: ____________

(୫) ପେସ୍‌ମେକର୍‌ର ସଂପର୍କ ମଣିଷ ଶରୀରର କେଉଁ ଅଂଶ ସହ ଜଡ଼ିତ?
ଉତ୍ତର: ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ଦେବାଶିଷ କର, ଆଙ୍କପଦା, ଭଦ୍ରକ।
- ମନୋଜା ମିଶ୍ର, ଆନନ୍ଦପୁର, କେନ୍ଦୁଝର
- ସତ୍ୟପ୍ରକାଶ ମଲ୍ଲିକ୍, ଜଟଣି, ଖୋର୍ଦ୍ଧା

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ହାତୀ ବେଶରେ ଜଗନ୍ନାଥ




ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥିରେ
ଚତୁର୍ଦ୍ଧାମୂରତୀ ବିଜେ ସ୍ନାନ ମଣ୍ଡପରେ
ବେଦଧ୍ୱନୀ ହୋଇ ଶହେ ଆଠ କଳସୀରେ
ସ୍ନାନ କଲେ ପ୍ରଭୁ ସ୍ୱର୍ଣ୍ଣ କୂଅର ଜଳରେ ।
ବିଜେ ସୁଦର୍ଶନ ପଣ୍ଡା ସେବକ ମେଳରେ
ଜଗନ୍ନାଥ ଆସିଥାନ୍ତି ଦଇତା ସାଥିରେ
ମନ୍ତ୍ରସ୍ନାନ ହୋଇଥାନ୍ତି ଅନ୍ୟ ସମୟରେ
ସ୍ନାନ କରିଥାନ୍ତି ପ୍ରଭୁ ପୂର୍ଣ୍ଣମୀ ତିଥିରେ ।
ସ୍ନାନ ସାରି ସଜ୍ଜିତ ପ୍ରଭୁ ଗଜ ବେଶରେ
ମହମହ ବାସୁଥାନ୍ତି ସଜ କୁସୁମରେ
ଧୂପ ଦୀପ ଅଗୁରୁ ଚନ୍ଦନ ନୈବେଦ୍ୟରେ
ଦର୍ଶନ ଦିଅନ୍ତି ପ୍ରଭୁ ସ୍ନାନ ମଣ୍ଡପରେ ।
ଶୁଭୁଥାଏ ମନ୍ତ୍ରଧ୍ୱନୀ କାହାଳୀ ଶବ୍ଦରେ
କମ୍ପିଯାଏ ମଣ୍ଡପ ଭଜନ କୀର୍ତ୍ତନରେ
ଭକ୍ତଙ୍କୁ ଆଣନ୍ତି ଡାକି ପୁନେଇଁ ତିଥିରେ
ଗଜବେଶ ଦେଖିବାକୁ ଆନନ୍ଦ ଚିତ୍ତରେ ।
ଗଣପତି ଭଟ୍ଟଙ୍କର ପ୍ରଗାଢ଼ ଭକ୍ତିରେ
ସନ୍ତୁଷ୍ଟ ହୋଇ ଦେଖାଦେଲେ ଗଜ ବେଶରେ
ଖରାତାପ ନ ସହି ଗୁଳୁଗୁଳି ପାଗରେ
ପାହୁଣ୍ଡ ପକେଇ ବିଜେ ସ୍ନାନ ମଣ୍ଡପରେ ।
ସ୍ନାନ ସାରି ଫେରିଗଲେ ଅଣସର ଘରେ
ପ୍ରଭୁ ସୁଦର୍ଶନ ଭାଇ ଭଉଣୀ ସାଥିରେ
ସ୍ନାନ କଲେ ପଇଁତିରିଶି ଗରା ଜଳରେ
ପୂଜା ପାଇଲେ ମଣ୍ଡପେ ଗୋଟିଏ ଧୂପରେ ।
ଜଗତ ଦେଖିଲା ତାଙ୍କୁ ସ୍ନାନବେଦୀ ପରେ
ଭକ୍ତ ହେଲେ ତୋଷ ଦେଖି ଗଜ ବେଶରେ ।■



ନଳିନୀ ଦାଶ

ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ-୯୨୩୮୯୯୬୬୪୯

## ଜ୍ଞାନ ଲାଭ ପାଇଁ ବୟସ ନାହିଁ



ଥରେ ସ୍ୱାମୀ ରାମତୀର୍ଥ ଜାପାନ ଦେଶ ଭ୍ରମଣରେ ଥାଆନ୍ତି। ଦେଶର ବିଭିନ୍ନ ସ୍ଥାନ ବୁଲୁ ବୁଲୁ ଗୋଟିଏ ଦୃଶ୍ୟ ତାଙ୍କୁ ବେଶି ପ୍ରଭାବିତ କଲା। ଜଣେ ବୃଦ୍ଧ ବ୍ୟକ୍ତି ଜଣେ ଯୁବକଙ୍କ ପାଖରେ ବସି କ'ଣ ସବୁ ଶିଖୁଥିବାର ସେ ଦେଖିଲେ। ସେ ତାଙ୍କ ପାଖକୁ ଗଲେ। ଚମ ଧୁଡୁ ଧୁଡୁ ବୃଦ୍ଧ ବ୍ୟକ୍ତିଙ୍କ ବୟସ ପାଖାପାଖି ଅଶୀ । କିନ୍ତୁ ଜଣେ ବିଦ୍ୟାର୍ଥୀଙ୍କ ଭଳି ମନଯୋଗ ସହକାରେ ଅଧ୍ୟୟନରତ। ସ୍ୱାମୀଜୀ ତାଙ୍କୁ ପ୍ରଶ୍ନ କଲେ। "ମହାଭାଗ ଆପଣ ଏ ବୟସରେ ପାଠ ପଢୁଛନ୍ତି? ବୃଦ୍ଧ ବ୍ୟକ୍ତି ଜଣଙ୍କ ଉତ୍ତର ଦେଲେ," ବାବୁ, ପାଠ ପଢ଼ିବାରେ ବୟସ ନ ଥାଏ। ମୁଁ ପ୍ରାଣୀ ବିଜ୍ଞାନର ଜଣେ ଅବସରପ୍ରାପ୍ତ ଅଧ୍ୟାପକ। ଜାଣିବାକୁ ପାଇଲି ଏହି ବିଷୟରେ ଜର୍ମାନୀ ଭାଷାରେ ବହୁ ଉପାଦେୟ ପୁସ୍ତକମାନ ରହିଛି। ମୁଁ ଯଦି ଜର୍ମାନୀ ଭାଷା ଶିଖିଯାଏ ତେବେ ତାକୁ ଆମ ଭାଷାରେ ଅନୁବାଦ କରିବି, ଯାହା କି ଆମ ଦେଶର ଛାତ୍ରଛାତ୍ରୀମାନଙ୍କ ପାଇଁ ବହୁତ ଉପଯୋଗୀ ହେବ। ଆମ ପିଲାମାନେ ନୂଆ ନୂଆ କଥା ଜାଣି ପାରିବେ। ତେଣୁ ମୁଁ ଜର୍ମାନୀ ଭାଷା ଶିଖୁଛି। ମରିବା ପୂର୍ବରୁ ଯଦି ଏତିକି କରି ପାରିଲି ଆମ ଆଗାମୀ ପିଢ଼ି ତ ଉପକୃତ ହେବେ। ସେଥିପାଇଁ ଏ ବାବୁଙ୍କ ଠାରୁ ଜର୍ମାନୀ ଭାଷା ଶିଖୁଛି।" ଜ୍ଞାନ ପିପାସୁ ବୃଦ୍ଧଙ୍କର କଥା ସ୍ୱାମୀ ରାମତୀର୍ଥଙ୍କୁ ଗଭୀର ଭାବେ ପ୍ରଭାବିତ କଲା। ସେ ମନେ ମନେ ଭାବୁଥିଲେ - "ସତରେ ଯେଉଁ ଦେଶରେ ଏ ଭଳି ବ୍ୟକ୍ତି ଜନ୍ମଲାଭ କରିଛନ୍ତି ସେ ଦେଶକୁ ଉନ୍ନତି ପଥରୁ କେହି ହଟେଇ ପାରିବ ନାହିଁ।" ସେଥିପାଇଁ ଜାପାନ ଦେଶ ଆଜି ଏକ ଉନ୍ନତଶୀଳ ଦେଶ ଭାବେ ସମଗ୍ର ବିଶ୍ୱରେ ସବୁ କ୍ଷେତ୍ରରେ ଅଗ୍ରଗତି କରିଛି।

ତେଣୁ ପିଲାଏ, ଜ୍ଞାନ ଆହରଣ ବୟସ କେତେବେଳେ ବି ବାଧକ ହୁଏନାହିଁ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଜ୍ଞାନ ଆହରଣ ପାଇଁ ଆମ ସମସ୍ତଙ୍କ ମନରେ ଆଗ୍ରହ ରହିବା ନିହାତି ଆବଶ୍ୟକ।■



ଡକ୍ଟର ରବିନାରାୟଣ ସାହୁ

ସ୍ମୃତିନଗର, ବରଗଡ଼
ମୋ - ୯୮୬୧୦୮୯୩୪୮

## ପ୍ରହେଳିକା

- ରାତିହେଲେ ସିଏ ଆଲୋକ ଦିଏ
ଆମ ଠୁଁ ଅନେକ ଦୂରରେ ରୁହେ
ଆହାକି ସୁନ୍ଦର ରୂପଟି ତା'ର
ଆକାଶ ଛାତିରେ ତୋଳିଛି ଘର
ନାମଟି ତାହାର କହିବ ଯିଏ
ସୁନାପିଲା ନିଶ୍ଚେ ହୋଇବ ସିଏ
ଉ-ଜହ୍ନ

- ନାଲି ଟହ ଟହ ରୂପଟି ତା'ର
ମଝିରେ କେଶର ଥାଏ
ମା'ତାରିଣୀଙ୍କ ପ୍ରିୟ ସେ ଫୁଲ
ନାମଟି କହିବ କିଏ।
ଉ- ମନ୍ଦାର

- ଆସନ ନୁହେଁ କିନ୍ତୁ ବସି ଖାଇଛି
ବିଛଣା ନୁହେଁ କିନ୍ତୁ ସେଠି ଶୋଇଛି
ପଢ଼ିଆ ନୁହେଁ କିନ୍ତୁ କେତେ ଖେଳିଛି
ହସି ଖେଳି ଦିନ କେତେ କାଟିଛି।
ଉ- ମା'କୋଳ

- ପରିବା ଭିତରେ ଅଟେ ସେ ସାର
କାଟିଦେଲେ ତା'ର ବୁହଇ ଲାଳ
ସବୁଜ ରଙ୍ଗରେ ସେ ଦିଶେ ସୁନ୍ଦର
ସ୍ୱାଦ ତା'ର ଲାଗେ ଭାରି ମଧୁର
ଦିଶୁଥାଏ ସିଏ ଆଙ୍ଗୁଳି ପରି
କିଏ ସେ କହିବ ନାମ ତାହାରି
ଉ-ଭେଣ୍ଡି



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ-୮୮୯୨୩୦୧୧୪୩





ପ୍ରତୀକ୍ଷା ପ୍ରିୟଦର୍ଶିନୀ ଦାଶ
ଦ୍ୱିତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କୋରାପୁଟ





ସାଇଶ୍ରୀ ବେହେରା
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା





ସାନ୍ୱି ଶନାୟା ସା
ଚତୁର୍ଥ ଶ୍ରେଣୀ
ବିଜେଇଏମ୍-୧ ସ୍କୁଲ
ଭୁବନେଶ୍ୱର





ଦେବହୁତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା

ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

# ଲୋକେଶ ରାହୁଲଙ୍କ ଦମ୍‌ଦାର ଶତକ

ନଟିଂହାମ୍, ୬।୬ (ଏଜେନ୍ସି):

ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଏଠାରେ ଶୁକ୍ରବାର ଆରମ୍ଭ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ' ଦଳ ପ୍ରଥମ ଇନିଂସରେ ପ୍ରଥମ ଦିନ ଷ୍ଟମ୍ପ ସୁଦ୍ଧା ୮୩ ଓଭରରେ ୭ ୱିକେଟ ବିନିମୟରେ ୩୧୯ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ତନୁସ କୋଟିଆନ ୫ ଓ ଅଂଶୁଲ କାମ୍ବୋଜ୍ ୧ ରନ୍‌ରେ ଅପରାଜିତ ରହିଛନ୍ତି। ଦଳ ପକ୍ଷରୁ ଲୋକେଶ ରାହୁଲ ୧୧୬ ଓ ଧ୍ରୁବ ଜୁରେଲ ୫୨ ରନ୍ କରିଥିଲେ। ଆଉଟ ହୋଇଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ଓପନର ଯଶସ୍ୱୀ ଜୟସ୍ୱାଲ ୧୭, ନଂ-୩ରେ ବ୍ୟାଟିଂ କରିଥିବା ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ୧୧, କରୁନ ନାୟାର ୪୦, ନୀତୀଶ ରେଡ୍ଡୀ ୩୪ ଓ ଶାର୍ଦ୍ଦୁଳ ଠାକୁର ୧୯ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଫାଷ୍ଟ ବୋଲର କ୍ରିସ୍ ୱକ୍ସ ୩ଟି, ଜର୍ଜ ହିଲ୍ ୨ଟି ଓ ଫରହାନ ଅହମ୍ମଦ୍ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି। ଜୁନ୍ ୨୦ରୁ ଆରମ୍ଭ ହେବାକୁ ଯାଉଥିବା ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ରେ ଖେଳିବାକୁ ମନୋନୀତ ହୋଇଥିବା ଅର୍ଦ୍ଧାଧିକ ଖେଳାଳି ଭାଗ ନେଇଛନ୍ତି। ଆଇପିଏଲ ମ୍ୟାଚ୍ ଖେଳିବା ପରେ ଭାରତୀୟମାନେ ଏହି ଅନ୍‌ଅଫିସିଆଲ ଟେଷ୍ଟରେ ମ୍ୟାଚ୍ ପ୍ରାକ୍ଟିସ କରିବାର ସୁଯୋଗ ପାଇଛନ୍ତି।

ଏହି ଟେଷ୍ଟରେ ଇଂଲଣ୍ଡ ଲାୟନ୍ସ ଅଧିନାୟକ ଜେମ୍ସ ରିଉ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ଭାରତ-ଏ'କୁ ଆମନ୍ତ୍ରଣ କରିଥିଲେ। ସୁଇଂ ନେଉଥିବା ପିଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୭ମ ଓଭରରେ ୨୮ ରନ୍‌ରେ ଜୟସ୍ୱାଲ ଓ ଏକାଦଶ ଓଭରରେ ୪୦ ରନ୍‌ରେ ଈଶ୍ୱରନ ଆଉଟ ହୋଇଥିଲେ। ବର୍ଷା ଯୋଗୁଁ କିଛି ସମୟ ଖେଳ ବନ୍ଦ ରହିବା ପରେ ଇନିଂସ ଓପନ କରିଥିବା ରାହୁଲ ଓ କରୁନ ନାୟାରଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ହୋଇଥିଲା। ଏମାନେ ସତର୍କତାର ସହ ଖେଳି ତୃତୀୟ ୱିକେଟରେ ୧୩୯ ବଲ୍‌ର ସାମ୍ନା କରି ୮୬ ରନ୍ ଉଠାଇଥିଲେ। ଅଭିଜ୍ଞତାରୁ ଫାଇଦା ଉଠାଇ ଭଲ ଖେଳୁଥିବା ନାୟାର ୭୧ ବଲ୍‌ର ସାମ୍ନା କରି ମାତ୍ର ୪ଟି ଚୌକା ସହ ୪୦ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ରାହୁଲଙ୍କୁ ଆଉ ଜଣେ ଭଲ ପାର୍ଟନର ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ରୂପରେ ମିଳିଥିଲା। ଉଭୟ ଖେଳାଳି ପରିସ୍ଥିତି ସହ ଖାପ୍ ଖୁଆଇ ରନ୍ ସଂଗ୍ରହ କରିଥିଲେ। ଇଂଲଣ୍ଡ ଟେଷ୍ଟ ଦଳରେ ସାମିଲ ହୋଇଥିବା ଦୁଇ ଫାଷ୍ଟ ବୋଲର କ୍ରିସ୍ ୱକ୍ସ ଓ ଜୋଶ ଟଙ୍ଗ୍‌ଙ୍କୁ ଉଚିତ ମୁକାବିଲା କରିଥିଲେ ରାହୁଲ ଓ ଜୁରେଲ। ଏମାନେ ଚତୁର୍ଥ ୱିକେଟରେ ୧୫୯ ବଲ୍‌ରୁ ୧୨୧ ରନ୍ କରିଥିଲେ। ଜୁରେଲ ୮୭ ବଲ୍‌ରୁ ୭ ଚୌକା ସହ ୫୨ ରନ୍ କରିଥିଲେ। ରାହୁଲ ୧୦୨ ବଲ୍‌ରେ ଅର୍ଦ୍ଧଶତକ ଓ ୧୫୧ ବଲ୍‌ରେ ଶତକ ପୂରଣ କରିଥିଲେ। ସେ ମୋଟ ୧୬୮ଟି ବଲ୍ ଖେଳି ୧୫ ଚୌକା ଓ ୧ଛକା ସହ ୧୧୬ ରନ୍ କରିଥିଲେ। ଇଂଲଣ୍ଡ ଲାୟନ୍ସ ପକ୍ଷରୁ କେବଳ ଫାଷ୍ଟ ବୋଲର କ୍ରିସ୍ ୱକ୍ସଙ୍କୁ ସର୍ବାଧିକ ସଫଳତା ମିଳିଥିଲା। ଚା'ପାନ ବିରତି ବେଳକୁ ଭାରତ ହରାଇଥିବା ୩ ଜଣ ଯାକ ଖେଳାଳିଙ୍କୁ ୱକ୍ସ ଆଉଟ କରିଥିଲେ। ଏହି ୩ଜଣ ଯାକ ବ୍ୟାଟର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ।




**ସଂକ୍ଷିପ୍ତ ସ୍କୋର**

ଭାରତ-ଏ' ପ୍ରଥମ ଇନିଂସ: ୩୧୯/୭, ୮୩ ଓଭର (ଲୋକେଶ-୧୧୬, ଜୁରେଲ-୫୨, ନାୟାର-୪୦, ନୀତୀଶ-୩୪, କ୍ରିସ୍ ୱକ୍ସ-୩/୫୦, ଜର୍ଜ ହିଲ୍-୨/୫୬)।

## ଲଣ୍ଡନରେ ପହଞ୍ଚିଲେ ଭାରତୀୟ ଟେଷ୍ଟ କ୍ରିକେଟର

ଲଣ୍ଡନ,୬।୬ (ଏଜେନ୍ସି): ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଶୁବମନ ଗିଲଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ ଲଣ୍ଡନରେ ଶୁକ୍ରବାର ପହଞ୍ଚିଛନ୍ତି। ଏହି ଦଳରେ ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ସହ ଆଇପିଏଲ୍ ପ୍ଲେ ଅଫ୍‌ରେ ଖେଳିଥିବା ଓ ପୂର୍ବରୁ ଯାଇ ନ ଥିବା ଖେଳାଳିମାନେ ଦଳ ସହ ଯାଇଥିଲେ। ଗୁରୁବାର ଏମାନେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଲଣ୍ଡନ ଅଭିମୁଖେ ଯାତ୍ରା କରିଥିଲେ। ଏମାନଙ୍କ ମଧ୍ୟରେ ଉପଅଧିନାୟକ ଋଷଭ ପନ୍ତ, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା, ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ପ୍ରସିଦ୍ଧ କ୍ରିଷ୍ଣା ପ୍ରମୁଖ ଦଳ ସହ ଯାଇଥିଲେ। ପୂର୍ବରୁ ଦଳରେ ସ୍ଥାନ ପାଇଥିବା କିଛି ଖେଳାଳି ଆଗୁଆ ଇଂଲଣ୍ଡରେ ପହଞ୍ଚି ଇଂଲଣ୍ଡ ଲାୟନ୍ସ ସହ ଅଭ୍ୟାସ ମ୍ୟାଚ୍ ଖେଳୁଛନ୍ତି। କିନ୍ତୁ ଆଜି ପହଞ୍ଚିଥିବା ଖେଳାଳିମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଜୁନ୍ ୨୦ରୁ ଆରମ୍ଭ ହେବ। ଏହା ପୂର୍ବରୁ ଭାରତୀୟ ଖେଳାଳିମାନେ ନିଜ ନିଜ ମଧ୍ୟରେ ଏକ ୪ ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳିବେ। ଏହି ମ୍ୟାଚ୍‌ଟି କେଣ୍ଟ କ୍ରିକେଟ ଗ୍ରାଉଣ୍ଡରେ ଜୁନ୍ ୧୩ରୁ ୧୬ ଯାଏ ଖେଳାଯିବ। ଏହା ମଧ୍ୟରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ର ନାମକରଣ ପରିବର୍ତ୍ତନ କରାଯାଇଛି। ଏହାକୁ ଏବେ ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ନାମରେ ନାମିତ କରାଯାଇଛି। ଭାରତର ଦୁଇ କିମ୍ବଦନ୍ତୀ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଏହି ସିରିଜ୍‌ରେ




ଖେଳୁନାହାନ୍ତି। ଏଣୁ ଭାରତୀୟ ଦଳ ଜଣେ ଅନଭିଜ୍ଞ ଅଧିନାୟକ ଓ ବିଦେଶରେ ଅସଫଳ ବ୍ୟାଟର ଶୁବମନ ଗିଲଙ୍କୁ ଭାରତୀୟ କମାଣ୍ଡ ସମ୍ଭାଳିବେ। ସେ ପ୍ରଥମଥର ଦଳର ନେତୃତ୍ୱ ନେଉଥିବାରୁ ଭାରତୀୟମାନେ ତାଙ୍କଠାରୁ ବିଶେଷ କିଛି ଆଶା ରଖିନାହାନ୍ତି।

ଟେଷ୍ଟ ସିରିଜର ଅନ୍ୟ ମ୍ୟାଚ୍ ଗୁଡ଼ିକ ଏଜ୍‌ବାଷ୍ଟନରେ ଜୁଲାଇ୨, ଲର୍ଡ୍‌ସରେ ଜୁଲାଇ ୧୦, ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ ଓ କେନିଙ୍ଗଟନ ଓଭାଲରେ ଜୁଲାଇ ୩୧ରୁ ଆରମ୍ଭ ହେବ।

## ୱାଲଟର୍ ନ୍ୟୁଜିଲାଣ୍ଡର ମୁଖ୍ୟ ପ୍ରଶିକ୍ଷକ

ୱେଲିଂଟନ, ୬।୬ (ଏଜେନ୍ସି): ରବ୍ ୱାଲଟର୍ ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଗ୍ୟାରୀ ଷ୍ଟେଡ୍‌ଙ୍କ ସ୍ଥାନରେ ସେ ତିନୋଟି ଯାକ ଫର୍ମାଟ୍‌ରେ ନ୍ୟୁଜିଲାଣ୍ଡର ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିବେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳର ଗୁରୁ ଦାୟିତ୍ୱ ତୁଲାଇଥିବା ୪୯ ବର୍ଷୀୟ ୱାଲଟର୍ ଆଗାମୀ ୩ ବର୍ଷ ଅର୍ଥାତ୍ ୨୦୨୮ ଟି-୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ଏହି ପଦରେ ରହିବେ। ଏହି ସମୟରେ ଏକଦିବସୀୟ ବିଶ୍ୱକପ୍, ୨୦୨୬ ଓ ୨୦୨୮ ଟି-୨୦ ବିଶ୍ୱକପ୍ ଖେଳାଯିବ। ସେହିଭଳି ୧୦୦ ବର୍ଷ ପରେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍ ସାମିଲ ହୋଇଛି। ତାଙ୍କ ପ୍ରଶିକ୍ଷଣରେ ନ୍ୟୁଜିଲାଣ୍ଡ ଅଲିମ୍ପିକ୍ସ ଖେଳିବାର ସୁଯୋଗ ରହିଛି। ୱାଲଟର୍ ଦକ୍ଷିଣ ଆଫ୍ରିକାର ପ୍ରଶିକ୍ଷକ ଥିବାବେଳେ ଦଳ ୨୦୨୩ ବିଶ୍ୱକପ୍ ସେମିଫାଇନ୍ତାଲ, ୨୦୨୫ ଚାମ୍ପିଅନ୍ସ ଟ୍ରଫି ସେମିଫାଇନାଲ ଓ ୨୦୨୪ ଟି-୨୦ ବିଶ୍ୱକପ୍ ଫାଇନାଲ ଖେଳିଥିଲା।



## ଫାଇନାଲରେ ଆଲ୍‌କାରାଜ

ଫ୍ରେଞ୍ଚ ଓପନ

ପ୍ୟାରିସ, ୬।୬ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲ୍‌କାରାଜ ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ୍ ପୁରୁଷ ଏକକ ବିଭାଗର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ଲଢ଼େଇରେ ଦ୍ୱିତୀୟ ସିଡ୍ ସ୍ପାନିଶ ତାରକା ଆଲ୍‌କାରାଜଙ୍କ ମୁକାବିଲା ଇଟାଲୀର ଲୋରେଞ୍ଜୋ ମୁସେଟିଙ୍କ ସହ ହୋଇଥିଲା। ତେବେ ଏହି ମ୍ୟାଚରେ ଆଲ୍‌କାରାଜ ୪-୬, ୭-୬, ୬-୦, ୨-୦ରେ ଆଗୁଆ ରହିଥିବାବେଳେ ୮ମ ସିଡ୍ ମୁସେଟୀଙ୍କ ମାଂସପେଶୀରେ ଆଘାତ ଲାଗିଥିଲା। ଫଳରେ ସେ ଚତୁର୍ଥ ସେଟ୍‌ରେ ୨-୦ରେ ପଛୁଆ ଥିବାବେଳେ ରିଟାୟାର୍ଡ ହୋଇଯାଇଥିଲେ। ଯେଉଁଥି ପାଇଁ ଆଲ୍‌କାରାଜଙ୍କୁ ବିଜୟୀ ଘୋଷିତ କରାଯାଇଥିଲା ଏବଂ ସେ ଫାଇନାଲରେ ପ୍ରବେଶ କରିଥିଲେ। ସେ ଟାଇଟଲ୍ ବଜାୟଠାରୁ ଆଉ ଗୋଟିଏ ପାଦ ଦୂରରେ ରହିଛନ୍ତି। ରବିବାର ଫାଇନାଲରେ ଆଲ୍‌କାରାଜଙ୍କ ମୁକାବିଲା ବିଶ୍ୱର ଏକ ନମ୍ବର ଖେଳାଳି ଜାନିକ ସିନ୍ନର କିମ୍ବା ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ହେବ। ଦ୍ୱିତୀୟ ସେମିଫାଇନାଲରେ ସିନ୍ନର ଓ ଜୋକୋଭିଚ୍ ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ଶେଷ ଖବର ସୁଦ୍ଧା ସିନ୍ନର ୬-୪, ୪-୩ ସେଟ୍‌ରେ ଆଗୁଆ ରହିଛନ୍ତି।

ଅପରପକ୍ଷରେ ଶନିବାର ଆମେରିକାର କୋକୋ ଗଫ୍ ଓ ବେଲାରୁଷର ଆରିନା ସାବାଲେଙ୍କାଙ୍କ ମଧ୍ୟରେ ମହିଳା ବିଭାଗ ଫାଇନାଲ ଅନୁଷ୍ଠିତ ହେବ। ପୂର୍ବରୁ ସେମିଫାଇନାଲରେ ସାବାଲେଙ୍କା ୭-୬, ୪-୬, ୬-୦ ସେଟ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଇଗା ସ୍ୱିଆଟେକ୍‌ଙ୍କୁ ପରାସ୍ତ କରିଥିଲେ। ସେହିଭଳି ଗଫ୍ ଫ୍ରାନ୍ସର ଲୋଇସ ବୋଇସନ୍‌ଙ୍କୁ ହରାଇ ଫାଇନାଲରେ ପହଞ୍ଚିଥିଲେ।

## ପ୍ରଥମଥର ଫିଫା ବିଶ୍ୱକପ୍ ଖେଳିବେ ଉଜବେକିସ୍ତାନ, ଜୋର୍ଡାନ

ଆବୁଧାବି, ୬।୬ (ଏଜେନ୍ସି): ଦୁଇ ଏସୀୟ ରାଷ୍ଟ୍ର ଉଜବେକିସ୍ତାନ ଓ ଜୋର୍ଡାନ ଇତିହାସ ରଚିଛନ୍ତି। ପ୍ରଥମଥର ଲାଗି ଫିଫା ବିଶ୍ୱକପ୍ ଖେଳିବାକୁ ଏହି ଦୁଇ ଦେଶର ଫୁଟ୍‌ବଲ ଟିମ୍ ଯୋଗ୍ୟତା ଅର୍ଜନ କରିଛନ୍ତି। ଫିଫା ବିଶ୍ୱକପ୍ ଲାଗି ଚାଲିଥିବା ଏସୀୟ ଯୋଗ୍ୟତା ପର୍ଯ୍ୟାୟର ଗ୍ରୁପ୍-ଏ'ର ଏକ ମ୍ୟାଚ୍‌ରେ ୟୁଏଇ ବିପକ୍ଷରେ ଉଜବେକିସ୍ତାନ ଗୋଲଶୂନ୍ୟ ଡ୍ର ରଖିଥିଲା। ଏହି ଡ୍ର ଫଳରେ ଉଜବେକିସ୍ତାନ ୧୮ ପଏଣ୍ଟ ପାଇ ଗ୍ରୁପ୍-ଏ'ରେ ଇରାନ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ସ୍ୱୟଂଚାଳିତ ଭାବେ ଯୋଗ୍ୟତା ଅର୍ଜନ କରିଛି। ସେହିଭଳି ଗ୍ରୁପ୍-ବି'ର ଏକ ମ୍ୟାଚରେ ଜୋର୍ଡାନ ୩-୦ ଗୋଲରେ ଇରାକକୁ ହରାଇ ଦ୍ୱିତୀୟ ସ୍ଥାନରେ ରହି ବିଶ୍ୱକପ୍ ଟିକଟ୍ ହାସଲ କରିଛି। ଅପରପକ୍ଷରେ ଦକ୍ଷିଣ କୋରିଆ କ୍ରମାଗତ ୧୧ଥର ଲାଗି ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟ ହୋଇଛି। ଗ୍ରୁପ୍-ବି'ରେ କୋରିଆ ୧୯ ପଏଣ୍ଟ ପାଇ ଶୀର୍ଷରେ ରହିଛି। ସେହିଭଳି ଗ୍ରୁପ୍-ସି'ରୁ ଅଷ୍ଟ୍ରେଲିଆ ଓ ଜାପାନ ମଧ୍ୟ ୨୦୨୬ ଫିଫା ବିଶ୍ୱକପ୍ ଖେଳିବେ।

## ସମସ୍ତ ପ୍ରକାର ଫର୍ମାଟ୍‌ରୁ ଚାୱଲାଙ୍କ ଅବସର



ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଲେଗ୍-ସ୍ପିନର ପିୟୂଷ ଚାୱଲା ଶୁକ୍ରବାର ସମସ୍ତ ପ୍ରକାର କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ସାମାଜିକ ଗଣମାଧ୍ୟରେ ଅବସର ସୂଚନା ଦେଇଥିବା ୩୮ ବର୍ଷୀୟ ଚାୱଲା କହିଛନ୍ତି, 'ପଡ଼ିଆରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତାଇବା ପରେ ଏବେ ଏହି ସୁନ୍ଦର ଖେଳକୁ ଅଲ୍‌ବିଦା କରିବାର ସମୟ ଆସିଯାଇଛି। ଆଇପିଏଲ୍ ଖେଳିବା ମୋ କ୍ୟାରିୟରର ଏକ ବିଶେଷ ମୁହୂର୍ତ୍ତ ରହିଥିଲା। ଆଇପିଏଲ୍ ଖେଳିବା ସମୟରେ ପ୍ରତି ମୁହୂର୍ତ୍ତକୁ ଉପଭୋଗ କରିଛି।' ଦୁଇ ଦୁଇଥର ବିଶ୍ୱକପ୍ (୨୦୦୭ ଟି-୨୦ ଓ ୨୦୧୧ ଦିନିକିଆ) ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିବା ଚାୱଲା ଆଇପିଏଲ୍‌ରେ ତୃତୀୟ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ରହିଛନ୍ତି। ସେ ଆଇପିଏଲ୍‌ରେ ପଞ୍ଜାବ କିଙ୍ଗ୍‌ସ, କୋଲକାତା ନାଇଟ୍ ରାଇଡର୍ସ, ଚେନ୍ନାଇ ସୁପର୍ କିଙ୍ଗ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ମୋଟ୍ ୧୯୨ ମ୍ୟାଚ୍ ଖେଳି ୧୯୨ ୱିକେଟ୍ ନେଇଛନ୍ତି। ସେହିଭଳି ୨୦୦୬ରେ ଭାରତ ପକ୍ଷରୁ ଟେଷ୍ଟ ପଦାର୍ପଣ କରିଥିବା ଚାୱଲା ୨୦୧୨ରେ ତାଙ୍କ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ୩ଟି ଟେଷ୍ଟ, ୨୫ ଏକଦିବସୀୟ ଓ ୭ ଟି-୨୦ ମ୍ୟାଚ୍ ଖେଳିଥିବା ଚାୱଲା ଯଥାକ୍ରମେ ୭, ୩୨ ଓ ୪ଟି ୱିକେଟ୍ ନେଇଛନ୍ତି।

## ଅରବିନ୍ଦ ସ୍ମାରକୀ କ୍ରିକେଟ: ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ୍‌ସ

ଭୁବନେଶ୍ୱର, ୬।୬ (ସମିସ): କଟକର ରାଇଜିଂ ଷ୍ଟୁଡେଣ୍ଟସ ୧୬୮ ରନ୍‌ରେ ନିଜ ସହରର ପ୍ରତିଦ୍ୱନ୍ଦ୍ୱୀ ୟୁନିଅନ ସ୍ପୋର୍ଟିଂକୁ ପରାସ୍ତ କରି ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ସହିଦ୍ ସ୍ପୋର୍ଟିଂ ସହ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ମଧ୍ୟରେ ହେବାକୁ ଥିବା ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମୁକାବିଲାର ବିଜେତା ସହ ରବିବାର ରାଇଜିଂ ଷ୍ଟୁଡେଣ୍ଟସ ଫାଇନାଲ ଖେଳିବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟସ ୬ ୱିକେଟରେ ୩୨୭ ରନ୍ କରିଥିଲା। ଦଳ ପକ୍ଷରୁ ଆଶୀର୍ବାଦ ସ୍ୱାଇଁ ୧୦୪, ଅମିନ ଖାନ୍ ୭୪ ଓ ବିକ୍ରମ ସାମଲ ଅପରାଜିତ ୫୩ ରନ୍ କରିଥିଲେ। ଜବାବରେ ୟୁନିଅନ ସ୍ପୋର୍ଟିଂ ୩୩.୧ ଓଭରରେ ୧୫୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ରାଜୀବ ଲୋଚନ ସାହୁ ୫୧ ଓ ବିଶ୍ୱଜିତ ପ୍ରଧାନ ୩୩ ରନ୍ କରି କିଛିଟା ପ୍ରତିରୋଧ କରିଥିଲେ। ଅମିନ ଖାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ବିଏଏ କ୍ରିକେଟ ସମ୍ପାଦକ ଅଶୋକ ପାତ୍ର।



## ବେକ୍‌ହାମଙ୍କୁ ମିଳିବ 'ନାଇଟ୍' ଉପାଧି

ଲଣ୍ଡନ, ୬।୬ (ଏଜେନ୍ସି): ଇଂଲଣ୍ଡର ପୂର୍ବତନ ମହାନ ଫୁଟ୍‌ବଲ ଖେଳାଳି ଡେଭିଡ୍ ବେକ୍‌ହାମଙ୍କୁ ସମ୍ମାନଜନକ 'ନାଇଟ୍' ଉପାଧି ମିଳିବ। ଫୁଟ୍‌ବଲରେ ଦେଶକୁ ଅତୁଳନୀୟ ଅବଦାନ ଓ ଦାନଶୀଳ କାର୍ଯ୍ୟକ୍ରମ ଲାଗି ୫୦ ବର୍ଷୀୟ ବେକ୍‌ହାମଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ବ୍ରିଟେନର ରାଜା ଚାର୍ଲସ ତୃତୀୟ ତାଙ୍କ ଜନ୍ମଦିନ ସମ୍ମାନ ତାଲିକାରେ ବେକ୍‌ହାମଙ୍କ ନାମକୁ ସାମିଲ କରିଛନ୍ତି। ଆସନ୍ତା ସପ୍ତାହରେ ରାଜା ଚାର୍ଲସ ତୃତୀୟଙ୍କ ଜନ୍ମଦିବସ ଅବସରରେ ଏହି ନାଇଟ୍ ଉପାଧି ବେକ୍‌ହାମଙ୍କୁ ମିଳିବ। ଫଳରେ ବେକ୍‌ହାମଙ୍କ ନାମ ପୂର୍ବରୁ ଏବେ 'ସାର୍' ଯୋଡ଼ିହେବ। ପୂର୍ବରୁ ଇଂଲଣ୍ଡ କ୍ରୀଡ଼ା ଜଗତରୁ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ପୂର୍ବତନ ପ୍ରଶିକ୍ଷକ ଆଲେକ୍ସ ଫର୍ଗୁସନ, ବ୍ରିଟେନ ଟେନିସ ଖେଳାଳି ଆଣ୍ଡି ମୁରେଙ୍କୁ 'ନାଇଟ୍' ଉପାଧି ମିଳିଥିଲା। ବେକ୍‌ହାମ ଇଂଲଣ୍ଡ ପାଇଁ ୧୧୫ ମ୍ୟାଚ୍ ଖେଳି ୧୭ ଗୋଲ୍ ଦେଇଥିଲେ।



## ୮ ବର୍ଷ ପରେ ପ୍ୟାରିସ ଡାଇମଣ୍ଡ ଲିଗ୍ ଖେଳିବେ ନୀରଜ

ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ବିଶ୍ୱର ତାରକା ଜାଭେଲିନ୍ ଫିଙ୍ଗାଳୀ ନୀରଜ ଚୋପ୍ରା ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଥିବା ପ୍ୟାରିସ ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବେ। ନୀରଜଙ୍କ ଏହା ୨ୟ ପ୍ୟାରିସ ଡାଇମଣ୍ଡ ଲିଗ୍ ହେବ। ସେ ୨୦୧୭ରେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

## ରାଜ୍ୟ ଓପନ ଚେସ୍: ଅବିନାଶ ଚାମ୍ପିଅନ

ଭୁବନେଶ୍ୱର,୬।୬ (ଏଜେନ୍ସି): ଜଟଣୀର ଅବିନାଶ ବଳିୟାରସିଂ ଲଡୁକିଶୋର ନାୟକ ସ୍ମାରକୀ ରାଜ୍ୟ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ୬ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ବୁକୋଲଜ୍‌ରେ ଅବିନାଶ ପ୍ରଥମ, କଟକର ରବୀନ୍ଦ୍ର ଓଝା ଦ୍ୱିତୀୟ, ପୁରୀର ମହେଶ ସେଠୀ ତୃତୀୟ, କନ୍ଧମାଳର ଲରେନ୍ସ ପ୍ରଧାନ ଚତୁର୍ଥ, ଜଟଣୀର ସ୍ଥିତପ୍ରଜ୍ଞ ସାହୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହାକୁ ରାଜ୍ୟଗୁଇନ୍ଦା ବିଭାଗର ଡିଏସ୍‌ପି ପ୍ରୟଦର୍ଶିନୀ ନାୟକ ଉଦ୍‌ଘାଟନ କରିଥିଲାବେଳେ ଆଇଆଇଏଫ୍‌ଏଲ୍‌ର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ ରୟାଲ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇଥିଲେ।



୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ

## ଦିବ୍ୟାଂଶୁଙ୍କୁ ୫ ୱିକେଟ; କଟକ-ବି ବିଜୟୀ

କଟକ,୬।୬(ସମିସ):

ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଶୁକ୍ରବାର କଟକ-ବି ୫ ୱିକେଟରେ ଅନୁଗୋଳକୁ ପରାସ୍ତ କରିଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅନୁଗୋଳ ଦଳ ଟସ୍ ଜିତି ସମସ୍ତ ୱିକେଟ ହରାଇ ୧୧୮ ରନ କରିଥିଲା। ଦଳ ପକ୍ଷରୁ ସତ୍ୟ ବେହେରା ୨୮ ଏବଂ ସୌମ୍ୟ ସିଂହ ୨୫ ରନ ସଂଗ୍ରହ କରିଥିଲେ। କଟକ-ବି'ର ଦିବ୍ୟାଂଶୁ ନାୟକ ୪୦ରନ ବିନିମୟରେ ୫ଟି ୱିକେଟ ଦଖଲ କରିଥିଲେ। ଅଭିଷେକ ସେନାପତିଙ୍କୁ ୩ଟି ୱିକେଟ ମିଳିଥିଲା। ୨୬.୪ ଓଭରରେ କଟକ-ବି ବିଜୟଲକ୍ଷ୍ୟ ହାସଲ କରିଥିଲା। ଅଭିଷେକ କାଳିଆ ସର୍ବାଧିକ ୩୭ ରନ କରିଥିଲେ। ୫ ୱିକେଟ ସଫଳତା ପାଇଥିବା ଦିବ୍ୟାଂଶୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା।



ଦିବ୍ୟାଂଶୁ ନାୟକ | ଧୀରଜ କୁମାର ମାଝୀ | ମୌସମରାଜ ନାଗ୍

ସେହିଭଳି ବିଡ଼ାନାସୀ ଗ୍ରାଉଣ୍ଡରେ ବଲାଙ୍ଗୀର ୧୦ ୱିକେଟରେ କଳାହାଣ୍ଡିକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରି କଳାହାଣ୍ଡି ସମସ୍ତ ୱିକେଟ ହରାଇ ମାତ୍ର ୯୬ରନ କରିଥିଲା। ବଲାଙ୍ଗୀରର ମୌସମରାଜ ନାଗ ୪ଟି ୱିକେଟ ଦଖଲ କରିଥିଲେ। ଜବାବରେ ଭବ୍ୟ ପଧାରିଆଙ୍କ ୪୬ ଏବଂ ସମରପ୍ରୀତ ପଟେଲଙ୍କ ୪୨ ରନର ଅପରାଜିତ ପାଳି ବଳରେ ବଲାଙ୍ଗୀର ସହଜ ବିଜୟ ହାସଲ କରିଥିଲା। ମୌସମରାଜ ଏହି ମ୍ୟାଚର ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ। ସନସାଇନ ଗ୍ରାଉଣ୍ଡରେ ସମ୍ବଲପୁର-ଏ ୭ ୱିକେଟରେ ଗଜପତିକୁ ପରାସ୍ତ କରିଥିଲା। ୪ ୱିକେଟ ଅକ୍ତିଆର କରିଥିବା ବିଜୟୀ ଦଳର ଆୟୁଷ ସୋନିଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ସୁନ୍ଦରଗଡ଼ ୭ ୱିକେଟରେ ମୟୂରଭଞ୍ଜକୁ, କୋରାପୁଟ ୧୯ ରନରେ ଜଗତସିଂହପୁରକୁ, ମାଲକାନଗିରି ୧ ୱିକେଟରେ ଦେବଗଡ଼କୁ ହରାଇଥିଲା। ସୁନ୍ଦରଗଡ଼ର ଧୀରଜ ମାଝୀ (୪ ୱିକେଟ୍) ଓ ମାଲକାନଗିରିର ସାନା ଶ୍ରେୟାସ (୪ ୱିକେଟ୍) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ନନ୍ଦୀତା ଜେନା
ଆବିର୍ଭାବ: ୧୦.୦୪.୧୯୮୭, ତିରୋଧାନ: ୨୮.୦୫.୨୦୨୫
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ହତଭାଗ୍ୟ ସ୍ୱାମୀ: ପ୍ରବୀର ଜେନା,
ପୁତ୍ର: ବିଘ୍ନରାଜ, ଅବିନାଶ, ପ୍ରମୋଦ, କନ୍ୟା: ସ୍ମାରକୀ, ଶ୍ରାବଣୀ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS